ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ରବିବାର, ଜୁଲାଇ ୬/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, July 6/2025 Page 16 ₹ 7.00 | BALASORE
୫୧ଶ ଭାଗ ୨୨୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 221 ମୂଲ୍ୟ₹୭/-



KP GROUP
Quality Since 1965

# Safal

PAN MASALA

କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ




0% TOBACCO • NICOTINE NOT ADDED • NOT FOR MINORS ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଜୁଲାଇ ୬/୨୦୨୫ | Bhubaneswar, Sunday, July 6/2025 | ପୃଷ୍ଠା-୧




**ଗିଲ୍‌ଙ୍କ ଶତକ**

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟର ଦ୍ୱିତୀୟ ଇନିଂସରେ ଶତକ ହାସଲ କରିଛନ୍ତି ଭାରତୀୟ ବ୍ୟାଟର ଶୁଭମନ ଗିଲ୍।

୧୪

୧୦

**ସେନା ଅଧିକାରୀ ଭୂମିକାରେ ସଲ୍‌ମାନ**

ଅପୂର୍ବ ଲାଖିଆଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଥିବା ୱାର୍ ଡ୍ରାମା ଫିଲ୍ମ 'ବ୍ୟାଟଲ ଅଫ୍ ଗଲ୍‌ୱାନ'ରେ ସଲ୍‌ମାନ ଖାନ୍‌ଙ୍କୁ ସେନା ଅଧିକାରୀ ଭୂମିକାରେ ଦେଖିବାକୁ ମିଳିବ।



# ହିନ୍ଦୀକୁ ବିରୋଧ ଠାକ୍‌ରେ ଭ୍ରାତା ଏକାଠି

## ୨୦ ବର୍ଷ ପରେ ଗୋଟିଏ ମଞ୍ଚରେ

ମୁମ୍ବାଇ,୫।୭(ପି.ଟି./ଏଜେନ୍ସି)

୨୦୦୩ରେ ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେ ପୁଅ ଉଦ୍ଧବ ଠାକ୍‌ରେଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ଘୋଷଣା କରିବା ସହ ରାଜନୈତିକ ଉତ୍ତରାଧିକାରୀ ହେବା ପଥ ସୁଗମ କରିଥିଲେ। ବାଲ୍ ଠାକ୍‌ରେଙ୍କ ପୁତୁରା ରାଜ୍ ଠାକ୍‌ରେ ଏଥିରେ କ୍ଷୁବ୍ଧହୋଇ ୨୦୦୬ରେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ନାମରେ ପୃଥକ୍ ରାଜନୈତିକ ଦଳ ଗଢ଼ିଥିଲେ। ଉଦ୍ଧବ ଓ ରାଜ୍‌ଙ୍କୁ ୨୦୦୫ରେ ଶେଷ ଥର ପାଇଁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। ଦୁଇ ଦଶନ୍ଧିର ରାଜନୈତିକ ବିଚ୍ଛେଦ ପରେ ମହାରାଷ୍ଟ୍ରରେ ହିନ୍ଦୀ ବିରୋଧୀ ବିଚାରଧାରା ଦୁଇଭାଇଙ୍କୁ ଏବେ ପୁଣି ଏକାଠି କରିଛି। କ୍ଷମତାସୀନ ମହାଯୁତି ସରକାର ଜାତୀୟ ଶିକ୍ଷାନୀତି (ଏନ୍‌ଇପି-୨୦୨୦) ଅଧୀନ ତିନିଭାଷା ସୂତ୍ର ବଳରେ ପ୍ରାଥମିକ ସ୍କୁଲଗୁଡ଼ିକରେ ହିନ୍ଦୀ ଭାଷାର ପ୍ରଚଳନକୁ ବାଧ୍ୟତାମୂଳକ କରିଥିଲେ। କିନ୍ତୁ ହିନ୍ଦୀ ଭାଷାକୁ ମରାଠୀଙ୍କ ଉପରେ ଜବରଦସ୍ତ ଲଦି ଦିଆଯିବାକୁ ବରଦାସ୍ତ କରାଯିବ ନାହିଁ ବୋଲି ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ଜୋର୍‌ଦାର ବିରୋଧ କରାଯିବାରୁ ଜୁନ୍ ୨୯ରେ ରାଜ୍ୟ ସରକାର ବାଧ୍ୟହୋଇ ନିଜ ନିର୍ଦ୍ଦେଶନାମା ପ୍ରତ୍ୟାହାର କରିନେଲେ। ଶିବସେନା ୟୁବିଟି ମୁଖ୍ୟ ଉଦ୍ଧବ ଏବଂ ଏମ୍‌ଏନ୍‌ଏସ୍ ସୁପ୍ରିମୋ ରାଜ୍ ଏହାକୁ 'ମରାଠୀଙ୍କ ବିଜୟ' ବୋଲି ଅଭିହିତ କରି ଶନିବାର ମୁମ୍ବାଇର ଓର୍ଲିରେ 'ଭିକ୍ଟ୍ରି ରାଲି' କରିଛନ୍ତି। ଉଦ୍ଧବଙ୍କ ସହ ମଞ୍ଚାସୀନ ରାଜ୍ କହିଛନ୍ତି, ଯାହା ବାଲ୍ ଠାକ୍‌ରେ କରିପାରି ନ ଥିଲେ, ତାହା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କ ଯୋଗୁ ସମ୍ଭବ ହୋଇପାରିଛି। ଉଦ୍ଧବ ମଧ୍ୟ 'ଆମେ ଏକାଠି ହୋଇଛୁ, ଏକାଠି ରହିବୁ' କହି ଆଗକୁ ହେବାକୁ ଥିବା ବ୍ରିହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ସମେତ ଅନ୍ୟ ପୌରପାଳିକା ନିର୍ବାଚନ ମିଳିତ ଭାବେ ଲଢ଼ିବା ପାଇଁ ସଙ୍କେତ ଦେଇଛନ୍ତି। ସଦ୍ୟ ଘଟଣାକ୍ରମ ଆଗାମୀ ଦିନରେ ମହାରାଷ୍ଟ୍ର ରାଜନୀତିରେ ବଡ଼ ପରିବର୍ତ୍ତନ ଆଣିପାରେ ବୋଲି ଚର୍ଚ୍ଚା ହେଉଛି।

(ଅଧିକ ରିପୋର୍ଟ: ଜାତୀୟ/ ଅନ୍ତର୍ଜାତୀୟ ପୃଷ୍ଠା)



ଶ୍ରୀମସ୍ତକରେ ଟାହିଆ ସୁଶୋଭିତ, ଘଣ୍ଟ, କାହାଳି ତାଳେ ତାଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାବବିହ୍ୱଳ ପରିବେଶରେ ଧାଡ଼ି ପହଣ୍ଡିରେ ନନ୍ଦିଘୋଷ ରଥକୁ ବିଜେ ହେଉଛନ୍ତି।

# ଜନ୍ମବେଦିରୁ ବାହୁଡ଼ିଲେ ମହାପ୍ରଭୁ

## ଆଜି ସୁନାବେଶରେ ଝଲସିବେ ଦାରୁଦିଅଁ

ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)

ପବିତ୍ର ଆଷାଢ଼ ଶୁକ୍ଳପକ୍ଷ ଦଶମୀ ତିଥି ଅବସରରେ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ମହାପ୍ରଭୁ ଜଗନ୍ନାଥ ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ମା' ସୁଭଦ୍ରାଙ୍କୁ ସାଙ୍ଗରେ ଧରି ଜନ୍ମବେଦି ଆଡ଼ପ ମଣ୍ଡପ ଛାଡ଼ି କର୍ମବେଦି ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଗଡ଼ିଛି ଦାରୁବିଗ୍ରହଙ୍କ ତିନି ରଥ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତିକାନ୍ତିର ଯଥେଷ୍ଟ ପୂର୍ବରୁ ରଥଟଣା ଆରମ୍ଭ ହୋଇଥିଲା। ଘଣ୍ଟ ଘଣ୍ଟା, ନୃତ୍ୟ ସଙ୍ଗୀତ ମଧ୍ୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ପ୍ରଥମେ ବଳଭଦ୍ରଙ୍କ ରଥ ସନ୍ଧ୍ୟା ୭ଟା ୫ରେ ଶ୍ରୀମନ୍ଦିର ସମ୍ମୁଖରେ ଲାଗିଥିବାବେଳେ ପରେ ମା' ସୁଭଦ୍ରା ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ପହଞ୍ଚିଥିଲା। ରବିବାର ମହାପ୍ରଭୁ ରଥ ଉପରେ ସୁନାବେଶରେ ଦର୍ଶନ

☞ପୃଷ୍ଠା-୨

# ୯ରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ


## ପେନ୍‌ସନ, ପଦବୀ ପୂରଣ ଦାବି

ଭୁବନେଶର,୫।୭ (ଅନୁରାଧା ମହାରଣା)

ଆସନ୍ତା ୯ ତାରିଖରେ ସର୍ବଭାରତୀୟ ବ୍ୟାଙ୍କର କର୍ମଚାରୀ ଓ ଅଫିସର୍ସ ସଂଘ ଏଆଇବିଇଏ, ବିଇଏଫ୍‌ଆଇ ଏବଂ ଏଆଇବିଓଏ ପକ୍ଷରୁ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। କେନ୍ଦ୍ର ସରକାରଙ୍କ କଳା ୪ ଶ୍ରମକୋଡ୍‌ର ବାତିଲ, ବ୍ୟାଙ୍କ ସମେତ ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ବନ୍ଦ କରିବା, ସମସ୍ତଙ୍କୁ ସର୍ବନିମ୍ନ ପେନ୍‌ସନ ୯ ହଜାର ଟଙ୍କା ଦେବା, ଆଉଟ୍‌ସୋର୍ସିଂ ଠିକା ନିଯୁକ୍ତି ବନ୍ଦ କରି ସ୍ଥାୟୀ ନିଯୁକ୍ତି ପ୍ରଦାନ, ସମାନ କାମକୁ ସମାନ ଦରମା, ସରକାରୀ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଖାଲିଥିବା ପଦବୀ ପୂରଣ, ସର୍ବନିମ୍ନ ମାସିକ ମଜୁରୀ ୨୬ ହଜାର ଟଙ୍କା ଦେବା, ପୁରୁଣା ପେନସନ ସ୍କିମ୍‌ର ପୁନଃ ପ୍ରଚଳନ ଆଦି ୧୭ ଦଫା ଦାବି କରାଯାଇଛି। ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଏବଂ ଶତାଧିକ କ୍ଷେତ୍ରୀୟ ଫେଡ଼େରେଶନଙ୍କ ମିଳିତ ମଞ୍ଚର ଜାତୀୟ କନ୍‌ଭେନ୍‌ଶନରେ ଏହି ଘୋଷଣା କରାଯାଇଛି। ଏଥିସହ ବ୍ୟାଙ୍କର ସାଧାରଣ ଗ୍ରାହକଙ୍କ ଉପରୁ ସେବାକର ପ୍ରତ୍ୟାହାର, କର୍ପୋରେଟ୍‌ଙ୍କ ଖିଲାପୀ ଋଣର ଅସୁଲ ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ବୀମା ପଲିସି ଉପରୁ ଜିଏସ୍‌ଟି ପ୍ରତ୍ୟାହାର ଆଦି ଦାବିରେ ଏହି ଧର୍ମଘଟ ଆହ୍ୱାନ ଦିଆଯାଇଛି।

☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଏକାତ୍ମ ମାନବବାଦରେ ବିଶ୍ୱାସ




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ, ସତ୍‌ସଙ୍ଗ ବିହାର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: କମର୍ସ ମେରିଟ୍ ଏକାଡେମୀ, ସତ୍ୟନଗର, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଅତିବଡ଼ୀ ଜଗନ୍ନାଥ ଦାସ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ସମ୍ମିଳନୀ କକ୍ଷ ସଂସ୍କୃତି ଭବନ, କଳ୍ପନା ଛକ ନିକଟ ବିଜେବି ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବାଲେଶ୍ୱର
- ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ବର୍ତ୍ତନା, ଖଇରା, ସମୟ: ସକାଳ ୮ଟା।
- ସୁନାବେଶ ଦର୍ଶନ, ସ୍ଥାନ: ଇମାମୀ ମନ୍ଦିର, ରେମୁଣା, ସମୟ: ସକାଳ ୮ଟା ୩୦।
- ରୋଟାରୀ କ୍ଲବର ଅଧିଷ୍ଠାନ ଦିବସ, ସ୍ଥାନ: ରୋଟାରୀ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ହରିଶୟନ ଏକାଦଶୀ (ବଡ଼), ରାଜାରାଜେଶ୍ୱର ବେଶ, ରଥଟଣା, ସ୍ଥାନ: ବଡ଼ଦାଣ୍ଡ, ନୀଳଗିରି, ସମୟ: ଅପରାହ୍ନ ୩ଟା।
- ହରିଶୟନ ନୀତି, ସ୍ଥାନ: ବଡ଼ଦାଣ୍ଡ, ନୀଳଗିରି, ସମୟ: ରାତି ୧୦ଟା ୩୦।

## ଭଦ୍ରକ
- ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ବାସୁଦେବପୁର, ସମୟ: ସକାଳ ୯ଟା।
- ଭଦ୍ରକ କଲେଜର ୭୮ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷାବିତ୍ ସ୍ୱର୍ଗତ ନିତ୍ୟାନନ୍ଦ ବିଶ୍ୱାଳଙ୍କ ଶ୍ରାଦ୍ଧ ସମାରୋହ, ସ୍ଥାନ: ଆମ ପାଠାଗାର ପରିସର, ଧାମନଗର ହାଇସ୍କୁଲ, ସମୟ: ଅପରାହ୍ନ ୪ଟା।
- ହଜରତ ଇମାମ ହୋସେନଙ୍କ ଜନ୍ମଦିନ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ମଦିନା ମଇଦାନ, ନଙ୍ଗାମହଲା, ଭଦ୍ରକ, ସମୟ: ରାତି ୧୦ଟା।

## କେନ୍ଦୁଝର
- ରାଜନଗର ଦଧିବାମନ ଜୀଉଙ୍କ ସୁନାବେଶ, ସ୍ଥାନ: ରାଜନଗର ସିଂହ ଦ୍ୱାର, ପାଟଣା, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ଅଭିଭାବକ ବୈଠକ, ସ୍ଥାନ: ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ସାହି, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ରଥଟଣା, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର, ବାରିପଦା, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର
- ଆର୍ଯ୍ୟଭଟ୍ଟ ପକ୍ଷରୁ ପ୍ରେରଣା କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ଅପରାହ୍ନ ୪.୩୦।

## ଗଞ୍ଜାମ
- ଏକାଦଶୀ ଉପଲକ୍ଷେ ମଞ୍ଚସ୍ଥ ହେବ ନାଟକ'ସତୀ ଲୁହରେ ଜଳୁଛି ଲଙ୍କା', ସ୍ଥାନ: ବୁଗୁଡା ବଡଦାଣ୍ଡ , ସମୟ: ସନ୍ଧ୍ୟା ୬ ଟା ୫ ।

## ଜଗତ୍‌ସିଂହପୁର
- ବଟଶ୍ରୀ ଚ୍ୟାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ତିର୍ତ୍ତୋଲ ସରସତୀ ଶିଶୁ ବିଦ୍ୟା ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥଟଣା, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ଭଜନସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ବଳଦେବଜୀଉ ମନ୍ଦିର ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ସ୍ୱାଧୀନତା ସଂଗ୍ରାମୀ ବାଉରୀବନ୍ଧୁ ମହାନ୍ତିଙ୍କ ସ୍ମୃତି ସମାରୋହ, ସ୍ଥାନ: ଅନ୍ଧୁଳି ମଠ, ମହାକାଳପଡା, ସମୟ: ସକାଳ ୯ଟା।

## ଯାଜପୁର
- ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଠାକୁରଙ୍କ ସୁନାବେଶ ଓ ପୂଜ୍ୟପୂଜା ସମ୍ବର୍ଦ୍ଧନା, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଭାଲୁଖାଇ ଜଗନ୍ନାଥ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।

## ନୟାଗଡ଼
- ବଡ ଏକାଦଶୀରେ ତିନି ଠାକୁରଙ୍କ ସୁନାବେଶ , ସ୍ଥାନ:ନୟାଗଡ ପୁରୁଣା ସହର ବଡଦାଣ୍ଡ ; ଗୋଡିପଡା ; ଖଣ୍ଡପଡା ବଡଦାଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ହରିଶୟନ ଏକାଦଶୀ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ବଡ ଏକାଦଶୀରେ ତିନି ଠାକୁରଙ୍କ ସୁନାବେଶ ଅବସରରେ ନାଟକ, ସ୍ଥାନ:ଓଡଗାଁ ବ୍ଲକ କୁରାଳ, ସମୟ: ରାତି ୧୦ଟା।

## ରାୟଗଡ଼ା
- ଶ୍ରୀଜୀଉଙ୍କ ସୁନାବେଶ, ସ୍ଥାନ: ଶ୍ରଦ୍ଧା ଶ୍ରୀକ୍ଷେତ୍ର, ରାୟଗଡା, ସମୟ: ସକାଳ ୬ଟା।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବେଲମଗୁଡା, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: କମିଶନର କଲୋନୀ ପଡିଆ, ସମୟ: ସକାଳ ୫ଟା ୩୦।
- ହୀରାକୁଦ ବନ୍ଧରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ, ସ୍ଥାନ: ହୀରାକୁଦ ବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ପ୍ରସ୍ତୁତି, ସ୍ଥାନ: ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା, ସମୟ: ପୂର୍ବାହ୍ନ ୧୦ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦ ।

## ବଲାଙ୍ଗୀର
- ନିର୍ମାଲ୍ୟ କଣିକା ମହୋତ୍ସବ–୨୦୨୫, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଲୋଇସିଂହା, ସମୟ: ଅପରାହ୍ନ ୩ଟା।

## ରାଉରକେଲା
- ଅସ୍ତିତ୍ୱର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ସେକ୍ଟର–୫ ଆଦର୍ଶ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।
- ବାସି ବାହୁଡା ଯାତ୍ରା, ସ୍ଥାନ: ଝିରପାଣି ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୨ଟା।
- ରାଉରକେଲା କେନ୍ଦ୍ରୀୟ ମହରମ୍ କମିଟି ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ପୁରୁଣା ଷ୍ଟେଶନ ରୋଡ୍, ସମୟ: ଅପରାହ୍ନ ୪ଟା।

## ବରଗଡ଼
- ବୃକ୍ଷରୋପଣ, ପରିବେଶ ସଚେତନତା ଶିବିର,ସ୍ଥାନ: ବରେଇବିରା, ବରଗଡ଼, ସମୟ:ସକାଳ ୭ଟା।

## ବୌଦ୍ଧ
- ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ, ସ୍ଥାନ: ଜଗନ୍ନାଥ ମନ୍ଦିର ରଥଖଳା, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ବିଧାୟକଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବାହୁଡ଼ା ଯାତ୍ରା ପାଇଁ ଦେବଗଡ଼ରେ ରଥାରୂଢ଼ ହେବେ ତିନିଠାକୁର, ସ୍ଥାନ: ପୁରୁଣାଗଡ଼, ଦେବଗଡ଼, ସମୟ: ଅପରାହ୍ନ ୩ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୋନପୁର ଗଡଭିତର ବଡ ଜଗନ୍ନାଥଙ୍କ ରଥଟଣା, ସ୍ଥାନ: ଗୁଣ୍ଡିଚା ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୩ଟା।
- ସୋନପୁର ଘୋଡାଘାଟପଡା ଦଧିବାବନ ମହାପ୍ରଭୁଙ୍କ ରଥଟଣା, ସ୍ଥାନ: ସୋନପୁର ଥାନା ସମ୍ମୁଖ, ସମୟ: ଅପରାହ୍ନ ୩ଟା।

# ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର କାନ୍ଥ

**ବର୍ତ୍ତିଲେ ୨ ପରିବାରର ୭ ସଦସ୍ୟ**

ଲାଞ୍ଜିଗଡ଼,୫।୭ (ରମେଶ ଚନ୍ଦ୍ର ନାୟକ)

ଲଗାଣ ବର୍ଷା ଯୋଗୁ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍‌ରେ ଘରକାନ୍ଥ ଭୁଶୁଡି ପଡିବାରୁ ୨ ପରିବାରର ୭ ସଦସ୍ୟ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଉପର ଦମାଘାଟି ଓ ବିଜେପୁର ପଞ୍ଚାୟତ ସ୍ଥିତ ବିଜେପୁର ଗ୍ରାମରେ ଦୁଇଟି ଘରର କାନ୍ଥ ବର୍ଷାରେ ଭୁଶୁଡ଼ି ପଡ଼ିଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ଅନୁସାରେ ସାରା ରାଜ୍ୟରେ ଗତ ୨୫ ତାରିଖରୁ ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି। ଏହାର ପ୍ରଭାବ ଲାଞ୍ଜିଗଡ଼ ବ୍ଲକ୍ ଅଞ୍ଚଳରେ ଦେଖିବାକୁ ମିଳିଛି। ଅନେକ ଚାଷୀଙ୍କ ଫସଲ କ୍ଷୟକ୍ଷତି ହୋଇଥିବାବେଳେ ନଦୀକୂଳିଆ ଗାଁର ଲୋକେ ପାଣି ଘେରରେ ରହିଛନ୍ତି। ବିଭିନ୍ନ ସ୍ଥାନରେ ଯାତାୟାତରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ବର୍ଷା ଯୋଗୁ ଲାଞ୍ଜିଗଡ଼ ବ୍ଲକ୍ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଉପର ଦମାଘାଟି ଗାଁର ରାମପୁରିଆ ହରିଜନଙ୍କ ଘର କାନ୍ଥ ଶୁକ୍ରବାର ରାତିରେ ଭୁଶୁଡ଼ିପଡିଛି। ଏହି ସମୟରେ ଘରେ ଥିବା ରାମପୁରିଆ ଓ ତାଙ୍କ ସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରାମପୁରିଆ ଜଣେ ଦିନ ମଜୁରିଆ। ଏହି ଦମ୍ପତି ଝାଟିମାଟି କୁଡ଼ିଆରେ ଦୀର୍ଘବର୍ଷ ହେଲା ମୁଣ୍ଡ ଗୁଞ୍ଜି ଆସୁଥିଲେ। ହେଲେ ବର୍ତ୍ତମାନ ମାଟିକାନ୍ଥ ଭାଙ୍ଗିଯାଇଥିବାରୁ ସେମାନେ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। ସେହିପରି ବିଜେପୁର ପଞ୍ଚାୟତ ବିଜେପୁର ଗ୍ରାମର ରାମଦାସ ନାଏକଙ୍କ ଘର କାନ୍ଥ ଶନିବାର ସକାଳେ ଭୁଶୁଡ଼ିଯାଇଛି। ଏହି ସମୟରେ ଘରେ ଥିବା ରାମଦାସଙ୍କ ସମେତ ସ୍ତ୍ରୀ ଧନମାଳୀ ନାଏକ, ୩ ପୁଅ ମଦନ, ଆକାଶ ଓ ମୁକୁନ୍ଦ ନାଏକ ବାହାରକୁ ଚାଲିଆସି ଜୀବନ ବଞ୍ଚାଇଛନ୍ତି। ଉଭୟ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ବ୍ଲକ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ସହାୟତା ପ୍ରଦାନ କରିବାକୁ ସେମାନେ ଗୁହାରି କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମଇଁଷି ଶିଙ୍ଗ ଫଟା,
ଯୁଝିଲା ବେଳକୁ ଗୋଟା।**

ମଇଁଷି ଦଳ ନିଜ ନିଜ ଭିତରେ ଯେତେ ମାଡ଼ଗୋଳ ହୁଅନ୍ତୁ ପଛେ ବିପଦ ପଡିଲେ ସମସ୍ତେ ଏକଜୁଟ ହୋଇ ଲଢ଼ିବାକୁ ବାହାରି ପଡନ୍ତି। ଦଳ ପ୍ରତି ଥିବା ଆନୁଗତ୍ୟ ଯୋଗୁ ଏପରି ହୋଇଥାଏ। ଏକତା ହିଁ ଶକ୍ତିର ଉତ୍ସ। ବାହ୍ୟ ଶତ୍ରୁ ଆକ୍ରମଣ କଲେ ପାରସ୍ପରିକ ବିବାଦ ଭୁଲି ପୁଣି ଏକମନ ହୋଇ ବିପଦର ମୁକାବିଲା କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମିଥୁନ ବରଷା ମହୀରେ ମାର
କଙ୍କଡ଼ା ବରଷା ନଈରେ ଧାର।**


ସାଧାରଣତଃ ଆଷାଢ଼ ମାସରେ ଭଲ ବର୍ଷା ହେଲେ ଚାଷ କାମ ଠିକ୍‌ଠାକ୍ ବା ଭଲ ହେଉଥିବାର ଜଣାଯାଏ। ତେବେ ଶ୍ରାବଣ ମାସରେ ବର୍ଷା ହେଲେ ନଈରେ ବନ୍ୟା ଆସିବାର ସମ୍ଭାବନା ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଏକ୍ସପାଏରି ମଲମରେ ଚିକିତ୍ସା




ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟାଣ୍ଡେଜ୍ ପାଇଁ ବ୍ୟବହାର ହୋଇଥିବା ଏକ୍ସପାଏରି ସ୍ପିରିଟ୍ ଓ ମଲମ।

- **ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା**
- **ମେଡିକାଲ ଷ୍ଟୋର୍ ରୁମ୍‌ରୁ ବହୁ ଏକ୍ସପାଏରି ମେଡିସିନ ଜବତ**

ବଇଣ୍ଡା,୫।୭(ପରିକ୍ଷିତ ସାହୁ)

ଆଘାତ ସ୍ଥାନରେ ଏକ୍ସପାଏରି ମଲମ ଓ ସ୍ପିରିଟ୍ ଲଗାଇ ବ୍ୟାଣ୍ଡେଜ୍ କରାଯିବାକୁ ନେଇ ଅନୁଗୋଳ ଜିଲା ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଉତ୍ତେଜନା ଦେଖାଦେଇଛି। ବିରୋଧ ବଢ଼ିବା ଦେଖି କର୍ମଚାରୀମାନେ ଡାକ୍ତରଖାନାରେ ତାଲା ପକାଇ ପଳାଇ ଯାଇଛନ୍ତି। ଏ ନେଇ କିଶୋରନଗର ବ୍ଲକ ହଣ୍ଡପା ଗ୍ରାମର ଗୁଲ୍‌ଜାର ଖାଁ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଗୌରୀ ଶଙ୍କର ବଳଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବହୁ ଏକ୍ସପାଏରି ମେଡିସିନ ଜବତ କରିଛି।

ଗୁଲ୍‌ଜାର ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ହାତ ଆଙ୍ଗୁଠିରେ ଆଘାତ ଲାଗିଥିଲା। ସେ ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟାଣ୍ଡେଜ୍ କରିବା ପାଇଁ ଆସିଥିଲେ। ମେଡିକାଲର ଜଣେ କର୍ମଚାରୀ ତାଙ୍କର ବ୍ୟାଣ୍ଡେଜ୍ କରିଥିଲେ। ହେଲେ କର୍ମଚାରୀ ଜଣକ ଯେଉଁ ସ୍ପିରିଟ୍ ଓ ମଲମ ବ୍ୟବହାର କରିଥିଲେ ତାହା ଏକ୍ସପାଏରି ହୋଇଯାଇଥିଲା। ଏହା ଦେଖି ଗୁଲ୍‌ଜାର ପ୍ରତିବାଦ କରିଥିଲେ। କିନ୍ତୁ କର୍ମଚାରୀ ଜଣକ ଏକ୍ସପାଏରି ମଲମ ଲଗାଇଲେ କୌଣସି କ୍ଷତି ହେବ ନାହିଁ ବୋଲି କହି ବ୍ୟାଣ୍ଡେଜ୍ କରିଦେଇଥିଲେ। ଏ ସମ୍ପର୍କରେ ଗୁଲ୍‌ଜାର କମ୍ପାଉଣ୍ଡରଙ୍କ ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ଔଷଧ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଯୋଗାଇ ଦିଆଯାଉ ନାହିଁ ବୋଲି କମ୍ପାଉଣ୍ଡର କହିଥିଲେ। ଗୁଲ୍‌ଜାର ଏହାର ବିରୋଧ କରିବା ସହ ଅଞ୍ଚଳବାସୀଙ୍କୁ ଜଣାଇଥିଲେ। ଫଳରେ ଘଟଣାକୁ ନେଇ ମେଡିକାଲରେ ଉତ୍ତେଜନା ଦେଖାଦେଇଥିଲା। ଅଞ୍ଚଳବାସୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଖବରପାଇ କର୍ମଚାରୀମାନେ ତାଲା ପକାଇ ପଳାଇ ଯାଇଥିଲେ। ଏହାପରେ ଗୁଲ୍‌ଜାର ଥାନାକୁଯାଇ ଲିଖିତ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବଳ କହିଥିବା ବେଳେ ଅପରାହ୍ନରେ ତାଙ୍କ ନିର୍ଦ୍ଦେଶରେ ବଇଣ୍ଡା ମେଡିକାଲର ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ, କିଶୋରନଗର ମେଡିକାଲର ଫାର୍ମାସିଷ୍ଟ ସରୋଜ କୁମାର ସାହୁ, ସୁପରଭାଇଜର ନାରାୟଣ ଦେହୁରୀ ହଣ୍ଡପା ମେଡିକାଲରେ ପହଞ୍ଚି ଔଷଧ ଗୋଦାମ ଗୃହ ଯାଞ୍ଚ କରି ସେଥିରୁ ବହୁ ଏକ୍ସପାଏରି ମେଡିସିନ ଜବତ କରିଥିଲେ। ପରେ ଉକ୍ତ ଏକ୍ସପାଏରି ମେଡିସିନଗୁଡ଼ିକୁ ଅଞ୍ଚଳବାସୀ ପୋଲିସ ଜିମା ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ଜନ୍ମବେଦିରୁ ବାହୁଡ଼ିଲେ ...

ଦେବେ। ସୁନାବେଶରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବାର ସମ୍ଭାବନା ଥିବାରୁ ମନ୍ଦିର ଏବଂ ଜିଲା ପ୍ରଶାସନର ସମନ୍ୱୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶନିବାର ପାଗ ଅନୁକୂଳ ଥିବା ଯୋଗୁ ଶ୍ରୀକ୍ଷେତ୍ରରେ ପ୍ରାୟ ୧୨ଲକ୍ଷ ଲୋକଙ୍କ ସମାଗମ ହୋଇଥିଲା। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ରାତିରେ ପହୁଡ଼ ଆଳତି ଅନୁଷ୍ଠିତ ହୋଇଥିଲା। ପରେ ୮ଟା ୨୫ରେ ଶ୍ରୀମୁଖ ଖଣ୍ଟୁଆ, ୮ଟା ୫୫ଟାରେ ବାହୁଟକଣ୍ଟ ହୋଇ କୋଠ ସୁଆଁସିଆଙ୍କ ପକ୍ଷରୁ ସିଂହାସନରେ ଚାରମାଳ ବନ୍ଧାଯାଇଥିଲା। ପରେ ରାତି ୧୨ଟା ୧୦ରେ ଦଇତାପତି ସେବକମାନେ କୁସୁମଲାଗି କରିଥିଲେ। ଶନିବାର ସକାଳ ୬ଟା ୪୦ରେ କୁସୁମଲାଗି ନୀତି ସମ୍ପନ୍ନ ହୋଇଥିଲା। ସକାଳ ୭ଟା ୫ ରେ ମଙ୍ଗଳ ଆଳତି, ୭ଟା ୧୦ରେ ମଇଲମ, ତଡ଼ପ ଲାଗି ୭ଟା ୧୫, ରୋଷ ହୋମ ୭ଟା ୧୦, ଅବକାଶ ପୂଜା ୭ଟା ୪୦, ସୂର୍ଯ୍ୟପୂଜା ୮ଟା ୫, ଦ୍ୱାରପାଳ ପୂଜା ୮ଟା ୨୦ ଓ ଡୋରଲାଗି ହୋଇ ସକାଳ ୯ଟା ୫୫ରେ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥିଲା। ପର୍ଯ୍ୟାୟକ୍ରମେ ଶ୍ରୀବିଗ୍ରହମାନଙ୍କ ଧାଡ଼ି ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ମା' ସୁଭଦ୍ରାଙ୍କ ପହଣ୍ଡି ହୋଇଥିବାବେଳେ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ସମ୍ପନ୍ନ ହୋଇଥିଲା। ଦିନ ୧୨ଟା ୩୦ରେ ଶ୍ରୀବିଗ୍ରହମାନଙ୍କ ପହଣ୍ଡି ଶେଷ ହୋଇଥିଲା। ନିର୍ଦ୍ଧାରିତ ସମୟଠାରୁ ବହୁ ପୂର୍ବରୁ ପହଣ୍ଡି ଆରମ୍ଭ ହୋଇଥିଲା। ଶ୍ରୀବିଗ୍ରହଙ୍କ ପହଣ୍ଡି ପରେ ଚଳନ୍ତି ପ୍ରତିମା ରାମକୃଷ୍ଣ ଏବଂ ଶ୍ରୀମଦନମୋହନ ପହଣ୍ଡି ହୋଇ ୧ଟା ୫ରେ ରଥାରୂଢ଼ ହୋଇଥିଲେ। ଏହାପରେ ଗଜପତି ମହାରାଜା ଛେରା ପହଁରା ପାଇଁ ତିନି ରଥକୁ ତାମଜାନରେ ବିଜେ କରିଥିଲେ। ପରମ୍ପରା ଅନୁଯାୟୀ ଗଜପତି ମହାରାଜା ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଛେରା ପହଁରା କରିଥିଲେ। ପରେ ମହାପ୍ରଭୁଙ୍କ ଜଗନ୍ନାଥଙ୍କ ରଥରେ ରାଜ ନୀତି ସହ ଛେରାପହଁରା କରିଥିଲେ। ଶେଷରେ ମା' ସୁଭଦ୍ରାଙ୍କ ଦେବଦଳନ ରଥରେ ରାଜନୀତି ଓ ଛେରାପହଁରା କରିଥିଲେ। ଅପରାହ୍ନ ୨ଟା ୪୦ ତିନି ରଥର ଛେରାପହଁରା ସରିବା ପରେ ଚାରମାଳ ଫିଟା ଓ ଘୋଡ଼ା ଲାଗିଥିଲା। ୨ଟା ୫୦ରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ଭକ୍ତି ସହ ବଡ଼ ଠାକୁରଙ୍କ ରଥକୁ ଟାଣିଥିଲେ। ପରେ ଅପରାହ୍ନ ୩ଟା ୪୫ରେ ମା' ସୁଭଦ୍ରାଙ୍କ ରଥ ଏବଂ ଶେଷରେ ମହାପ୍ରଭୁଙ୍କ ରଥ ଟଣା ଆରମ୍ଭ ହୋଇଥିଲା। ଜୟଜଗନ୍ନାଥ ଧ୍ୱନୀରେ ଭକ୍ତମାନେ ରଥକୁ ଶ୍ରୀମନ୍ଦିର ଅଭିମୁଖେ ଟାଣି ନେଇଥିଲେ। ରଥତ୍ରୟ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବା ପରେ ଠାକୁରମାନଙ୍କୁ ପୋଡ଼ପିଠା ଭୋଗ କରାଯାଇଥିଲା। ପୋଡ଼ ପିଠା ଭୋଗ ଖାଇ ଠାକୁରମାନେ ଶ୍ରୀମନ୍ଦିର ଆଡ଼କୁ ପୁଣି ଥରେ ଯାତ୍ରା ଆରମ୍ଭ କରିଥିଲେ। ପ୍ରଥମେ ବଡ଼ ଠାକୁରଙ୍କ ତାଳଧ୍ୱଜ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ଏହାପରେ ମା' ସୁଭଦ୍ରାଙ୍କ ଦେବଦଳନ ରଥ ପହଞ୍ଚିଥିଲା। ତେବେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ରାଜନଅର ନିକଟରେ କିଛି ସମୟ ପାଇଁ ଅଟକି ରହିଥିଲା। ମା' ମହାଲକ୍ଷ୍ମୀ ଶ୍ରୀମନ୍ଦିର ଚାହାଣି ମଣ୍ଡପକୁ ଆସି ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ପାଲିଙ୍କିରେ ଘଣ୍ଟ, ଛତା, କାହାଳୀ ସହ ଶ୍ରୀନଅରଠାରେ ଅଟକିଥିବା ନନ୍ଦିଘୋଷ ନିକଟକୁ ଆସିଥିଲେ। ସେଠାରେ ଗଜପତି ମହାରାଜା ଲକ୍ଷ୍ମୀନାରାୟଣ ଭେଟ ନୀତି ସମ୍ପନ୍ନ କରିଥିଲେ। ନୀତି ସମ୍ପନ୍ନ କରି ମା' ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ଅଭିମୁଖେ ପୁଣି ଗଡ଼ି ସିଂହଦ୍ୱାର ସମ୍ମୁଖରେ ଲାଗିଥିଲା। ବାହୁଡ଼ା ଯାତ୍ରା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୨୦୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ପ୍ରାୟ ଶୃଙ୍ଖଳିତ ଭାବରେ ଚଳିତ ବର୍ଷର ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ଝିପି ଝିପି ବର୍ଷା ସତ୍ତ୍ୱେ ଭକ୍ତମାନେ ତିନି ରଥକୁ ଟାଣି ନେଇଥିଲେ। ରାଜ୍ୟ ମନ୍ତ୍ରିମଣ୍ଡଳର ଅନେକ ମନ୍ତ୍ରୀଙ୍କ ସହ ବହୁ ବିଧାୟକ ରଥ ଟାଣିଥିଲେ।

### ୯ରେ ଦେଶବ୍ୟାପୀ ...

ବିଭିନ୍ନ ବ୍ୟାଙ୍କର କର୍ମଚାରୀ ଓ ଅଫିସର୍ସ ସଂଗଠନ ଏନ୍‌ସିବିଇ, ଏଆଇବିଓସି, ଆଇଏମ୍‌ବିଓସି ଏବଂ ଆଇଏନବିଇଏଫ ଏହିଧର୍ମଘଟକୁସମର୍ଥନ ଜଣାଇଛନ୍ତି। ଧର୍ମଘଟ ସଫଳ କରିବା ପାଇଁ ଏଓବିଇଏର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଏଓବିଇଏଫ୍‌ର ସାଧାରଣ ସମ୍ପାଦକ ପ୍ରକାଶ କୁମାର ରାୟ ଏବଂ ଏଆଇବିଓଏ ଓଡ଼ିଶା ରାଜ୍ୟ କମିଟିର ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ଦାସ ଆହ୍ୱାନ ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ରଙ୍କ ପ୍ରତି ଗୁରୁଦୃଷ୍ଟି ପ୍ରଭାବରୁ କାର୍ଯ୍ୟସିଦ୍ଧି ଓ ବନ୍ଧୁମିଳନ ଘଟିବ। ମନୋରଞ୍ଜନ ଉପକରଣ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟ ପ୍ରତି ଆଗ୍ରହୀ ହେବେ। ଗୃହ ମରାମତି, ଭୂମିକ୍ରୟ, ଯାନ୍ତ୍ରିକ ଜିନିଷ କ୍ରୟ ବିକ୍ରୟରେ କଳହ ଦେଖାଦେବ। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ** ସମ୍ପର୍କୀୟଙ୍କ ସହଯୋଗ ପାଇ କାମ ସହଜରେ ସମ୍ପନ୍ନ କରିପାରିବେ। ଘରେ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହେବା କାରଣରୁ କ୍ରୋଧାନ୍ୱିତ ହେବେ। ବାହାରକୁ ଯିବା ସମୟରେ ଦୂରାଗତ ବନ୍ଧୁଙ୍କ ସହ ଦେଖାହୋଇଯିବ। ଶାସ୍ତ୍ରାନୁଶୀଳନ, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ସଭାସମିତି ଓ ଆନୁଷ୍ଠାନିକ କାମରୁ ସଫଳତା ମିଳିବ।

**ମିଥୁନ** ଗତକାଲିର କାମକୁ ଆଜି ପୂର୍ଣ୍ଣାଙ୍ଗ କରିବାରେ ସଫଳ ହେବେ। ପରିବାରରେ ଛୋଟ କଥାକୁ କେନ୍ଦ୍ରକରି ବିତର୍କର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଅଯଥା ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** କର୍ମକ୍ଷେତ୍ରରେ ସମୟାନୁବର୍ତ୍ତିତା ଏବଂ କାର୍ଯ୍ୟଦକ୍ଷତା ହେତୁ ପ୍ରଶଂସିତ ହେବେ। ଜମିଜମା କିମ୍ବା ଯାନ୍ତ୍ରିକ ଉପକରଣ, ମୂଲ୍ୟବାନ ଦ୍ରବ୍ୟ କ୍ରୟ ସକାଶେ ମନ ବଳାଇବେ। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତି ସାହାଯ୍ୟ କରିବେ। ଶିଳ୍ପ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ** ଆଜିର ତୃତୀୟଚନ୍ଦ୍ର ପ୍ରଭାବରେ ଦ୍ୱନ୍ଦ୍ୱାତ୍ମକ ଖବର ମନକୁ ଅସ୍ଥିର କରିଦେବ। ଆତ୍ମୀୟ ସ୍ୱଜନ ପରୋକ୍ଷରେ ସମାଲୋଚନା କରିପାରନ୍ତି। ଅଭାବଜନିତ କୌଣସି କାମ ସ୍ଥିରୀକୃତ ନ ହେବା କାରଣରୁ ମନରେ ଉଦ୍‌ବେଗ ଭରି ରହିବ। ଯାତ୍ରା ସମୟରେ ଅନ୍ୟମନସ୍କ କିମ୍ବା ସତର୍କ ନ ରହିଲେ ଜିନିଷ ହଜିଯିବା ସଙ୍ଗକୁ ସାଧାରଣ ଆଘାତ ଲାଗିପାରେ।

**କନ୍ୟା** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ପରିବାର ସଦସ୍ୟଙ୍କର ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ମଧ୍ୟରେ ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହେବ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କାମରେ ଅସନ୍ତୁଷ୍ଟ ହେତୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ପିଲାଙ୍କ କାର୍ଯ୍ୟକଳାପ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ।

**ତୁଳା** ଆଜି ଯାହା ପାଇବାକୁ ଇଚ୍ଛା କରୁଛନ୍ତି, ସାମାନ୍ୟ ଚେଷ୍ଟାରେ ତାହା ପାଇପାରିବେ। ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବାକୁ ପଛେଇ ଯାଇ ପାରନ୍ତି। ଅଫିସ୍ କାମରେ ଯୁକ୍ତିତର୍କର ସମ୍ଭାବନା ରହିଛି। କଚେରି ମାମଲା, ଅସମ୍ପୂର୍ଣ୍ଣ କାମ, ବନ୍ଧୁଙ୍କ ସହ ଭୁଲ୍ ବୁଝାମଣାଜନିତ ଅଶାନ୍ତ ପରିବେଶ ସକାଶେ ଚିନ୍ତା ବଢ଼ିପାରେ।

**ବିଛା** ଆଜି ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବିତ ସମୟ ମଧ୍ୟରେ ସଫଳତା ପାଇବେ। ପରିବହନ, ବାଣିଜ୍ୟ ଓ ନିର୍ମାଣ କ୍ଷେତ୍ରରେ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହେବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ ବରଂ ଓଲଟା ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**ଧନୁ** ଆଜି ଦିନଟି ଆନୁଷ୍ଠାନିକ କାମ ପାଇଁ ଭଲ। ସାଧାରଣ ଭୁଲ୍‌ରୁ ପରିବାରରେ ଅଶାନ୍ତର ବାତାବରଣ ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ସାହାଯ୍ୟ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବା ସାଙ୍ଗକୁ ମନକୁ ସାମୟିକ ହାଲୁକା କରିବାରେ ସହାୟକ ହେବ। ଆଜିର ଯାତ୍ରା, ବାଣିଜ୍ୟ, କଚେରି ମାମଲା ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ମକର** କର୍ମକ୍ଷେତ୍ରରେ ଅସୁବିଧା ସୃଷ୍ଟି ନ ହେଲେ ମଧ୍ୟ ଆର୍ଥିକ ଅନଟନ କାମକୁ ସଂକୁଚିତ କରିଦେଇପାରେ। ବନ୍ଧୁଙ୍କ ସାହାଯ୍ୟ ଲାଭ କରି ଆଶ୍ୱସ୍ତି ଲାଭ କରିବେ। ନିର୍ମାଣାଧୀନ କାମ, ବନ୍ଧୁଙ୍କ ନିମନ୍ତ୍ରଣ, ଦୂରଯାତ୍ରା, ଜମିଜମା ସମ୍ପର୍କୀୟ ଆଲୋଚନା ଅମୀମାଂସିତ ରହିଯିବ। ଏକାଦଶସ୍ଥ ଚନ୍ଦ୍ରଙ୍କ ପ୍ରଭାବରୁ ବନ୍ଧୁ ସମ୍ପର୍କରୁ ଖୁସି ହୋଇପାରନ୍ତି।

**କୁମ୍ଭ** ଆକସ୍ମିକ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟହାନି ମାନସିକ ଅସ୍ଥିରତାର କାରଣ ହେବ। ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣରେ ରଖିଲେ ଉପକାର ମିଳିବ। ପ୍ରତ୍ୟୁଷ ଯାତ୍ରା ସାଙ୍ଗକୁ ବ୍ୟବସାୟ, ପରିବହନ ସକାଶେ ଦିନଟି ଅନୁକୂଳ। ଆନୁଷ୍ଠାନିକ କାମ, ସାମ୍ବାଦିକତା, ଚୁକ୍ତିପତ୍ର, ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଅଶାନୁରୂପ ଫଳ ପାଇବେ।

**ମୀନ** ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଅନୁତାପ କରିବାକୁ ପଡ଼ିପାରେ। ଯେତେ ଭଲ କାମ କଲେ ମଧ୍ୟ ପରିବାରରେ ଅନ୍ୟମାନେ ଦୋଷ ଖୋଜିପାରନ୍ତି। ଆନୁଷ୍ଠାନିକ କାମ, ସଭାସମିତି, ସାହିତ୍ୟ, ବନ୍ଧୁ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ। ପୂର୍ବ ବିବାଦକୁ କେନ୍ଦ୍ରକରି ସମ୍ପର୍କୀୟଙ୍କ ଦ୍ୱାରା ଉପେକ୍ଷିତ ହୋଇପାରନ୍ତି।

ଆଜି ଜୁଲାଇ ୬ ତାରିଖ, ଆଷାଢ଼ ଶୁକ୍ଲପକ୍ଷର ସର୍ବସମ୍ମତ ହରିଶୟନୀ ବଡ଼ ଏକାଦଶୀ ରବିବାର। ରଥ ଉପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବଡ଼ ତଡ଼ାଉ ବେଶ (ସୁନା ବେଶ), ଅଦ୍ୟ ରବିନାରାୟଣ ବ୍ରତ, ଚାତୁର୍ମାସ୍ୟା ବ୍ରତ ଆରମ୍ଭ, ଅଶୁଦ୍ଧ କାଳ ଆରମ୍ଭ, ମହରମ ପର୍ବ, ଆସୁରା, ଇମାମ ହୁସେନଙ୍କ ବଳିଦାନ ଦିବସ, ରାଶିନକ୍ଷତ୍ର–ବିଶାଖା/ତୁଳା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୭।୦୨ ଗତେ ଘ.୦୯।୩୯ ମଧ୍ୟେ, ଘ.୦୧।୩୦ ଗତେ ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୭ ଗତେ ଘ.୦୬।୨୬ ମଧ୍ୟେ ରାହୁକାଳ।




# ୩ ଘରୋଇ ବ୍ୟାଙ୍କ ଉପରୁ ହଟିଲା କଟକଣା

## ପୂର୍ବପରି ସରକାରଙ୍କ କାମ କରିବେ ଏଚ୍‌ଡିଏଫ୍‌ସି, ଆକ୍ସିସ, ଆଇସିଆଇସିଆଇ ବ୍ୟାଙ୍କ

### ସବୁ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଅର୍ଥ ସଚିବଙ୍କ ଚିଠି

ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର)

ଏଚ୍‌ଡିଏଫ୍‌ସି,ଆଇସିଆଇସିଆଇ ଏବଂ ଆକ୍ସିସ୍ ବ୍ୟାଙ୍କ ଉପରୁ ରାଜ୍ୟ ସରକାର କଟକଣା ହଟାଇଛନ୍ତି। ରାଜ୍ୟ ସରକାରଙ୍କ ବ୍ୟାଙ୍କ ସମ୍ପର୍କିତ ସବୁ କାମରେ ପୂର୍ବପରି ଏହି ୩ଟି ଯାକ ଘରୋଇ ବ୍ୟାଙ୍କ ରହିବେ ବୋଲି ପୁଣି ଥରେ ନିଷ୍ପତ୍ତି ହୋଇଛି। ଏନେଇ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଚିଠି ଲେଖି ସବୁ ବିଭାଗରେ ଥିବା ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, କମିଶନର, ସଚିବମାନଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଅର୍ଥ ସଚିବ ଶନିବାର ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ମହତ୍ତ୍ୱାକାଂକ୍ଷୀ ଯୋଜନା କ୍ଷେତ୍ରରେ ଖରାପ ପ୍ରଦର୍ଶନ ଏବଂ ବ୍ୟାଙ୍କିଙ୍ଗ୍ କାର୍ଯ୍ୟରେ ଆଶାତୀତ ପ୍ରଦର୍ଶନ ନ କରିପାରିବା ଯୋଗୁ ଏଚ୍‌ଡିଏଫ୍‌ସି, ଆକ୍ସିସ୍ ଏବଂ ଆଇସିଆଇସିଆଇ ବ୍ୟାଙ୍କକୁ ସରକାରୀ କାର୍ଯ୍ୟ ଲାଗି ଥିବା ବ୍ୟାଙ୍କିଙ୍ଗ୍ ତାଲିକାରୁ ବିଦା କରିଥିଲେ। ଏହି ବ୍ୟାଙ୍କଗୁଡିକ ପୂର୍ବରୁ ସରକାରୀ ସଂସ୍ଥାର ବ୍ୟବସାୟ ଏବଂ ଜମା କ୍ଷେତ୍ରରେ କାର୍ଯ୍ୟ କରୁଥିଲେ। ହେଲେ ପ୍ରଦର୍ଶନ ଭଲ ନ ରହିବା ଯୋଗୁ ଏହି ୩ଟି ଯାକ ବ୍ୟାଙ୍କକୁ ସରକାର ତାଲିକାରୁ କାଟିଦେଇଥିଲେ। ହେଲେ ଏହି ୩ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଗତ ୧ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ସାକ୍ଷାତ କରିଥିଲେ। ଏହି ସମୟରେ ସେମାନେ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ ଯେ ସରକାରୀ ଯୋଜନା କ୍ଷେତ୍ରରେ ନିଜର ପ୍ରଦର୍ଶନ ଭଲ କରିବେ। ତେଣୁ ସେମାନଙ୍କୁ ସରକାରୀ ତାଲିକାରୁ ବାଦ୍ ନ ଯାଉ ବୋଲି ସେମାନେ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପୁଣି ଥରେ ଏହି ୩ଟି ଯାକ ବ୍ୟାଙ୍କକୁ ପୂର୍ବଭଳି ସରକାରୀ ସଂସ୍ଥାର ବ୍ୟବସାୟ, ଜମା ନେଇ କାର୍ଯ୍ୟ କରିବାକୁ ସରକାର ଅନୁମତି ଦେବା ସହ ପୂର୍ବରୁ ନେଇଥିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନେଇଛନ୍ତି। ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା କି ସେମାନେ ନିଜର ବ୍ୟାଙ୍କିଙ୍ଗ୍ ଖାତା ଏହି ୩ ବ୍ୟାଙ୍କରୁ ଉଠାଇନେବା ଲାଗି ତାହା ନ କରିବାକୁ ପୁଣି ଥରେ କୁହାଯାଇଛି।

# ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

କେନ୍ଦୁଝର,୫।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ହାତୀ ଘଉଡ଼ାଇଲା ବେଳେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉଦୟଗିରି ମହାନ୍ତ ସାହିର ଆକାଶ ମହାନ୍ତ (୧୮)। ବନ ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ୬ ଟିକିଆ ହାତୀପଲ ଉଦୟଗିରି ମହାନ୍ତ ସାହିକୁ ପଶିଯାଇଥିଲେ। ସାହିର କେତେଜଣ ଯୁବକଙ୍କ ସହ ଆକାଶ ହାତୀ ଦଳକୁ ଘଉଡ଼ାଇବା ବେଳେ ଏକ ମାଈ ହାତୀ ଆକ୍ରମଣ କରିଥିଲା। ହାତୀ ଆକାଶଙ୍କୁ ଶୁଣ୍ଢରେ ଧରି ଫୋପାଡ଼ି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବନ କର୍ମଚାରୀମାନେ ଉଦ୍ଧାରକରି ତେଲକୋଇ ମେଡିକାଲ ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆକାଶଙ୍କ ମୃତ୍ୟୁ ଘଟିଥିଲା। ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି, ଘଟଣା ରାତି ୩ ଟାରେ ଘଟିଛି। ବନ କର୍ମଚାରୀ ହାତୀପାଲଙ୍କୁ ପାଖ କାଜୁ ବଗିଚାକୁ ଘଉଡ଼ାଇ ଦେଇଥିଲେ। କିନ୍ତୁ ଲୋକେ କାଜୁ ବଗିଚାରୁ ହାତୀଙ୍କୁ ଅନ୍ୟତ୍ର ଘଉଡ଼ାଇବାକୁ ଉଦ୍ୟମ କରିବା ବେଳେ ଏଭଳି ଅଘଟଣ ଘଟିଛି। ତାଙ୍କୁ ସରକାରୀ ନିୟମାନୁଯାୟୀ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବ। ସୂଚନାଯୋଗ୍ୟ, ଗତ ୧ ମାସ ମଧ୍ୟରେ ଜିଲାରେ ୪ ଜଣଙ୍କ ଜୀବନହାନି ହୋଇଛି।

# ଲାଗିରହିବ ବର୍ଷା, ସତର୍କକଲା ପାଣିପାଗ କେନ୍ଦ୍ର

ଭୁବନେଶର, ୪।୭(ଅନୁରାଧା ମହାରଣା)

ସାରା ରାଜ୍ୟରେ ଜାରି ରହିଛି ବର୍ଷା। କେତେକ ଜିଲାରେ ବନ୍ୟା ପରିସ୍ଥିତି ଉପୁଜୁଥିବାବେଳେ ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସ୍ଥିତିରେ ଆସନ୍ତା ୯ ତାରିଖ ଯାଏ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେବା ସହ ବିଭିନ୍ନ ଜିଲାକୁ ସତର୍କ କରିଛି। ତେବେ ରବିବାର ରାଜ୍ୟର ବିଭିନ୍ନ ଜିଲାକୁ ଝଡ଼ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସୁନ୍ଦରଗଡ଼, କେନ୍ଦୁଝର ଓ ଝାରସୁଗୁଡ଼ା ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଏହିସବୁ ଜିଲାରେ ବଜ୍ରପାତ ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ପ୍ରବଳ ବର୍ଷା ପାଇଁ ୨୦ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଥିବା ବେଳେ କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଶନିବାର ରାଜ୍ୟର ଅଧିକାଂଶ ଜିଲାରେ ଭାରି ବର୍ଷା ରେକର୍ଡ କରାଯାଇଥିବାବେଳେ ଆଉ କେତେକ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। କଟକ ଓ ଭୁବନେଶ୍ୱରରେ ବର୍ଷା ହୋଇଥିବାବେଳେ ଝାରସୁଗୁଡ଼ାରେ ସର୍ବାଧିକ ୨୯.୦ ମିମି, କେନ୍ଦୁଝରଗଡ଼ରେ ୧୯.୦ ମିମି, ଭଦ୍ରକରେ ୨୦.୨ ମିମି, ସମ୍ବଲପୁରରେ ୧୯ମିମି, ହୀରାକୁଦରେ ୧୬ ମିମି, କୋରାପୁଟରେ ୧୩.୨ ମିମି ଏବଂ ଚାନ୍ଦବାଲିରେ ୮.୨ ମିମି ବର୍ଷା ରେକର୍ଡ କରାଯାଇଛି।

# ମାସକରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସମାଧାନ ନିର୍ଦ୍ଦେଶ




ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧକ୍ଷାରେ ଅନୁଷ୍ଠିତ ଆନ୍ତଃବିଭାଗୀୟ ସମନ୍ୱୟ କମିଟି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ।

### ମେଗା ପାଇପ୍ ଜଳଯୋଗାଣ ସମ୍ପର୍କିତ ସମନ୍ୱୟ କମିଟି ବୈଠକ

- ନୋଡାଲ ଅଧିକାରୀଙ୍କୁ ନେଇ ଗଠନ ହେବ ନିର୍ଦ୍ଦିଷ୍ଟ ହ୍ୱାଟ୍ସଆପ୍ ଗ୍ରୁପ୍
- ପାଇପ୍‌ଲାଇନ୍ ସ୍ଥାନରେ ଖନନ ପୂର୍ବରୁ ବିଭିନ୍ନ ସଂସ୍ଥା ବିଭାଗକୁ ଜଣାଇବେ

ଭୁବନେଶ୍ୱର,୫।୭(ବନ୍ଦନା ସେଠୀ)

ଓଡ଼ିଶାରେ ମେଗା ପାଇପ୍ ଜଳଯୋଗାଣ (ପିଡବ୍ଲୁଏସ୍) ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା, ପରିଚାଳନା ଓ ରକ୍ଷଣାବେକ୍ଷଣ ପରିପ୍ରେକ୍ଷୀରେ ଉଚ୍ଚସ୍ତରୀୟ ଆନ୍ତଃବିଭାଗୀୟ ସମନ୍ୱୟ କମିଟି ବୈଠକ ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧକ୍ଷତା କରି ଜଳଯୋଗାଣ ପ୍ରକଳ୍ପଗୁଡିକର ସ୍ଥିତି ସମୀକ୍ଷା କରିଥିଲେ। ଯେଉଁ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ନେଇ ବିଭିନ୍ନ ବିଭାଗୀୟ ସମସ୍ୟା ରହିଛି, ସେସବୁକୁ ୧ମାସ ମଧ୍ୟରେ ସମାଧାନ କରିବାକୁ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ତେବେ ଏହାକୁ ସହଜ କରିବା ପାଇଁ ସାପ୍ତାହିକ କିମ୍ବା ପାକ୍ଷିକ ଯୁଗ୍ମ ସମୀକ୍ଷା ବୈଠକ କରାଯିବ। ସେହିପରି ଏଥିପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ନୋଡାଲ ଅଧିକାରୀଙ୍କର ଏକ ନିର୍ଦ୍ଦିଷ୍ଟ ହ୍ୱାଟ୍‌ସଆପ୍ ଗ୍ରୁପ୍ କରାଯିବ, ଏହାଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଉପଯୁକ୍ତ ସମନ୍ୱୟ କରାଯାଇପାରିବ ବୋଲି ଉନ୍ନୟନ କମିଶନର କହିଛନ୍ତି। ସେହିପରି ପାନୀୟ ଜଳ ଯୋଗାଣର ପରିଚାଳନା ଓ ରକ୍ଷଣାବେକ୍ଷଣର ଉନ୍ନତି ପାଇଁ ଆଧୁନିକ ଜ୍ଞାନ କୌଶଳର ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ବାସ୍ତବ ସମୟଭିତ୍ତିକ ନିରୀକ୍ଷଣ ପାଇଁ ଏକ ସୁଦୃଢ଼ ଡିଜିଟାଲ ପ୍ଲାଟ୍‌ଫର୍ମ ବିକଶିତ କରାଯାଉଛି। ଏହି ବ୍ୟବସ୍ଥା ପ୍ରଥମେ ମେଗା ପ୍ରକଳ୍ପଗୁଡ଼ିକରେ ସ୍ଥାପିତ ସ୍କାଡା (ତଦାରଖ ନିୟନ୍ତ୍ରଣ ଏବଂ ତଥ୍ୟ ଅଧିଗ୍ରହଣ) ବ୍ୟବସ୍ଥା ସହ ସଂଯୋଜିତ ହେବ। ସମୟକ୍ରମେ ତାହା ସଂପ୍ରସାରିତ ହୋଇ ଛୋଟ ଛୋଟ ଯୋଜନାଗୁଡ଼ିକରେ ଥିବା କମ୍ପ୍ୟୁଟରୀକୃତ ବ୍ୟବସ୍ଥା (ଆଇଓଟି)କୁ ଅନ୍ତର୍ଭୁକ୍ତ କରାଯିବ ବୋଲି ଆଲୋଚନା ହୋଇଥିଲା। ପ୍ରକଳ୍ପର ପ୍ରଭାବୀ ପରିଚାଳନା ଓ ରକ୍ଷଣାବେକ୍ଷଣ ତଦାରଖ ପାଇଁ ଜିଲାସ୍ତରରେ ପ୍ରକଳ୍ପ ପରିଚାଳନା ୟୁନିଟ ସ୍ଥାପନ କରାଯିବ। ଅନ୍ୟ ସଂସ୍ଥାଗୁଡ଼ିକ ଦ୍ୱାରା ବିଭିନ୍ନ ସମୟରେ ନିର୍ମାଣ କାର୍ଯ୍ୟ ଯୋଗୁ ପାଇପ୍ ଲାଇନ ଭିତ୍ତିଭୂମିଗୁଡ଼ିକ ବାରମ୍ବାର କ୍ଷତି ହେଉଥିବା ସମ୍ପର୍କରେ ବିଭାଗ ତରଫରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେଣୁ ଖନନ କାର୍ଯ୍ୟ ପୂର୍ବରୁ ସିବିୟୁଡି (କଲ୍ ବିଫୋର୍ ୟୁ ଡିଗ୍) ପ୍ଲାଟ୍‌ଫର୍ମରେ ସମ୍ପୃକ୍ତ ବିଭାଗ ବା ସଂସ୍ଥାମାନେ ସୂଚନା ପ୍ରଦାନ ନେଇ ନିର୍ଦ୍ଦେଶନାମା ଜାରି କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ କମିଟି ସମର୍ଥନ କରିଛି। ଜିଆଇଏସ୍-ଭିତ୍ତିକ ମ୍ୟାପିଂ କରି ପାନୀୟ ଜଳ ପରିଚାଳନାରେ କମ୍ କ୍ଷତି ପହଞ୍ଚାଇବା ଏବଂ ଉତ୍ତରଦାୟିତ୍ୱ ବୃଦ୍ଧି ଉପରେ କମିଟି ପରାମର୍ଶ ଦେଇଛି।

# ୭ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବ। ଗତ ୩୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକରି ଅଭିଯୋଗ ଦାଖଲ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ସେମାନେ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନ ଥିବା ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୩୦ ତାରିଖ ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀ ସେମାନଙ୍କ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ଆବେଦନପତ୍ର ସହ ନିର୍ଦ୍ଧାରିତ ୟୁନିଟ୍-୨, ଅଶୋକନଗର, ଭୁବନେଶ୍ୱରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ(କ୍ୟାପିଟାଲ ନର୍ସରି)ଠାରେ ଜନଶୁଣାଣି ପାଇଁ ଉପସ୍ଥିତ ରହିବାକୁ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରଥଯାତ୍ରା ଦଳାଚକଟା ଯୋଗୁ ପୁରୀଠାରେ ୩ ଜଣଙ୍କ ମୃତ୍ୟୁ ଘଟିବା କାରଣରୁ ଗତ ୩୦ରେ ନିର୍ଦ୍ଧାରିତ ହୋଇଥିବା ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିଥିଲା।




# ୯ରେ ହେବାକୁ ଥିବା ଶ୍ରମିକ ସଙ୍ଗଠନ ଆନ୍ଦୋଳନକୁ କଂଗ୍ରେସର ସମର୍ଥନ

### ନିଜ ଅଞ୍ଚଳରେ ପୂର୍ଣ୍ଣ ସମର୍ଥନ ଦେବାକୁ ପିସିସି ସଭାପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର)

ଭାରତ ବର୍ଷର ପ୍ରମୁଖ ଶ୍ରମିକ ସଙ୍ଗଠନଗୁଡିକର ୧୭ ଦଫା ଦାବିକୁ ନେଇ ଆସନ୍ତା ୯ ତାରିଖରେ ଦିଆଯାଇଥିବା ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ ପୂର୍ଣ ସମର୍ଥନ ଜଣାଇଛି। ଏହି ଦାବି ଯଥାର୍ଥରେ ଦେଶର ଗରିବ ଖଟିଖିଆ ଶ୍ରମିକଙ୍କ ଠାରୁ ଆରମ୍ଭ କରି କୃଷକ ଓ ଖାଉଟିମାନଙ୍କ ସ୍ୱାର୍ଥକୁ ରକ୍ଷା କରିବା ଉଦ୍ଦେଶ୍ୟରେ ହେଉଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଶନିବାର ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଏହି ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ ସମର୍ଥନ ଜଣାଇବା ସହିତ ଜିଲା କଂଗ୍ରେସ, ବ୍ଲକ, ମ୍ୟୁନିସପାଲଟି, ଏନ୍‌ଏ.ସି. ତଥା ପଞ୍ଚାୟତରେ କଂଗ୍ରେସ ନେତୃବର୍ଗ ଓ କର୍ମୀମାନେ ଏହି ବନ୍ଦ ଡାକରାକୁ ସଫଳ କରିବା ସହିତ ନିଜ ଅଞ୍ଚଳରେ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

# ଦେବାଶିଷ ସିଂହଙ୍କୁ ମିଳିଲା ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ

ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର)

ଆଇଏଏସ୍ ଦେବାଶିଷ ସିଂହଙ୍କୁ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶନିବାର ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଥିବା ଦେବାଶିଷ ସିଂଙ୍କୁ ଗତ ୨ ତାରିଖରେ ବଦଳି କରାଯାଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ଦିଆଯାଇଥିଲା। ହେଲେ ଶନିବାର ଆଉ ଏକ ବିଜ୍ଞପ୍ତି ଜାରି କରି ତାଙ୍କ ପୁରୁଣା ଦାୟିତ୍ୱ ମଧ୍ୟ ସେ ଅତିରିକ୍ତ ଭାବେ ତୁଲାଇବେ ବୋଲି ସୂଚନା ଦିଆଯାଇଛି।


# ତେଲଙ୍ଗାନା କେମିକାଲ କମ୍ପାନୀ ବିସ୍ଫୋରଣରେ ମୃତ ଓଡ଼ିଆଙ୍କ ସଂଖ୍ୟା ୯କୁ ବୃଦ୍ଧି

### ପୂର୍ଣ୍ଣଚନ୍ଦ୍ରଙ୍କ ପରିବାରକୁ ମଧ୍ୟ ୧୦ଲକ୍ଷ ଟଙ୍କାର ସହାୟତା ଦେବେ ରାଜ୍ୟ ସରକାର

ଭୁବନେଶ୍ୱର,୫।୭(ବନ୍ଦନା ସେଠୀ)

ତେଲଙ୍ଗାନାରେ କେମିକାଲ କମ୍ପାନୀରେ ଘଟିଥିବା ବିସ୍ଫୋରଣରେ ଓଡ଼ିଆ ମୃତକଙ୍କ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ମୃତକ ଜଣକ ହେଉଛନ୍ତି କଟକ ଶୁକରପଡାର ପୂର୍ଣ୍ଣଚନ୍ଦ୍ର ସାହୁ। ମୃତକମାନଙ୍କ ପରିଚୟ ପାଇବା ପାଇଁ ଡିଏନ୍‌ଏ ନମୁନା ଟେଷ୍ଟ କରାଯାଇଥିଲା। ଏଥିରେ ମୃତ ପୂର୍ଣ୍ଣଚନ୍ଦ୍ରଙ୍କ ଡିଏନ୍‌ଏ ନମୁନା ତାଙ୍କ ବାପାଙ୍କ ଡିଏନ୍‌ଏ ସହିତ ମିଶିଥିବା ନେଇ ସୂଚନା ଦିଆଯାଇଛି। ସେହିପରି ଏହି ଦୁର୍ଘଟଣାରେ ଆଉ ୪ଜଣ ଓଡ଼ିଆ ଶ୍ରମିକ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଗଞ୍ଜାମର ସମୀ ପାତ୍ରୀ ଏବଂ ଭଦ୍ରକର ଚନ୍ଦନ କୁମାର ନାୟକ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ନବରଙ୍ଗପୁରର ନୀଳାମ୍ବର ବାତ୍ରା ଏବଂ ଚିତ୍ରସେନ ଭଦ୍ରା ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିବା ସୂଚନା ଦିଆଯାଇଛି।

ଅପରପକ୍ଷେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ପାଇଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ସହାୟତା ବାବଦରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ପୂର୍ବରୁ ମୃତ ୮ଜଣ ଓଡ଼ିଆ ଗଞ୍ଜାମ ଛତ୍ରପୁରର ରାଜନାଲା ଜଗନ୍‌ମୋହନ, କଟକ ତିଗିରିଆ ପାଇକରାପୁରର ଲଗ୍ନଜିତ ଦୁଆରି, ବାଲେଶ୍ୱର ଜିଲା ସିମୁଳିଆ ପାର୍ବତୀପୁରର ମନୋଜ ରାଉତ, ଯାଜପୁର ଜିଲା ଧର୍ମଶାଳା ଏରବଙ୍ଗର ଦୋଳଗୋବିନ୍ଦ ସାହୁ, ନବରଙ୍ଗପୁର ଚଇତୁ ଭତ୍ରା, ରମେଶ ଗଉଡ଼, ଗଞ୍ଜାମ ମହାନନ୍ଦପୁରର ସିଦ୍ଧାର୍ଥ ଗଉଡ଼ ଏବଂ ବ୍ରହ୍ମପୁରର ପ୍ରଶାନ୍ତ ମହାପାତ୍ରଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ଶୁକ୍ରବାର ସହାୟତା ଘୋଷଣା କରିଥିଲେ।



ଅନ୍ୟମାନଙ୍କଠାରୁ ଯାହା ଆସେ -ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ- ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ- ସେତେବେଳେ ଆଗେ ତାଙ୍କର ଅଦ୍‌ଭୂତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। -ଶ୍ରୀମା

ରଥଉପରେ ମହାପ୍ରଭୁଙ୍କ ସୁନାବେଶ, ମହରମ ପର୍ବ



# ଏକାତ୍ମ ମାନବବାଦରେ ବିଶ୍ୱାସ



**ଆକାର ପଟେଲ**

ଭାରତୀୟ ଜନତା ପାର୍ଟି (ଭାଜପା)ର ସମ୍ବିଧାନ (ଧାରା-୩) କହେ, 'ଏକୀକୃତ ବା ଏକାତ୍ମ ମାନବବାଦ ପାର୍ଟିର ଦର୍ଶନ ହେବ'। ପାର୍ଟିର ସଦସ୍ୟତା ଫର୍ମରେ ସଦସ୍ୟମାନଙ୍କୁ ଏକ ସଙ୍କଳ୍ପ ନେବା ଦରକାର ପଡ଼େ, ଯାହାର ପ୍ରଥମ ଧାଡ଼ି ହେଉଛି, ''ଭାରତୀୟ ଜନତା ପାର୍ଟିର ମୂଳ ଦର୍ଶନ ଇଣ୍ଟିଗ୍ରାଲ ହ୍ୟୁମାନିଜମ୍ ବା ଏକାତ୍ମ ମାନବବାଦରେ ମୁଁ ବିଶ୍ୱାସ କରେ''। ଏହି ଏକାତ୍ମ ମାନବବାଦ ହେଉଛି ମୁମ୍ବାଇରେ ୨୨ରୁ ୨୫ ଏପ୍ରିଲ ୧୯୬୫ରେ ଦୀନ୍‌ଦୟାଲ ଉପାଧ୍ୟାୟ ଦେଇଥିବା ୪ଟି ଅଭିଭାଷଣର ବିଷୟବସ୍ତୁ। ଉପାଧ୍ୟାୟ ଆର୍‌ଏସ୍‌ଏସ୍ ଦ୍ୱାରା ପ୍ରକାଶିତ ସାପ୍ତାହିକୀ 'ପାଞ୍ଚଜନ୍ୟ'ର ସାମ୍ବାଦିକ ଥିଲେ। ଏହି ଭାଷଣ ଦେବା ସମୟରେ ତାଙ୍କ ବୟସ ପାଖାପାଖି ୫୦ ଥିଲା ଏବଂ ଏହାର ଦୁଇ ବର୍ଷ ପରେ ସେ ଜନସଂଘର ସଭାପତି ହୋଇଥିଲେ। ଆସନ୍ତୁ ଭାଜପା ଦର୍ଶନର ବାର୍ତ୍ତାକୁ ଆଉଥରେ ସମୀକ୍ଷା କରିବା। ଉପାଧ୍ୟାୟ ତାଙ୍କ ଭାଷଣରେ ଯାହା କହିଛନ୍ତି ତାହା ହେଉଛି ଯୁକ୍ତିର ସାରାଂଶ। ସେ ଦର୍ଶାଇଥିଲେ, ଜାତୀୟ ପରିଚୟକୁ ଅଣଦେଖା କରିବା ଯୋଗୁ ଭାରତ ସମସ୍ୟାର ସାମ୍ନା କରୁଛି। ଦେଶ ହେଉଛି ଏକ ବ୍ୟକ୍ତିସତ୍ତା ଏବଂ ଏହାର ସ୍ୱାଭାବିକ ପ୍ରବୃତ୍ତିଗୁଡ଼ିକୁ ଅଣଦେଖା କଲେ ତାହା ରୁଗ୍ଣ ହୋଇଯାଏ। ସ୍ୱାଧୀନତା ସତ୍ତ୍ୱେ, କେଉଁ ଦିଗରେ ଗଲେ ଭାରତର ବିକାଶ ହେବ ତାହା ଏଯାବତ୍ ସ୍ଥିର ହୋଇନାହିଁ। ଭାରତ ଆର୍ଥିକ, ସାମାଜିକ ତଥା ରାଜନୈତିକ ସିଦ୍ଧାନ୍ତ ସହ ବିଜ୍ଞାନ କ୍ଷେତ୍ରରେ ପାଶ୍ଚାତ୍ୟ ଦୃଷ୍ଟିକୋଣକୁ ଆପଣାଇଥିବାରୁ ଏଠାରେ ଆର୍ଥିକ, ସାମାଜିକ ଓ ରାଜନୈତିକ ସମସ୍ୟା ଉପରେ ଧ୍ୟାନ ରହିଲା। ପ୍ରଗତି ପାଇଁ ପାଶ୍ଚାତ୍ୟକରଣ ଗୁରୁତ୍ୱପୂର୍ଣ୍ଣ ଥିଲା। ଜାତୀୟତାବାଦ, ଗଣତନ୍ତ୍ର ଏବଂ ସମାଜବାଦ ଆଣିବାରେ ପାଶ୍ଚାତ୍ୟ ବିଫଳ ହେଲା। ଏସବୁ ପାଶ୍ଚାତ୍ୟ ବିଚାରଧାରା ପରସ୍ପର ବିରୋଧୀ ଥିଲେ। ଆୟୁର୍ବେଦ ଘୋଷଣା କରିଥିଲା, ସ୍ଥାନୀୟ ରୋଗ ପାଇଁ ଆମକୁ ସ୍ଥାନୀୟ ଚିକିତ୍ସା ଖୋଜିବା ଦରକାର। ତେବେ ଭାରତୀୟ ସଂସ୍କୃତି ବିଶ୍ୱ ପାଇଁ ଏକ ସମାଧାନ ଦେଇପାରିଲା କି? ସାଧାରଣରେ ଧାରଣା ଅଛି, ଭାରତୀୟ ସଂସ୍କୃତି ଆତ୍ମାର ମୁକ୍ତି କଥା ଭାବେ; ଶରୀର, ବୁଦ୍ଧି ଓ ମନ ସମ୍ପର୍କରେ ମୁଣ୍ଡ ଖେଳାଏ ନାହିଁ। କିନ୍ତୁ ତାହା ମିଥ୍ୟା। ଭାରତୀୟ ସଂସ୍କୃତିରେ ଧର୍ମକୁ ସର୍ବାଗ୍ରେ ସ୍ଥାନ ଦିଆଯାଇଛି। ଧର୍ମ ହେଉଛି ପ୍ରାକୃତିକ ଆଇନ, ଯାହା ଶାଶ୍ୱତ ଏବଂ ବିଶ୍ୱସ୍ତରୀୟ। ବ୍ୟବସ୍ଥାପକ, କାର୍ଯ୍ୟନିର୍ବାହୀ ଓ ନ୍ୟାୟପାଳିକା ଏପରି କି ଲୋକଙ୍କଠାରୁ ଧର୍ମ ଊର୍ଦ୍ଧ୍ୱରେ। ଧର୍ମ ବିରୋଧରେ କାମ କରିବା ପାଇଁ ଲୋକଙ୍କର ଅଧିକାର ନାହିଁ। ଦେଶ ପାଇଁ ଧର୍ମ ଏକ ଆବଶ୍ୟକୀୟ ସର୍ତ୍ତ ହୋଇଥିବାରୁ ସମ୍ବିଧାନରେ 'ସେକୁଲାରିଜମ୍' ବା 'ଧର୍ମନିରପେକ୍ଷ' ଶବ୍ଦର ବ୍ୟବହାର ଭୁଲ୍। ଯାହା ଧର୍ମ ଉପରେ ଆଧାରି ନୁହେଁ ତାହା ଅଗ୍ରହଣୀୟ ଏବଂ ସେଥିପାଇଁ ଧର୍ମନିରପେକ୍ଷ କ୍ଷତିକାରକ ତଥା ତ୍ରୁଟିପୂର୍ଣ୍ଣ। ଜାତୀୟ ଏକତା ଭାରତର ଧର୍ମ, ବିବିଧତା ସମସ୍ୟାପୂର୍ଣ୍ଣ। ଏହି କାରଣ ପାଇଁ ଭାରତର ସମ୍ବିଧାନ ପରିବର୍ତ୍ତନ ଦରକାର କରେ, ଯେଉଁଥିରେ ସଂଘୀୟରୁ ଆରମ୍ଭ କରି ଏକକ ବ୍ୟବସ୍ଥାରେ ରାଜ୍ୟଗୁଡ଼ିକ ପାଇଁ କୌଣସି ବୈଧାନିକ କ୍ଷମତା ନ ଥିବ, କେବଳ କେନ୍ଦ୍ରର ରହିବ। ବ୍ୟକ୍ତି ଓ ସାମାଜିକ ବ୍ୟବସ୍ଥା ମଧ୍ୟରେ ବିଭେଦ ହେଉଛି ପତନ ଓ ବିକୃତିର ସଙ୍କେତ। ବ୍ୟକ୍ତି ଓ ବ୍ୟବସ୍ଥା ମଧ୍ୟରେ ଥିବା ବିରୋଧାତ୍ମକ ସମ୍ପର୍କକୁ ପ୍ରଗତିର କାରଣ ଭାବେ ଦେଖିବା ପାଶ୍ଚାତ୍ୟର ଭୁଲ୍ ଥିଲା। ଆତ୍ମା, ବୁଦ୍ଧି, ଶରୀର ଓ ମନକୁ ନେଇ ବ୍ୟକ୍ତି ଗଢ଼ା। ମଣିଷ ଆତ୍ମା ସହ ଜନ୍ମ ହୋଇଛି। ବ୍ୟକ୍ତିତ୍ୱ, ଆତ୍ମା ଓ ଚରିତ୍ର ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ। ବ୍ୟକ୍ତିର ଆତ୍ମା ଉପରେ ବ୍ୟକ୍ତିଗତ ଇତିହାସର କୌଣସି ପ୍ରଭାବ ନାହିଁ। କିନ୍ତୁ ଇତିହାସ ଦ୍ୱାରା ଜାତୀୟ ସଂସ୍କୃତି ଲଗାତର ଭାବେ ପରିବର୍ତ୍ତନ ହୁଏ। ଯାହା ସବୁ ଭଲ ଓ ପ୍ରଶଂସନୀୟ ବିଷୟ ତାହା ସଂସ୍କୃତିରେ ଅଛି, କିନ୍ତୁ ସେସବୁ ଜାତୀୟ ଚେତନାକୁ ପ୍ରଭାବିତ କରେ ନାହିଁ।

ଭାରତର ଜାତୀୟ ଆତ୍ମା ହେଉଛି ମୌଳିକ ଓ ମୁଖ୍ୟ। ଚେତନା ସାଂସ୍କୃତିକ ପ୍ରଗତିର ଦିଗ ନିର୍ଣ୍ଣୟ କରେ। ସମାଜ ଚେତନଶୀଳ ଏବଂ ଗୋଟିଏ ସମାଜର କାୟ, ମନ, ବୁଦ୍ଧି ଓ ଆତ୍ମା ଅଛି। ଆରମ୍ଭରୁ କେତେକ ପାଶ୍ଚାତ୍ୟ ବ୍ୟକ୍ତି ଏହି ସତ୍ୟକୁ ଗ୍ରହଣ କରୁଥିଲେ। ସେମାନଙ୍କ ମଧ୍ୟରୁ ୱିଲିୟମ ମ୍ୟାକଡୋଗାଲ କହିଥିଲେ, ଜଣେ ମଣିଷ ଭଳି ଗୋଟିଏ ଗୋଷ୍ଠୀର ଏକ ମନ ଓ ମନସ୍ତତ୍ତ୍ୱ, ନିଜସ୍ୱ ବିଚାର ପଦ୍ଧତି ଏବଂ କାର୍ଯ୍ୟକ୍ଷମତା ଅଛି। ସମାଜଗୁଡ଼ିକର ଏକ ଜନ୍ମଗତ ପ୍ରକୃତି ଅଛି, ଯାହା ଇତିହାସ ଉପରେ ଆଧାରିତ ନୁହେଁ। ଘଟଣାଗୁଡ଼ିକ ଏହାକୁ ପ୍ରଭାବିତ କରେନାହିଁ। ଏହି ଗୋଷ୍ଠୀ (ସମାଜ) ପ୍ରକୃତି ଠିକ୍ ମଣିଷ ଆତ୍ମା ସଦୃଶ, ଯାହା ଇତିହାସ ଦ୍ୱାରା ପ୍ରଭାବିତ ହୋଇ ନ ଥାଏ। ଦେଶ ପାଖରେ ଉଭୟ ଏକ ଆଦର୍ଶ ଓ ଏକ ମାତୃଭୂମି ଭାବନା ରହିଲେ ହିଁ ତାହା ଏକ ଦେଶ ଭାବେ ଗଣାହେବ। ଆମେ ଧର୍ମ ହାସଲ କରିବା ଲାଗି ଶରୀରକୁ ଏକ ସାଧନ ଭାବେ ଗ୍ରହଣ କରୁ। ଏହା ଥିଲା ଭାରତ ଓ ପାଶ୍ଚାତ୍ୟ ମଧ୍ୟରେ ପ୍ରଭେଦ ବୋଲି ଦର୍ଶାଇଥିଲେ। ଆମର ପ୍ରଚେଷ୍ଟା ଧର୍ମ, ଅର୍ଥ (ଟଙ୍କା), କାମ (ଆନନ୍ଦ) ଓ ମୋକ୍ଷ(ମୁକ୍ତି) ପାଇଁ ଥିଲା। ଏହି ୪ଟିକୁ ଭିନ୍ନ ଭାବେ ଦେଖିବା ପାଶ୍ଚାତ୍ୟର ତ୍ରୁଟି ଥିଲା। ଫଳରେ ଭୋଟଦେବା ଅଧିକାର ପାଇପାରିଲୁ କିନ୍ତୁ ଖାଦ୍ୟ ପାଇଲୁ ନାହିଁ। ଆମେରିକାର ଉଭୟ ରାଜନୈତିକ ସ୍ୱାଧୀନତା ଓ ଧନ ଥିଲେ ବି ଏହା ଆତ୍ମହତ୍ୟା ଓ ମାନସିକ ରୋଗୀଙ୍କ ସଂଖ୍ୟାରେ ବିଶ୍ୱରେ ଶୀର୍ଷରେ ରହିଲା। ଭୋଟଦେବା ଅଧିକାର ଓ ଖାଦ୍ୟ ଥାଇ ମଧ୍ୟ ସୁଖ କିମ୍ବା ଶାନ୍ତି ନ ଥିଲା। ଆମେରିକାରେ ସୁନିଦ୍ରାର ଅଭାବ ଥିଲା, କାରଣ ସେମାନେ ଏକୀକୃତ ମାନବବାଦ ବିଷୟରେ ଭାବି ନ ଥିଲେ। ଆମେରିକୀୟ କହନ୍ତି, ସାଧୁତା ହେଉଛି ସବୁଠୁ ଭଲ ବିଜ୍‌ନେସ୍ ନୀତି, କିନ୍ତୁ ଭାରତୀୟମାନେ କହନ୍ତି ସାଧୁତା ଏକ ନୀତି ନୁହେଁ, ବରଂ ଏକ ସିଦ୍ଧାନ୍ତ।

ଭାଜପା ତାହାର ମୂଳ ଦର୍ଶନରେ ଏକାତ୍ମ ମାନବବାଦ ଉପରେ ଯାହା କହୁଛି ତାହାର ମାନେ କ'ଣ ଏବଂ ଏହାର ଉଦ୍ଦେଶ୍ୟ କ'ଣ, ସେ ସମ୍ପର୍କରେ କିଭଳି ଭାଜପା ମନ୍ତ୍ରୀ କିମ୍ବା ସଦସ୍ୟମାନେ ବୁଝାଇପାରୁଛନ୍ତି, ତାହା ଦେଖିବା କୌତୂହଳର ବିଷୟ ହେବ। ସେମାନେ ଏଥିପାଇଁ ସଙ୍କଳ୍ପ ନେଉଛନ୍ତି ଏବଂ ଏଥିରେ କିଭଳି ବିଶ୍ୱାସ କରୁଛନ୍ତି ତାହା ଜାଣିବାକୁ ଜଣେ ଆଗ୍ରହୀ ହେବା ସ୍ୱାଭାବିକ।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | 6 | | 7 | | | |
| 5 | | | 4 | | | 6 | | 8 |
| | | | | | | | | |
| | 5 | | 8 | | 3 | | | |
| 6 | | | | 1 | | 2 | | |
| | | | | | | | | |
| | 6 | 2 | | | 4 | | 7 | |
| | 7 | 5 | | | | 3 | 8 | |
| 3 | | | 7 | | | 1 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 3 | 7 | 4 | 8 | 6 | 5 | 9 |
| 4 | 8 | 5 | 6 | 3 | 9 | 2 | 1 | 7 |
| 6 | 9 | 7 | 1 | 2 | 5 | 4 | 8 | 3 |
| 5 | 1 | 6 | 3 | 9 | 2 | 8 | 7 | 4 |
| 7 | 4 | 9 | 5 | 8 | 6 | 3 | 2 | 1 |
| 8 | 3 | 2 | 4 | 7 | 1 | 5 | 9 | 6 |
| 9 | 5 | 1 | 8 | 6 | 3 | 7 | 4 | 2 |
| 2 | 6 | 4 | 9 | 5 | 7 | 1 | 3 | 8 |
| 3 | 7 | 8 | 2 | 1 | 4 | 9 | 6 | 5 |

ଗତକାଲିର ଉତ୍ତର

# ୨୦୩୬ ଭିଜନରେ ବ୍ଲାଇଣ୍ଡ ସ୍ପଟ୍



**ସହଦେବ ସାହୁ**

ଆମ ଆଖିର ପଛପଟେ ଯେଉଁ ପରଦାଟିଏ ଅଛି, ତାକୁ ରେଟିନା କହନ୍ତି। ଯେଉଁଠି କୌଣସି ଜିନିଷଠାରୁ ଆସୁଥିବା ଆଲୋକ ପଡ଼ିଲା କ୍ଷଣି ସେଠାରେ ଥିବା ଆଲୋକ ଗ୍ରହଣକାରୀ କୋଷଗୁଡ଼ିକ ଜିନିଷର ଛବି ତିଆରି କରି ମସ୍ତିଷ୍କକୁ ପଠାନ୍ତି ବୋଲି ଆମେ ଜିନିଷଟିକୁ ଦେଖିପାରୁ। ଆଲୋକବାହୀ ସ୍ନାୟୁ (ଅପ୍ଟିକ୍ ନର୍ଭ)ଗୁଡ଼ିକ ଶେଷରେ ଏକାଠି ହୋଇ ରେଟିନାର ଯେଉଁ ବିନ୍ଦୁରେ ପ୍ରବେଶ କରନ୍ତି, ସେଠି ଆଲୋକଗ୍ରାହୀ କୋଷ ନାହିଁ ବୋଲି ସେହି ବିନ୍ଦୁଠାରେ କିଛି ଦିଶେ ନାହିଁ; ତେଣୁ ସେହି ଜାଗାକୁ ବ୍ଲାଇଣ୍ଡ ସ୍ପଟ୍, ଅନ୍ଧବିନ୍ଦୁ, କୁହାଯାଏ। ଆମ ରାଜ୍ୟ ସରକାର ତିଆରି କରିଥିବା 'ଓଡ଼ିଶା ଭିଜନ ୨୦୩୬'ରେ ବ୍ଲାଇଣ୍ଡ ସ୍ପଟ୍ ଅଛି କହିବା ମାନେ ସରକାରଙ୍କୁ କେତେକ ସମସ୍ୟା ଦିଶୁନାହିଁ। ତେଣୁ ସେଗୁଡ଼ିକର ସମାଧାନ ଉପରେ ସରକାରଙ୍କ ଦୃଷ୍ଟି ପଡ଼ିନାହିଁ। ସବୁ ଲୋକଙ୍କ ପାଖରେ ସରକାର ନ ପହଞ୍ଚିଲେ ଓ ପ୍ରତ୍ୟେକ ଓଡ଼ିଶାବାସୀ ସରକାରଙ୍କୁ ପାଖରେ ନ ପାଇପାରିଲେ (ସବ୍‌କା ସାଥ୍, ସବ୍‌କା ବିକାଶ ସ୍ଲୋଗାନ୍‌ର ମର୍ମ ତ ଏଇୟା!) ଭାଷାଭିତ୍ତିକ ରାଜ୍ୟ ଗଠନର ଉଦ୍ଦେଶ୍ୟ ଶହେ ବର୍ଷ ପରେ ବି ବିଫଳ ହୋଇଛି ବୋଲି ମନେହେବ।

ଓଡ଼ିଶାକୁ 'ସୁଚିନ୍ତିତ ଉଦ୍ଭାବନ ଓ ଜ୍ଞାନଭିତ୍ତିକ ସେବା ଉଦ୍ୟୋଗର କେନ୍ଦ୍ର ରୂପେ ପ୍ରତିଷ୍ଠା' କରିବା 'ଭିଜନ ୨୦୩୬'ର ମୂଳମନ୍ତ୍ର ବୋଲି କହିଲା ବେଳେ ସରକାର ଭୁଲି ଯାଉଛନ୍ତି ଯେ ଏ 'ସେବା' ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ଛୁଇଁପାରିବାର ବ୍ୟବସ୍ଥା 'ଭିଜନ'ରେ ନାହିଁ। ଭୁବନେଶ୍ୱରରେ ସବୁ ଟିଭି ଅଛି, ସବୁ ସମ୍ବାଦପତ୍ର ଅଛି (କଟକରେ ଗୋଟିଏ ମାତ୍ର) ମାନେ ଏହିଠି ପ୍ରେସ୍ ହାଣ୍ଡ ଆଉଟ୍ ବାଣ୍ଟିଦେଲେ ବା ଟିଭି ବୁମ୍‌ରେ କହିଦେଲେ ଓଡ଼ିଶାବାସୀ ସମସ୍ତେ ଜାଣୁଛନ୍ତି ବୋଲି ଭାବିବା ମସ୍ତବଡ଼ ଭୁଲ୍। ସରକାର ଏବେ ଯାହା କିଛି କହୁଛନ୍ତି ବା କରୁଛନ୍ତି ସବୁ କେବଳ ନେତାମାନଙ୍କ ଚାମଚାଙ୍କ ଜରିଆରେ ଦୂରଦୂରାନ୍ତର ଲୋକଙ୍କ ପାଖକୁ ଯାଉଛି। ସରକାରୀ ସେବା ବା ଅନୁଦାନ, ଜମିବାଡ଼ି ଗଣ୍ଡଗୋଳର ସମାଧାନ, ଚିକିତ୍ସା ସୁବିଧା ଅଥବା ଶିକ୍ଷାନୁଷ୍ଠାନରେ ପ୍ରବେଶ ସୁବିଧା ପାଇଁ ଏବେ ବି ବହୁତ ଲୋକ ପଲିଟିକାଲ୍ ମଧ୍ୟସ୍ଥ, ଗାଁର ଟାଉଟର, କଚେରିର ରାଇଟର୍ ବା ସେବାକେନ୍ଦ୍ରର କର୍ମଚାରୀଙ୍କ ପାଖକୁ ଦଉଡ଼ୁଛନ୍ତି, ହାତଗୁଞ୍ଜା ନ ଦେଲେ ସମାଧାନର ଦିଗ୍‌ବଳୟ ଘୁଞ୍ଚି ଘୁଞ୍ଚି ଯାଉଛି। ସରକାରଙ୍କ ସହ ସମ୍ପର୍କ ରଖିବାର ସାଧନ ସେମାନଙ୍କ ପାଖରେ ନାହିଁ। ପ୍ରାକୃତିକ ବା ସାମାଜିକ ବିପର୍ଯ୍ୟୟ ଓ ଗଣ୍ଡଗୋଳ ସମୟରେ ଆଭ୍ୟନ୍ତରୀଣ ଗାଁଗଣ୍ଡାର ଲୋକେ ଓ ପିଲାଏ ଗଛ ବା ପାହାଡ଼କୁ ଚଢ଼ିଲେ ହିଁ ମୋବାଇଲ୍ ଫୋନ୍ କିଞ୍ଚିତ୍ ପରିମାଣରେ ବ୍ୟବହାର କରିପାରୁଛନ୍ତି, କଣ୍ଟ୍ରାକ୍ଟର-ନେତା ମଧୁଚନ୍ଦ୍ରିକା ରାଜ୍ୟର ଯୋଗାଯୋଗ ବ୍ୟବସ୍ଥାକୁ ଅସମ୍ପୂର୍ଣ୍ଣ ବା ଅଚଳ ରଖୁଛି। ଲୋକେ ସରକାରଙ୍କୁ ତତ୍‌କ୍ଷଣାତ୍ ଜଣାଇବାର ସୁବିଧା ନାହିଁ। ୨୦୩୬ରେ ଓଡ଼ିଶାର ଚିତ୍ର କିପରି ଦିଶିବ, ତହିଁରେ ଏହିପରି ବହୁତ ବ୍ଲାଇଣ୍ଡ ସ୍ପଟ୍ ଅଛି, ଯେଉଁଗୁଡ଼ିକୁ ନ ହଟାଇଲେ ସମ୍ପୂର୍ଣ୍ଣ ବିକାଶ ଅସମ୍ଭବ।

ସରକାରଙ୍କୁ କ'ଣ ଦିଶୁନାହିଁ ଦେଖିବା ଆସନ୍ତୁ। ବିଧାନସଭାରେ ସରକାର ପ୍ରକାଶ କରିଛନ୍ତି ୧୬୭ ପଞ୍ଚାୟତର ୨୦୬୩ ଗାଁରେ ମୋବାଇଲ ନେଟ୍‌ୱର୍କ ନାହିଁ, ୧୦ଟି ପଞ୍ଚାୟତରେ ବ୍ରଡ୍ ବେଣ୍ଡ କନେକ୍ଟିଭିଟି ନାହିଁ। ବିଜେଡି ସରକାର ୨୦୨୩ରୁ କହିଆସିଛନ୍ତି ଯେ, ପ୍ରାୟ ୧୩,୦୦୦ ଗାଁରେ ବିଜୁଳି ନାହିଁ। ମୋଟ ଗାଁ ସଂଖ୍ୟା ୫୧,୩୪୯ ଏକଚତୁର୍ଥାଂଶରେ କେବଳ ଆଲୋକ-ଅଭାବ ଅନ୍ଧାରରେ ରହୁନାହାନ୍ତି, (ବିଜୁଳି ଅଭାବରୁ ଇଣ୍ଟରନେଟ୍ କନେକ୍ଟିଭିଟି ବି ନ ଥିବା କାରଣରୁ) ସୂଚନା-ଅଭାବଜନିତ ଅଜ୍ଞାନ-ଅନ୍ଧକାରରେ ବି ଅଛନ୍ତି। ସରକାରୀ ପରିସଂଖ୍ୟାନରେ ତ ୨୮% ନିରକ୍ଷର। ସରକାରଙ୍କ ୨୦୩୬-ଭିଜନରେ ବ୍ଲାଇଣ୍ଡ ସ୍ପଟ୍ କେତେ ବଡ଼ ଭାବନ୍ତୁ! ସବୁ ଅଞ୍ଚଳକୁ ବ୍ରଡ୍ ବେଣ୍ଡ କନେକ୍ଟିଭିଟି ନ ଆଣିଲେ କେବଳ ନିରକ୍ଷର ଲୋକ ନୁହନ୍ତି, ସମସ୍ତଙ୍କ ନିକଟରେ ସରକାର ପହଞ୍ଚିପାରିବେ ନାହିଁ। ଏଥିପାଇଁ ଦରକାର ପ୍ରତି ୨୫ କିଲୋମିଟର ବ୍ୟାସ ପରିମିତ ଇଲାକାରେ ଗୋଟିଏ ଲେଖାଏଁ ମୋବାଇଲ୍ ଟାୱାର, ତହିଁରେ ପରିବାହିତ ବ୍ରଡ୍ ବେଣ୍ଡକୁ ବ୍ୟବହାର କରିବା ଲାଗି ପ୍ରତି ପରିବାର ପାଇଁ ଗୋଟିଏ ଲେଖାଏଁ ଟାବ୍‌ଲେଟ୍ (କମ୍ପ୍ୟୁଟର ଓ ସ୍ମାର୍ଟ ମୋବାଇଲ୍ ଉଭୟର କାମ କରିଥାଏ ଟାବ୍‌ଲେଟ୍)। ଇଣ୍ଟରନେଟ୍‌ର ବିଭିନ୍ନ ୱେବ୍‌ସାଇଟ୍‌କୁ ଯାଇ ଅସୀମ ସଂଖ୍ୟାର ବହି, ପତ୍ରିକା, ଗବେଷଣା ପ୍ରବନ୍ଧ, ସମ୍ବାଦପତ୍ର ଓ ଇ-ମେଲ୍ ସହ ୟୁଟ୍ୟୁବ୍ ବ୍ୟବସ୍ଥାର ସୁବିଧା ସମସ୍ତଙ୍କୁ ମିଳିପାରିବ। କମ୍ପ୍ୟୁଟର ଯନ୍ତ୍ରରେ ଏଆଇ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, କୃତ୍ରିମ ବୁଦ୍ଧିମତ୍ତା) ପାଠ ଥିବାରୁ ନିରକ୍ଷର ଲୋକ ଭଏସ୍ ମେସେଜ୍ (ଆଳାପ) ଜରିଆରେ ସରକାରଙ୍କ ସହ ସମ୍ପର୍କ ରଖିପାରିବ। ଗତ ଜୁନ୍ ମାସ ଶେଷରେ ଭାରତୀୟ ରେଳବାଇ ତ ଭଏସ୍ ବୁକିଂ ଆରମ୍ଭ କରିଦେଇଛି। ଇଣ୍ଡିଆନ୍ ରେଲ୍‌ୱେ କାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେଶନ୍ (ଆଇଆରସିଟିସି) ଆସ୍କଦିଶା ୨.୦ ନାମକ ନୂଆ ଚାଟ୍‌ବଟ୍ ପ୍ରୟୋଗ କରୁଛି। ଆଇଆର୍‌ସିଟିସି ୱେବ୍‌ସାଇଟ୍‌କୁ ଯାଇ କିମ୍ବା ମୋବାଇଲ୍ ଫୋନ୍‌ରେ ଆସ୍କଦିଶା ୨.୦ ଆପ୍ ଖୋଲି ତା' ଉପରେ ଟିପ ମାର, ହିନ୍ଦୀରେ କହି ଟିକେଟ୍ ବୁକିଂ



କରିପାରିବ। ତୁମ କମ୍ପ୍ୟୁଟର ବା ସ୍ମାର୍ଟଫୋନ୍ କହିବ ତୁମର ଭ୍ରମଣ ବିବରଣୀ କୁହ, ଷ୍ଟେଶନ ନାଁ, ତାରିଖ ଓ କେଉଁ କ୍ଲାସ୍‌ରେ ଯିବ। ସେଆଡୁ ଶୁଭିବ କେଉଁ କେଉଁ ଟ୍ରେନ୍ କେତେବେଳେ ଯାଉଛି, କେତେ ସିଟ୍ ଫାଙ୍କା ଅଛି ଓ ଟିକଟ ଦାମ୍। ତୁମେ ଟ୍ରେନ୍ ବାଛିବ, କ୍ଲାସ୍ ବାଛିବ। ଏଆଇର ଯନ୍ତ୍ର-ମଣିଷ ତାହା ଶୁଣି ଯାଞ୍ଚ କରିବ, ଠିକ୍ ଥିଲେ ପେମେଣ୍ଟ (ଦେୟ) ପୃଷ୍ଠା ଖୋଲିବ, ତୁମେ ତାହା କଥା ଶୁଣି ତୁମ ଭଏସ୍ (କଥା)ରେ ପଦ-ପୂରଣ କରିବ। ଯନ୍ତ୍ର-ମଣିଷଟି ପାଉଣା ମାଗିବ, ତୁମ କଥାରେ ତାହା ପୂରଣ କଲାକ୍ଷଣି ଏସ୍‌ଏମ୍‌ଏସ୍ ଜରିଆରେ ପିଏନ୍‌ଆର୍ ନମ୍ବର ସହ ଟିକଟଟିଏ ଛପା ହୋଇଯିବ। ଯିଏ ପାଠ ପଢ଼ି ନାହିଁ, କମ୍ପ୍ୟୁଟରରେ କି ବୋର୍ଡ ବ୍ୟବହାର ଜାଣିନାହିଁ କି ଟାଇପ୍ କରିବା ଜାଣିନାହିଁ ସିଏ ପାଟି କରି (ଭଏସ୍ ଅନୁଯାୟୀ) କହିଲେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଫରମ ପୂରଣ କରିଦେବ। ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ବା ଅଫିସ୍‌ରେ ସେହିଭଳି ଏଆଇ ଚାଟ୍‌ବଟ୍ ୱେବ୍‌ସାଇଟ୍ ଖୋଲି ନାଗରିକମାନଙ୍କ ଅଭିଯୋଗ ସାଙ୍ଗେ ସାଙ୍ଗେ ସମାଧାନ କରିହେବ। ତା' ହୋଇପାରିଲେ ଭୁବନେଶ୍ୱର ବା ଅନ୍ୟତ୍ର ଲୋକଙ୍କୁ ଡକାଇ ଅଭିଯୋଗ ଶୁଣାଣିରେ ସମୟ ଓ ଅର୍ଥ ଖର୍ଚ୍ଚରୁ ସରକାରୀ ଅଧିକାରୀ ଓ ମନ୍ତ୍ରୀମାନେ ନିଜକୁ ଓ ନାଗରିକମାନଙ୍କୁ ହଇରାଣରୁ ବଞ୍ଚାଇ ପାରିବେ। ଫର୍ମ ପୂରଣ ସତ୍ତ୍ୱେ ସମାଧାନ ନ ହୋଇପାରିଲେ କ'ଣ କଲେ ସମାଧାନ ହୋଇପାରିବ ଏଆଇ ତାହା ବତାଇବ। ଲୋକେ ଆଉ ଥରେ ଚେଷ୍ଟା କରିବେ, ଘରେ ବସି ବସି।

ଏଥିପାଇଁ ଭିଜନ ୨୦୩୬ ଦସ୍ତାବିଜ୍‌ରେ ଆଜିଠୁ ବ୍ୟବସ୍ଥା କରିବାକୁ ପଡ଼ିବ, ୨୦୨୬ରେ ବାର୍ଷିକ ୨୦,୦୦୦ କୋଟି ଖର୍ଚ୍ଚ ଏବଂ ପରବର୍ତ୍ତୀ ବର୍ଷମାନଙ୍କରେ ପୂର୍ବବର୍ଷଠାରୁ ୧୫% ବେଶି ପରିମାଣର ବଜେଟ କରି ୫ ବର୍ଷରେ (୨୦୩୦ ସୁଦ୍ଧା) ଭଏସ୍ ମେସେଜିଂ ବ୍ୟବସ୍ଥା ସମ୍ପନ୍ନ କରିହେବ। ଓଡ଼ିଶା ବଜେଟ ପ୍ରତି ବର୍ଷ ୧୫% ବଢୁଥିବାରୁ ଏଭଳି ପ୍ରସ୍ତାବ ସମ୍ଭବ। ସେହି ଅର୍ଥରେ ପ୍ରତି ଗ୍ରାମ ଓ ସାହିକୁ ବିଜୁଳି ଯୋଗାଇହେବ (ବିଦ୍ୟୁତ୍ ପରିବହନ ତାରରୁ ହେଉ ବା ସୌରଶକ୍ତିରୁ ହେଉ), ମୋବାଇଲ ଟାୱାର ବସାଇ ତାକୁ ଚାଲୁ କରିହେବ, ଓଡ଼ିଶାରେ ବିକ୍ରି ହେଉଥିବା ପ୍ରତି ସ୍ମାର୍ଟ ଫୋନ୍, ଲାପ୍‌ଟପ୍, ଡେସ୍କଟପ୍ ଓ ସର୍ଭରରେ ୟୁନିକୋଡ୍ ଓଡ଼ିଆ ବର୍ଣ୍ଣ ଓ ମାତ୍ରା ଥିବା ସଫ୍ଟୱେୟାର ଭର୍ତ୍ତି କରିହେବ, ଉଚ୍ଚାରଣ କରି ଆବଶ୍ୟକ ଫର୍ମ ପୂରଣ କରିହେବ। ଯେଉଁ ଯନ୍ତ୍ର (ଡିଭାଇସ୍)ରେ ଏ ପ୍ରକାରର ସଫ୍ଟୱେୟାର୍ ଥିବ, ତାହାର ବିକ୍ରି ସହଜ ଓ ସରଳ କରିବା ଲାଗି ତା' ଉପରେ ସବୁ ପ୍ରକାରର ଟିକସ ଛାଡ଼ ଦିଆଯିବ ଏବଂ ତାହା ନଥିବା ଡିଭାଇସ୍ ଉପରେ ମୂଳ ଟିକସର ଚାରିଗୁଣ ସର୍‌ଚାର୍ଯ୍ୟ ଧାର୍ଯ୍ୟ ହେବ। ଦାରିଦ୍ର୍ୟ ସୀମାରେଖାରେ ଓ ରେଖା ତଳେ ଥିବା ପ୍ରତି ପରିବାରକୁ ଗୋଟିଏ ଲେଖାଏଁ ଟାବ୍‌ଲେଟ୍ ମାଗଣା ଦିଆଯିବ। ପ୍ରଥମେ ଓଡ଼ିଶାର ଯେଉଁ ଗାଁଗଣ୍ଡାକୁ ବିଜୁଳି ନାହିଁ, ସେଠାରେ ବିଜୁଳି ବନ୍ଦୋବସ୍ତ କରାଯାଉ ଏବଂ ନୂଆ କମ୍ପ୍ୟୁଟର ଡିଭାଇସ୍‌ମାନ ତିଆରି କରିବାକୁ ମାନୁଫାକ୍ଚରମାନଙ୍କୁ ଅଗ୍ରିମ ଦିଆଯାଉ, ବ୍ରଡ୍ ବେଣ୍ଡ ସେବା ଯୋଗାଉଥିବା କମ୍ପାନୀମାନଙ୍କଠାରୁ ଇଚ୍ଛାପତ୍ର ମଗାଯାଇ ତୁରନ୍ତ କାମ ପାଇଁ ଅଗ୍ରିମ ଦିଆଯାଉ। ଲୋକସେବା ପ୍ରଦାନକାରୀ ପ୍ରତି ଅଫିସ୍‌ରେ ଏଆଇ ଚାଟ୍‌ବଟ୍ ଭଳି ଭଏସ୍ ମେସେଜିଂ ବ୍ୟବସ୍ଥା କରାଯାଉ, ଲୋକଙ୍କ ଆପତ୍ତି (ଗ୍ରିଭାନ୍ସ) ସହଜରେ ତୁଟିପାରିବ, ଓଡ଼ିଶାର ହାପିନେସ୍ ଇଣ୍ଡେକ୍ସ ଖୁବ୍ ଉଚ୍ଚକୁ ଉଠିଯିବ।

sahadevasahoo@yahoo.com

# ନୌସେନା ଲଢୁଆ ପାଇଲଟ

ସାଧାରଣରେ କୁହାଯାଇଥାଏ ପୁରୁଷମାନେ କଠିନ ତଥା ଆହ୍ୱାନପୂର୍ଣ୍ଣ କାର୍ଯ୍ୟ ଅକ୍ଳେଶରେ କରିପାରିଥାଆନ୍ତି, ଯାହା ମହିଳାଙ୍କ କ୍ଷେତ୍ରରେ ସହଜ ହୋଇ ନ ଥାଏ। କିନ୍ତୁ କିଛିବର୍ଷ ହେବ ଦେଖାଯାଉଛି ଶତ୍ରୁଙ୍କ ସହ ଲଢ଼ିବା କ୍ଷେତ୍ରରେ ମଧ୍ୟ ଭାରତୀୟ ମହିଳାଙ୍କ ପ୍ରବେଶ ଉତ୍ସାହଜନକ ହେବାରେ ଲାଗିଛି। ଐତିହାସିକ ଦୃଷ୍ଟିରୁ ଦେଖିଲେ ରାଣୀ ଲକ୍ଷ୍ମୀବାଈଙ୍କ କଥା ପ୍ରାୟ ସମସ୍ତେ ପିଲାବେଳୁ ପଢ଼ିଆସିଥିବେ। ଏବର ସମୟରେ ମହିଳାମାନେ ମଧ୍ୟ ନିଜକୁ ଯୋଦ୍ଧା ସ୍ତରରେ ନେଇ ପହଞ୍ଚାଇ ସାରିଲେଣି। ଭାରତରେ ଯୁଦ୍ଧ ବିମାନ ଉଡ଼ାଣର ଧାରାରେ ୨୦୧୬ରେ ବିରାଟ ପରିବର୍ତ୍ତନ ଆସିଥିଲା। ଏହି ସମୟରେ ଭାରତୀୟ ବାୟୁସେନା ପ୍ରଥମେ ତିନି ଜଣ ମହିଳା ଅଫିସର ଅବନୀ ଚତୁର୍ବେଦୀ, ଭାବନା କାନ୍ଥ ଏବଂ ମୋହନା ସିଂହଙ୍କୁ ଫାଇଟର ଷ୍ଟ୍ରିମ୍‌ରେ ନିଯୁକ୍ତ କରାଇ ଇତିହାସ ରଚିଥିଲା। ଏହାର ୯ ବର୍ଷ ପରେ ଭାରତୀୟ ନୌସେନାରେ ସବ୍ ଲ୍ୟୁଟ୍‌ନାଣ୍ଟ (ଏସ୍‌ଏଲ୍‌ଟି) ଆସ୍ଥା ପୁନିଆ ପ୍ରଥମ ମହିଳା ଭାବେ ଫାଇଟର ଷ୍ଟ୍ରିମ୍‌ରେ ଅନ୍ତର୍ଭୁକ୍ତ ହୋଇ ମହିଳା ପାଇଲଟମାନଙ୍କ ପାଇଁ ଏକ ନୂଆ ଯୁଗର ପଥ ଦେଖାଇଛନ୍ତି। ଭାରତୀୟ ନୌସେନା ମଧ୍ୟ ୩ ଜୁଲାଇ ୨୦୨୫ରେ ବିଶାଖାପାଟଣାର ଆଇଏନ୍‌ଏସ୍ ଡେଗାରେ ଦ୍ୱିତୀୟ ବେସିକ ହକ୍ କନ୍‌ଭରଶନ କୋର୍ସର ଅଂଶ ଭାବେ ଏହି ମହିଳାଙ୍କୁ ଏହାର ଫାଇଟର ଷ୍ଟ୍ରିମରେ ସାମିଲ କରିଛି। ଦେଖିବାକୁ ଗଲେ ଭାରତୀୟ ନୌସେନା ପୂର୍ବରୁ ଏମ୍‌ଆର୍ ବିମାନ ଏବଂ ହେଲିକପ୍ଟରରେ ମହିଳା ଅଫିସରମାନଙ୍କୁ ପାଇଲଟ ଏବଂ ନୌସେନା ଏୟାର ଅପରେଶନ ଅଫିସର ଭାବେ ଅନ୍ତର୍ଭୁକ୍ତ କରିସାରିଛି। କିନ୍ତୁ ଏସ୍‌ଏଲ୍‌ଟି ଆସ୍ଥା ପୁନିଆଙ୍କୁ ଫାଇଟର ଷ୍ଟ୍ରିମ୍‌ରେ ଅନ୍ତର୍ଭୁକ୍ତ କରିବା ଭାରତୀୟ ନୌସେନାର ନୌସେନା ଏଭିଏସନ୍‌ରେ ଲିଙ୍ଗ ଅନ୍ତର୍ଭୁକ୍ତୀ ଓ ନାରୀ ଶକ୍ତିକୁ ପ୍ରୋତ୍ସାହନ ଦେବା, ସମାନତା ଏବଂ ସୁଯୋଗର ସଂସ୍କୃତି ସୃଷ୍ଟି କରିବା ପ୍ରତି ଥିବା

**ବ୍ୟକ୍ତିତ୍ୱ**



ଆସ୍ଥା ପୁନିଆ

ପ୍ରତିବଦ୍ଧତାକୁ ଉଜାଗର କରିଛି। ସବ୍ ଲ୍ୟୁଟ୍‌ନାଣ୍ଟ ଆସ୍ଥା ପୁନିଆ ଏବଂ ଲ୍ୟୁଟ୍‌ନାଣ୍ଟ ଅତୁଲ କୁମାର ଧୁଲ ଇତିମଧ୍ୟରେ ଆସିଷ୍ଟାଣ୍ଟ ଚିଫ୍ ଅଫ୍ ନାଭାଲ ଷ୍ଟାଫ୍ (ଏସିଏନ୍‌ଏସ୍) ଏୟାର ରିୟର ଆଡମିରାଲ ଜନକ ବେଭଲିଙ୍କଠାରୁ ମର୍ଯ୍ୟାଦାଜନକ 'ୱିଙ୍ଗ୍ସ ଅଫ୍ ଗୋଲ୍ଡ' ଗ୍ରହଣ କରିଛନ୍ତି। ତେବେ ବର୍ତ୍ତମାନ ଆସ୍ଥାଙ୍କ ବ୍ୟକ୍ତିତ୍ୱକୁ ନେଇ ଚାରିଆଡ଼େ ଚର୍ଚ୍ଚା।

ଉତ୍ତରପ୍ରଦେଶର ମିରଟ୍‌ରେ ଆସ୍ଥା ଜନ୍ମଗ୍ରହଣ କରିଥିଲେ। ମୁଜାଫରନଗର ସିଭିଲ ଲାଇନ୍ସସ୍ଥିତ ଏସ୍.ଡି. ଇଣ୍ଟର କଲେଜରୁ ସ୍କୁଲ ଶିକ୍ଷା ସମାପ୍ତ କରିବା ପରେ ରାଜସ୍ଥାନର ବନସ୍ଥଳୀ ବିଦ୍ୟାପୀଠ(ବନସ୍ଥଳୀ ବିଶ୍ୱବିଦ୍ୟାଳୟ)ରୁ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂରେ ବି.ଟେକ୍ କରିଥିଲେ। ତାଙ୍କ ପିତା ଅରୁଣ ପୁନିଆ ମିରଟ୍‌ର ସାର୍ଦ୍ଧନାସ୍ଥିତ ଜବାହର ନବୋଦୟରେ ଗଣିତ ଶିକ୍ଷକ ଥିବା ବେଳେ ମାତା ସାନ୍ୟୋଗୀତା ଚୌଧାରୀ ମୁଜାଫରନଗର ବାଘ୍ରାଠାରେ ଏକ ପ୍ରାଥମିକ ସ୍କୁଲର ଅଧକ୍ଷା ଅଛନ୍ତି। ଭାଇ ହର୍ଷବର୍ଦ୍ଧନ ପୁନିଆ ଏବେ ପାଠ ପଢୁଛନ୍ତି। ଏକ ଶିକ୍ଷକ ପରିବାରରୁ ଆସିଥିବା ଆସ୍ଥାଙ୍କ ଆକାଶରେ ଉଡ଼ିବା ପିଲା ବେଳରୁ ଲକ୍ଷ୍ୟ ଥିଲା। ଦ୍ୱାଦଶ ପରୀକ୍ଷାରେ ପଦାର୍ଥ ବିଜ୍ଞାନ, ଗଣିତ ଓ ରସାୟନ ବିଜ୍ଞାନ ନେଇ ପଢ଼ିଥିଲେ। ଆସ୍ଥା ବନସ୍ଥଳୀ ବିଦ୍ୟାପୀଠରେ ବି.ଟେକ୍ କରିବା ବେଳେ ଜୁଲାଇ ୨୦୨୨ରୁ ଡିସେମ୍ବର ୨୦୨୨ ଯାଏ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ(ଡିଆର୍‌ଡିଓ)ରେ ୬ ମାସିଆ ଇଣ୍ଟର୍ନଶିପ୍ କରିଥିଲେ। ପରେ ମେ' ୨୦୨୩ରୁ ଜୁନ୍ ଶେଷଯାଏ ଦୁଇମାସ ଧରି ହାଇଦ୍ରାବାଦରେ ଥିବା ଆମେରିକୀୟ ସୂଚନା ପ୍ରଯୁକ୍ତି କମ୍ପାନୀ ହେୱଲେଟ୍-ପାକାର୍ଡ ଏଣ୍ଟରପ୍ରାଇଜ୍ (ଏଚ୍‌ପିଇ)ରେ ସେ ସଫ୍ଟୱେର ବିକାଶ ସମ୍ବନ୍ଧୀୟ ଇଣ୍ଟର୍ନଶିପ୍ ମଧ୍ୟ କରିଥିଲେ। ପରେ ସେ ଆର୍ମି ଏଣ୍ଟ୍ରି ଏକ୍‌ଜାମ (ଟେକ୍‌ନିକାଲ ଏଣ୍ଟ୍ରି) ଦେଇ ସେଥିରେ କୃତକାର୍ଯ୍ୟ ହୋଇଥିଲେ। ଫଳରେ ତାଙ୍କୁ ଭାରତୀୟ ନୌସେନାରେ ଯୋଗଦେବା ଲାଗି ସୁଯୋଗ ମିଳିଥିଲା। କେରଳର ଏଝିମାଲାସ୍ଥିତ ଇଣ୍ଡିଆନ୍ ନାଭାଲ ଏକାଡେମୀ (ଆଇଏନ୍‌ଏ)ରେ ସେ ଦୁଇବର୍ଷ ପ୍ରଶିକ୍ଷଣ ନେଇଥିଲେ। ୩ ଜୁଲାଇ ୨୦୨୫ରେ ନୌସେନା ବିମାନ ଚାଳନାର ଲଢୁଆ ଷ୍ଟ୍ରିମ୍‌ରେ ପ୍ରଥମ ମହିଳା ହେବାର ସେ ଗୌରବ ଅର୍ଜନ କଲେ।

ଦୃଢ଼ ଇଚ୍ଛାଶକ୍ତି ଥିଲେ ଜଣେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରନ୍ତି ବୋଲି ଆସ୍ଥାଙ୍କ ଜୀବନଯାତ୍ରା ସୂଚାଇ ଦେଇଛି। ବି.ଟେକ୍‌ର ଛାତ୍ରୀ ହୋଇ ସେ ଯେଉଁ ପର୍ଯ୍ୟାୟ ଦେଇ ଆଜି ଏଭଳି ସ୍ଥାନରେ ପହଞ୍ଚିପାରିଛନ୍ତି, ନିଶ୍ଚିତ ଭାବେ ସେ ଦୁଃସାହସିକ ଲଢୁଆ ଉଡ଼ାଣ କରିବାକୁ ଲକ୍ଷ୍ୟ ରଖିଥିବା ଯୁବତୀଙ୍କ ପାଇଁ ପ୍ରେରଣାଦାୟିନୀ ପାଲଟିଛନ୍ତି। ଅବିବାହିତା ଆସ୍ଥାଙ୍କ କାର୍ଯ୍ୟଦକ୍ଷତା ଉପରେ ନୌସେନାର ଆସ୍ଥାପ୍ରକଟ ନିଶ୍ଚିତ ଭାବେ ତାଙ୍କୁ ଆଗକୁ ବଢ଼ି ଭବିଷ୍ୟତରେ ଆହୁରି ନୂଆ ମାଇଲଖୁଣ୍ଟ ସ୍ଥାପନର ସୁଯୋଗ ଦେଉ ବୋଲି ପ୍ରତି ଭାରତୀୟ ଆଶା ରଖିବା ସ୍ୱାଭାବିକ।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଓଡ଼ିଶାରେ ଆମେ ପାଖାପାଖି ୧ କେ.ଜି. ଓଜନର ଆମ୍ବ ଦେଖିଥାଉ। ଏହି କିସମର ଆମ୍ବକୁ ଆମେ ମଣିଷମୁଣ୍ଡିଆ ଆମ୍ବ ବୋଲି କହୁ ଓ ଏହା ଧୀରେ ଧୀରେ ଲୋପ ହେବାକୁ ବସିଲାଣି। ହେଲେ ଏବେ ମଧ୍ୟପ୍ରଦେଶରେ ୩ କେ.ଜି.ରୁ ଅଧିକ ଓଜନର ଆମ୍ବ ଫଳୁଛି। ବିଶ୍ୱାସ ହେଉ ନ ଥିଲେ ବି ସତ। କାଥିୱାଡର ଶିବରାଜ ସିଂ ଯାଦବ ତାଙ୍କ ଫାର୍ମରେ ଏହି କିସମର ଆମ୍ବ ଫଳାଉଛନ୍ତି। ତାଙ୍କ ଫାର୍ମର ନାଁ ହେଉଛି ନୁର୍‌ଜାହାଁ ମ୍ୟାଙ୍ଗୋ ଫାର୍ମ ଏବଂ ଏହି କିସମର ଆମ୍ବ ନାମ ଦେଇଛନ୍ତି ନୁର୍‌ଜାହାଁ ଆମ୍ବ। ମୋଗଲ ରାଣୀ ନୁର୍‌ଜାହାଁଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି। ଅନେକ ଶତାବ୍ଦୀ ପୂର୍ବରୁ ନୁର୍‌ଜାହାଁ କିସମର ଆମ୍ବ ଆଫ୍‌ଗାନିସ୍ତାନରୁ ଗୁଜରାଟ ଦେଇ ମଧ୍ୟପ୍ରଦେଶକୁ ଆସିଥିଲା। ଏହି ଗଛରେ ଜାନୁଆରୀ କିମ୍ବା ଫେବୃଆରୀରେ ବଉଳ ଆସେ ଓ ଜୁନ୍‌ରେ ପାଚିଥାଏ। ଶିବରାଜଙ୍କ ବାପା ୧୯୬୫ରେ ପ୍ରଥମେ ଫାର୍ମ କରିବା ସହ ଏହି କିସମ ଆମ୍ବ ଲଗାଇଥିଲେ। ଏବେ ଏହି କିସମ ଆମ୍ବ ଆମେରିକା ଓ ଇଂଲଣ୍ଡକୁ ରପ୍ତାନି କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୬ ଜୁଲାଇ ୧୯୭୬**

- ବହିରାକ୍ରମଣ ଉଦ୍ୟମରୁ ଦେଶର ସୁରକ୍ଷା ପାଇଁ ସମଗ୍ର ସୁଦାନରେ ଜରୁରୀ ପରିସ୍ଥିତି ଘୋଷଣା।
- କମ୍ୟୁନିଷ୍ଟ ଦଳର ପୂର୍ବତନ ପାର୍ଲାମେଣ୍ଟ ସଦସ୍ୟ ଓ ଜନୈକ ଜଣାଶୁଣା ମାର୍କ୍ସପନ୍ଥୀ ଦାର୍ଶନିକ ଶ୍ରୀ କେ. ଦାମଦରନ୍‌ଙ୍କ ୬୩ବର୍ଷ ବୟସରେ ପରଲୋକ।
- ମାନ୍ଦ୍ରାଜର ଏକ ସହରତଳି ଅଞ୍ଚଳରେ ମେଥିଲେଟେଡ୍ ସ୍ପିରିଟ୍ ମିଶା ବିଷାକ୍ତ ମଦ୍ୟପାନ କରି ୮୫ଜଣ ବ୍ୟକ୍ତିଙ୍କ ମୃତ୍ୟୁ।

# ପାଠକ ଶ୍ରେଷ୍ଠ ବିଚାରକ

## ମିଳୁନି ପିଇବା ପାଣି

ମହାଶୟ,

ସରକାରଙ୍କ ପକ୍ଷରୁ ଲୋକଙ୍କ ସୁବିଧା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି। କିନ୍ତୁ ସେସବୁ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ସାଧାରଣ ଲୋକେ। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ପୁରୀ ଜିଲା ସତ୍ୟବାଦୀ ବ୍ଲକର ଶାସନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ଏମିତି ଗାଁ ଅଛି, ଯେଉଁଠାରେ ପିଇବା ପାଣି ସୁବିଧା ନାହିଁ। ଖବରକାଗଜରେ ପ୍ରକାଶିତ ଖବର ଅନୁସାରେ ପୁରୀ ଜିଲାରେ ଝାଡ଼ାବାନ୍ତି ବ୍ୟାପିଛି। କଣାସ ଓ ଅସ୍ତରଙ୍ଗ ବ୍ଲକର ଶତାଧିକ ଗ୍ରାମରେ ନୂଆ ରୋଗୀ ଚିହ୍ନଟ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ଏ ପର୍ଯ୍ୟନ୍ତ ପରିସ୍ଥିତିକୁ ନିୟନ୍ତ୍ରଣ କରି ନ ପାରିବା ଚିନ୍ତାଜନକ। ପୁରୀ ଜିଲାର ୧୧ଟି ବ୍ଲକ ଅଧୀନ ପଞ୍ଚାୟତଗୁଡ଼ିକରେ ସ୍ୱଚ୍ଛ ପାନୀୟ ଜଳର ଅଭାବ ଏବଂ ଅପରିଷ୍କାର ପରିବେଶ ଏହି ରୋଗ ବ୍ୟାପିବାରେ ସହାୟକ ହୋଇଛି। ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଓ ପରିଷ୍କାର ପରିଚ୍ଛନ୍ନତା ବ୍ୟବସ୍ଥାକୁ ଠିକ୍ କରାଯିବା ଆବଶ୍ୟକ। ଏଥିପ୍ରତି ସମସ୍ତ ଜନପ୍ରତିନିଧି, ସାମାଜିକ ସଂଗଠନ ତଥା ସରକାର ଗୁରୁତ୍ୱ ଦେବେ ବୋଲି ଆଶା।

**- ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ତୋ ପରି ତରଙ୍ଗ ମୋର ବହଇ ଉଜାଣି।
ଜୁଆର କହଇ ଆସି ଜୁଆରର ବାଣୀ,
ତୁ କି ଲୋ ମୋହରି ପାଇଁ
ଚିର ଦିନ ଅଛୁ ଧାଇଁ?
ମୋର ଜୀବନର ନଦୀ ତୁହି କି ଲୋ ରାଣୀ!
(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)





▲ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ପହଣ୍ଡି ବିଜେ



▲ ପୁରୀ ଶ୍ରୀକ୍ଷେତ୍ରରେ ବାହୁଡ଼ା ଅବସରରେ ଶନିବାର ଭକ୍ତଙ୍କ ମେଳରେ ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିର ଅଭିମୁଖେ ତିନିରଥରେ ବାହାରିଥିବା ଦାରୁଦିଅଁ



▲ ଲକ୍ଷ୍ମୀନାରାୟଣ ଭେଟ




▲ ବିଜେ ପ୍ରତିମା ଶ୍ରୀମଦନମୋହନ ଓ ଶ୍ରୀରାମକୃଷ୍ଣ ରଥକୁ ବିଜେ ହେଉଛନ୍ତି



▲ ବାହୁଡ଼ାରେ ରାଧାକୃଷ୍ଣ ବେଶରେ ଶ୍ରଦ୍ଧାଳୁ



▲ ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିବା ରଥାରୂଢ଼ ଠାକୁର



▲ ବଡ଼ଦାଣ୍ଡରେ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ



▲ ଶରଧାବାଲିରେ ଶ୍ରଦ୍ଧାଳୁମାନେ ବିଶାଳ ଧୂପକାଠି ଜଳାଉଛନ୍ତି



▲ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ରଥ ଟାଣୁଛନ୍ତି



▲ ବାହୁଡ଼ା ଅବସରରେ ଶରଧାବାଲିରେ ତିନି ରଥ ସମ୍ମୁଖରେ ଓଡ଼ିଶୀ ନୃତ୍ୟ ପରିବେଷଣ

## ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା

ଖଇରା,(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବଜାର ରାଧାକୃଷ୍ଣ ଯୁଥ କ୍ଲବ ଆନୁକୂଲ୍ୟରେ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା କରାଯାଇଛି। ପଣ୍ଡିତ ବିରଞ୍ଚି ନାରାୟଣ ପଣ୍ଡା, ପରମାନନ୍ଦ ମିଶ୍ର, ଆଦିକନ୍ଦ ପଣ୍ଡା, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଦିପ୍ତେନ୍ଦୁ କୁମାର ପାଣି, ସର୍ଗମ ସତ୍ୟବ୍ରତ, ଜ୍ୟୋତିରଞ୍ଜନ ପଣ୍ଡା ପ୍ରମୁଖ ହନୁମାନଙ୍କ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା କରିଥିଲେ। ଅଞ୍ଚଳରେ ପଞ୍ଚମୁଖୀ ହନୁମାନ ମନ୍ଦିର ନ ଥିବା ବେଳେ ରାଧାକୃଷ୍ଣ ଯୁଥ କ୍ଲବର ଉଦ୍ୟମରେ କରାଯାଇଥିବାରୁ ଅଞ୍ଚଳବାସୀ ଧନ୍ୟବାଦ ଦେଇଛନ୍ତି।

# ଯୋଗ ଦ୍ୱାରା ମନ ଶାନ୍ତ, ଶରୀର ସୁସ୍ଥ ରହେ

**ବାଲେଶ୍ୱର, ୫।୭(ବାଞ୍ଛାନିଧି ଦେ)**

ଯୋଗ ଦ୍ୱାରା ମନ ଶାନ୍ତ, ଶରୀର ସୁସ୍ଥ ରହିଥାଏ। ଏହା ଶରୀର, ମନ, ପ୍ରାଣ ବା ଶ୍ୱାସକ୍ରିୟା ମଧ୍ୟରେ ଏକ ସେତୁ ଭଳି କାମ କରିଥାଏ ବୋଲି ଯୋଗ ଶିବିର ଉଦ୍‌ଯାପନୀ ଉତ୍ସବରେ ଅତିଥି ଓ ଯୋଗ ପ୍ରଶିକ୍ଷକମାନେ ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ ଆନୁକୂଲ୍ୟରେ ରସାଳପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ବ୍ୟାପୀ ଆୟୋଜିତ ଯୋଗ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରିତ୍ୟାର୍ଥିନୀ ପ୍ରତ୍ୟୁଷା ପଲାଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଣୀଧନ ଚିକିତ୍ସକ ଡା. ସତ୍ୟନାରାୟଣ ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି କର୍ମଚାରୀ ସଂଘ ସଭାପତି ପ୍ରଫୁଲ୍ଲ କୁମାର ରାଉତ, ବରିଷ୍ଠ ସଦସ୍ୟ ନୃସିଂହ ଚରଣ ଦାସ, ସୁଧାଂଶୁ ଶେଖର ଦାସ, ଯୋଗ ପ୍ରଶିକ୍ଷକ ଚିତ୍ତରଞ୍ଜନ ପାଣିଗ୍ରାହୀ, ନିରଞ୍ଜନ ପଣ୍ଡା, ନିରଞ୍ଜନ କର, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରଞ୍ଜନ କୁମାର ଦାସ ପ୍ରମୁଖ ଦୈନନ୍ଦିନ ଜୀବନରେ ଏହାକୁ ପ୍ରାଥମିକତା ଦେବାକୁ ମତବ୍ୟକ୍ତ କରିଥିଲେ। ସଦସ୍ୟ ଯଜ୍ଞେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ଅମରନାଥ ସେଠୀ, ଅକ୍ଷୟ ପଣ୍ଡା, ବିଜୟ ରଣା, ଲଲାଟେନ୍ଦୁ ପତିଙ୍କ ସମେତ ସମସ୍ତ କର୍ମକର୍ତ୍ତା ଶିବିର ପରିଚାଳନା କରିଥିଲେ।

# ଅବସର ଦିଆ ନ ଯାଇ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ଅଭିଯୋଗ

**ବାହାନଗା, ୫।୭(ଅରୂପ କୁମାର ଦାସ)**

ବାଲେଶ୍ୱର ଜଲା ବାହାନଗା ବ୍ଲକ କଲ୍ୟାଣୀସ୍ଥିତ ସେବା ସମବାୟ ସମିତିର ବିବାଦ ପିଛା ଛାଡୁ ନାହିଁ। କିଛିଦିନ ତଳେ ଏକ ଖବରଦାତା ସମ୍ମିଳନୀରେ ସମିତିର ପରିଚାଳନା କମିଟିର କେତେଜଣ ସଭ୍ୟ ବିଭିନ୍ନ ଅନିୟମିତତା ବାବଦରେ ଅଭିଯୋଗ କରିଥିବା ବେଳେ ଗୁରୁବାର ଆଉ ଏକ ଘଟଣା ସାମ୍ନାକୁ ଆସିଛି। ଏହି ସମିତିର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶରତ କୁମାର ଦାସଙ୍କର ଅବସର ସମୟ ମାର୍ଚ୍ଚ ୩୧ ଥିବା ବେଳେ ଅଦ୍ୟାବଧି ସେ କାର୍ଯ୍ୟରତ ଥିବା ଅଭିଯୋଗ ହୋଇଛି। ସମିତିର ଜଣେ ସଭ୍ୟ ସୁଶାନ୍ତ କୁମାର ଜେନା ସୂଚନା ଅଧିକାର ଆଇନ ବଳରେ ଏନେଇ ତଥ୍ୟ ହାସଲ କରିଛନ୍ତି। ଭାରପ୍ରାପ୍ତ ସମ୍ପାଦକ ଶରତ କୁମାର ଦାସ ପଢ଼ିଥିବା ଜୟଦୁର୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ଶରତଙ୍କ ଜନ୍ମ ୨।୩।୧୯୬୫ ମସିହାରେ। ସରକାରଙ୍କ ନିୟମ ଅନୁସାରେ ତାଙ୍କର ଅବସର ମାର୍ଚ୍ଚ ୩୧ରେ ହେବା କଥା। ସେ ଅବସର ନେଇ ନ ଥିବା ଏକ ପ୍ରହେଳିକା ସୃଷ୍ଟି କରିଛି। ଏ ବାବଦରେ ସମିତିର ସଭ୍ୟ ଓରି ଜେନା ଏଆର୍‌ସିଏସ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଆର୍‌ସିଏସ୍ ଏକାଦଶୀ ଦାସ ଏହାକୁ ଗ୍ରହଣ କରି ଗତ ଜୁନ ୨୫ ତାରିଖରେ ଏକ ଚିଠି ତାଙ୍କ ଅଫିସ ପତ୍ର ସଂଖ୍ୟା ୧୪୨୧ରେ ସେବା ସମବାୟ ଅଫିସକୁ ପ୍ରେରଣ କରିଥିଲେ। କ'ଣ ପାଇଁ ଅବସର ନେଇ ନାହାନ୍ତି ଓ ତାଙ୍କ ପାଖରେ କ'ଣ କାଗଜପତ୍ର ଅଛି ସେ ସବୁ ପ୍ରମାଣ ସହ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶରତ କୁମାର ଦାସ ତାଙ୍କର ସମସ୍ତ ତଥ୍ୟ ପ୍ରମାଣ ଉପରିସ୍ଥ ଅଧିକାରୀଙ୍କୁ ଦେଇଥିବା କହିଛନ୍ତି। ଏନେଇ ଏଆର୍‌ସିଏସ୍ ଦାସଙ୍କୁ ପଚାରିବାରୁ ଉକ୍ତ କାଗଜପତ୍ର ତାଙ୍କର ହସ୍ତଗତ ହୋଇନାହିଁ, ଯଦି ତାଙ୍କର କାଗଜପତ୍ର ଆସିଥାଏ ତା'ହେଲେ ସେଗୁଡିକୁ ଯାଞ୍ଚ କରାଯିବ। ଯଦି ତାଙ୍କ ବିପକ୍ଷରେ ଯାଏ ତାହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ସୁରକ୍ଷା, କ୍ଷତିପୂରଣ ଦାବି କଲେ ଏସ୍‌ଏଚ୍‌ଜି ସଦସ୍ୟା

**କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ), ୫।୭**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ଶଙ୍ଖୁଆ ଗ୍ରାମର ଶଙ୍ଖେଶ୍ୱର ପୋଖରୀରେ ବିଷ ପ୍ରୟୋଗ ଘଟଣା ଏକ ନୂଆମୋଡ଼ ନେଇଛି। ପୋଖରୀକୁ ଲିଜ୍ ନେଇଥିବା କୁଞ୍ଜବିହାରୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଶଙ୍ଖେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଖବରଦାତା ସମ୍ମିଳନୀ ଆୟୋଜନ କରି ବିଭିନ୍ନ ତଥ୍ୟ ରଖିଛନ୍ତି। ଗ୍ରୁପ୍‌କୁ କ୍ଷତିରେ ପକାଇବା ପାଇଁ ଜୁନ ୩୦ ତାରିଖ ମଧ୍ୟରାତ୍ରରେ ପୋଖରୀରେ ବିଷ ପ୍ରୟୋଗ, ସଦସ୍ୟାମାନଙ୍କର ମନୋବଳ ଭାଙ୍ଗିବା, ସଦସ୍ୟାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରି ଦେବାକୁ ଗ୍ରାମର କେତେଜଣ ଯୁବକ ଧମକ ଦେଇଥିବା ଅଭିଯୋଗ ଆଣିଛନ୍ତି ସଦସ୍ୟା। ପୋଖରୀରେ ବିଷ ପ୍ରୟୋଗ ଘଟଣାରେ ସମ୍ପୃକ୍ତ ଯୁବକମାନଙ୍କୁ ତୁରନ୍ତ ଗିରଫ କରାଯିବା ଲାଗି ରଞ୍ଜିତା ତ୍ରିପାଠୀ, ସବିତା ମଣ୍ଡଳ, ପଦ୍ମାବତୀ ମଣ୍ଡଳ, ଅନୁସୂୟା ଜେନା, ବାନ୍ଧବୀ ତ୍ରିପାଠୀ, ବିନତୀ ମଣ୍ଡଳ, ନିରୁପମା ସାହୁ, ମିନତୀ ତ୍ରିପାଠୀ, ସୁପ୍ରଭା ପାତ୍ର, ଅନିତା ସେନାପତି ଓ ଶାନ୍ତିଲତା ସେନାପତି ପ୍ରମୁଖ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି।


DSPL-163


# ସୁନାବେଶ ୨୦୨୫ ପାଇଁ ଟ୍ରାଫିକ୍ ନିୟମାବଳୀ

## ନିୟମିତ ଯାତ୍ରୀବାହୀ ସେବା


- ତାଳବଣିଆ ପଟୁ ଆସୁଥିବା ଅଟୋଗୁଡିକ ୱାଟରୱାର୍କସ୍ ରୋଡ, ଓଡ଼ିଶା ବେକେରୀ ଓ ରାମ ମନ୍ଦିର ଦେଇ ଘୋଡା ବଜାର ପର୍ଯ୍ୟନ୍ତ ଆସିପାରିବେ। ଫେରିଲାବେଳେ ରାମ ମନ୍ଦିର, ଶ୍ରୀକ୍ଷେତ୍ର କଲୋନୀ ଓ ମଙ୍ଗଳା ମନ୍ଦିର ବାଟ ଦେଇ ପ୍ରସ୍ଥାନ କରିବେ।
- ମାଳତୀପାଟପୁର ପଟୁ ଆସୁଥିବା ଅଟୋଗୁଡିକ ବାଟଗାଁ ଛକ ଦେଇ ଅଠରନଳା ପର୍ଯ୍ୟନ୍ତ ଆସିପାରିବେ। ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ।
- ବ୍ରହ୍ମଗିରି ପଟୁ ଆସୁଥିବା ଅଟୋଗୁଡିକ ମଙ୍ଗଳାଘାଟ ଛକ ଦେଇ ଷ୍ଟର୍ଲିଂ ଛକ ପର୍ଯ୍ୟନ୍ତ ଆସିପାରିବେ। ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ।





## ଚାରିଚକିଆ ଯାନ




ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡିକ ମଙ୍ଗଳାଘାଟ ଛକ ଠାରୁ ଷ୍ଟର୍ଲିଂ ଛକ ପର୍ଯ୍ୟନ୍ତ ଯିବେ ଓ ସେଠାରେ ନିର୍ଦ୍ଧାରିତ ହୋଇଥିବା ଯାନ ରହଣି ସ୍ଥଳ ଠାରେ ନିଜ ନିଜର ଯାନଗୁଡ଼ିକୁ ରଖିବେ। ପୁଣି ସେଠାରୁ ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ।





ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡ଼ିକ ମାଳତିପାଟପୁର ବ୍ରିଜ, ବାଇଦାସ ନଗର ଛକ, ଗ୍ରୀଡ ଷ୍ଟେସନ୍ ଛକ ଦେଇ ତାଳବଣିଆ ପଟେ ନିର୍ଦ୍ଧାରିତ ଯାନ ରହଣି ସ୍ଥଳ ପର୍ଯ୍ୟନ୍ତ ଯିବେ। ତାଳବଣିଆ ପଟେ ବିଧାନସଭା ଅତିଥି ଭବନ, ଶିକ୍ଷ ତାଲିମ କେନ୍ଦ୍ର, ହେଲିପ୍ୟାଡ଼, ଇଣ୍ଡୋର ଷ୍ଟାଡିଅମ, ଉଦ୍ୟାନ କୃଷି ପଡିଆ ଓ ସ୍ୱଚ୍ଛ ମାଛ ବଜାର ଠାରେ କ୍ରମାନ୍ୱୟରେ ନିଜ ନିଜର ଯାନ ଗୁଡ଼ିକୁ ରଖିବେ। ପୁଣି ସେଠାରୁ ପିକେଆରଆଇଟି ଛକ, କେନ୍ଦ୍ରୀୟ ବିଦ୍ୟାଳୟ, ଭୂଦାନ ଛକ, ଗ୍ରୀଡ ଷ୍ଟେସନ୍ ଛକ, ବାଲିଘାଟ ଛକ, ସମଙ୍ଗରା ଗ୍ରାମ ଦେଇ ବାଟଗାଁ ଛକ ଠାରୁ ଭୁବନେଶ୍ୱର ପାଇଁ ପ୍ରସ୍ଥାନ କରିବେ।





କୋଣାର୍କ ପଟୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡ଼ିକ ବାଇଦାସ ନଗର ଛକ, ଗ୍ରୀଡ ଷ୍ଟେସନ୍ ଛକ ଦେଇ ତାଳବଣିଆ ପଟେ ନିର୍ଦ୍ଧାରିତ ଯାନ ରହଣି ସ୍ଥଳ ପର୍ଯ୍ୟନ୍ତ ଯିବେ। ତାଳବଣିଆ ପଟେ ବିଧାନସଭା ଅତିଥି ଭବନ, ଶିକ୍ଷ ତାଲିମ କେନ୍ଦ୍ର, ହେଲିପ୍ୟାଡ଼, ଇଣ୍ଡୋର ଷ୍ଟାଡିଅମ, ଉଦ୍ୟାନ କୃଷି ପଡିଆ ଓ ସ୍ୱଚ୍ଛ ମାଛ ବଜାର ଠାରେ କ୍ରମାନ୍ୱୟରେ ନିଜ ନିଜର ଯାନ ଗୁଡ଼ିକୁ ରଖିବେ। ପୁଣି ସେଠାରୁ ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ।


## ଦୁଇଚକିଆ ଯାନ




ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ଦୁଇଚକିଆ ଯାନ ଗୁଡିକ ମଙ୍ଗଳାଘାଟ ଛକ ଠାରୁ ମଶାଣିଚଣ୍ଡୀ ଛକ, ଦେବିଘାଟ ଛକ ଦେଇ ଜଗନ୍ନାଥ ବଲ୍ଲଭ ଠାରେ ନିଜ ନିଜର ଯାନଗୁଡ଼ିକୁ ରଖିବେ। ଜଗନ୍ନାଥ ବଲ୍ଲଭ ପୂର୍ଣ୍ଣ ହୋଇଯିବା ପରେ ସମସ୍ତ ଦୁଇଚକିଆ ଯାନ ଗୁଡିକ ମଶାଣିଚଣ୍ଡୀ ଛକ ଠାରୁ ମାଟିତୋଟା ଖେଳ ପଡିଆ ଠାରେ ନିଜ ନିଜର ଯାନଗୁଡ଼ିକୁ ରଖିବେ। ମାଟିତୋଟା ଖେଳ ପଡିଆ ପୂର୍ଣ୍ଣ ହୋଇଯିବା ପରେ ସମସ୍ତ ଦୁଇଚକିଆ ଯାନଗୁଡିକ ମଙ୍ଗଳାଘାଟ ଛକ ଠାରୁ ଶ୍ରୀସେତୁ ଦେଇ ମାଟିତୋଟା ହେଲିପ୍ୟାଡ଼ ପଡିଆ ଠାରେ ନିଜ ନିଜର ଯାନ ଗୁଡ଼ିକୁ ରଖିବେ। ଜଗନ୍ନାଥ ବଲ୍ଲଭଠାରେ ରଖିଥିବା ଯାନଗୁଡିକ ନରେନ୍ଦ୍ର କୋଣ, ମଙ୍ଗଳାଘାଟ ଛକ ଦେଇ ବ୍ରହ୍ମଗିରି ପାଇଁ ପ୍ରସ୍ଥାନ କରିବେ।




ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ଦୁଇଚକିଆ ଯାନଗୁଡିକ ମଙ୍ଗଳାଘାଟ ଛକ ଠାରୁ ମଶାଣିଚଣ୍ଡୀ ଛକ, ଦେବିଘାଟ ଛକ ଦେଇ ଜଗନ୍ନାଥ ବଲ୍ଲଭ ଠାରେ ନିଜ ନିଜର ଯାନଗୁଡ଼ିକୁ ରଖିବେ। ଜଗନ୍ନାଥ ବଲ୍ଲଭ ପୂର୍ଣ୍ଣ ହୋଇଯିବା ପରେ ସମସ୍ତ ଦୁଇଚକିଆ ଯାନଗୁଡିକ ମଶାଣିଚଣ୍ଡୀ ଛକ ଠାରୁ ମାଟିତୋଟା ଖେଳ ପଡିଆ ଠାରେ ନିଜ ନିଜର ଯାନଗୁଡ଼ିକୁ ରଖିବେ। ମାଟିତୋଟା ଖେଳ ପଡିଆ ପୂର୍ଣ୍ଣ ହୋଇଯିବା ପରେ ସମସ୍ତ ଦୁଇଚକିଆ ଯାନଗୁଡିକ ମଙ୍ଗଳାଘାଟ ଛକ ଠାରୁ ଶ୍ରୀସେତୁ ଦେଇ ମାଟିତୋଟା ହେଲିପ୍ୟାଡ ପଡିଆ ଠାରେ ନିଜ ନିଜର ଯାନଗୁଡ଼ିକୁ ରଖିବେ। ଜଗନ୍ନାଥ ବଲ୍ଲଭ ଠାରେ ରଖିଥିବା ଯାନଗୁଡିକ ନରେନ୍ଦ୍ର କୋଣ, ଜଟିଆ ବାବାଜୀ ଛକ, କୁମ୍ଭାରପଡା ଥାନା, ଅଠରନଳା ଓ ବାଟଗାଁ ଛକ ଦେଇ ଭୁବନେଶ୍ୱର ପାଇଁ ପ୍ରସ୍ଥାନ କରିବେ।




OIPR-15003/13/0009/2526

କୋଣାର୍କ ପଟୁ ଆସୁଥିବା ସମସ୍ତ ଦୁଇଚକିଆ ଯାନ ଗୁଡିକ ବାଇଦାସ ନଗର ଛକ, ଗ୍ରୀଡ ଷ୍ଟେସନ୍ ଛକ, ପେଣ୍ଠକଟା ଛକ, ସୁବାଷ ବୋସ ଛକ ଦେଇ ହୋଲିଡେ ରିସୋର୍ଟ, ବ୍ଲୁ ଫ୍ଲାଗ ବେଳାଭୂମି ଓ ନୀଳାଚଳ ଅଶୋକ ଠାରେ ନିଜ ନିଜର ଯାନ ଗୁଡ଼ିକୁ ରଖିବେ। ପୁଣି ସେଠାରୁ ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ।

Any one requiring any assistance 24x7 Puri Police help line number- 6370967100/06752-232551 is available for assistance.

SPPuri1 SPPuri SPPuri

# ପାଣି ଘେରରେ ଅଧା ସହର

## କେନ୍ଦୁଝରରେ ବର୍ଷା ବିପ୍ଳବ

- ଫୁଲୁଛି ନଦୀ-ନାଳ, ୪୦ ପରିବାର ଜଳବନ୍ଦୀ
- ଜଳସ୍ରୋତ ଅବରୋଧ ସମସ୍ୟା ବଢ଼ାଉଛି

କେନ୍ଦୁଝର,୫।୭ (ଦୀପକ ମିଶ୍ର/ନରେଶ ପଟ୍ଟନାୟକ)


ବର୍ଷା ପାଣିରେ ଗ୍ରାମବାସୀ ଛିଡ଼ା ହୋଇଛନ୍ତି।

କେନ୍ଦୁଝର ଜିଲାରେ ଲଗାଣ ବର୍ଷା ଲାଗି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ନଦୀନାଳରେ ଜଳସ୍ତର ବୃଦ୍ଧି ପାଇ ଅନେକ ଗ୍ରାମକୁ ଯାତାୟତ ବନ୍ଦ ହୋଇଯାଇଛି। କେନ୍ଦୁଝର ସହର ପାଣି ଘେରରେ ରହିଛି। ବିଶେଷ କରି ଜଳସ୍ରୋତ ପ୍ରତିବନ୍ଧକ ରହିଥିବାରୁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ସମସ୍ୟା ବୃଦ୍ଧି ପାଉଛି। ପ୍ରକାଶ ଯେ, ଜିଲାର ବାଂଶପାଳ, ସଦର, ଘୋଡ଼ା, ଚମ୍ପୁଆ ଆଦି ବ୍ଲକ୍ ଅଞ୍ଚଳରେ ବର୍ଷାର ପ୍ରଭାବ ଅଧିକ ଦେଖିବାକୁ ମିଳିଛି। ସଦର ବ୍ଲକ ମହାଦେଇଯୋଡା-ଶୁଆକାଟୀ ରାସ୍ତାର ମଦରଙ୍ଗାଯୋଡି ଗ୍ରାମର ଅନେକ ଘରେ ପାଣି ପଶିଛି। ମଦରଙ୍ଗାଯୋଡି ନିକଟରେ ୨ ହ୍ୟୁମ ପାଇପରେ ଜଳ ନିଷ୍କାସନ ହୋଇ ପାରୁ ନାହିଁ। ଉକ୍ତ ସ୍ଥାନରେ ପୋଲ ନିର୍ମାଣ କରିବାକୁ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ଦାବି କରିଛନ୍ତି। କେନ୍ଦୁଝର ସଦର ବ୍ଲକ୍ ନୂଆଗାଁ ପଞ୍ଚାୟତ ହାଟିକୁଟା ଗାଁର ଛିଟିଙ୍ଗା ନାଳ ଉପରେ ବନ୍ୟାଜଳ ପ୍ରବାହିତ ହୋଇଛି। ବ୍ରାହ୍ମଣୀ ନାଳ ବଢ଼ିବା ଯୋଗୁ ରାଇଗୋଡ଼ାରୁ ଆମୁଣି ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନରସିଂହପୁର ଗାଁ ଦେଇ ଯାଇଥିବା ନାଳରେ ଅଧିକ ପାଣି ପ୍ରଭାବିତ ଯୋଗୁ ସାହିକୁ ପ୍ରବେଶ କରୁଥିବା ପୋଲ ଧୋଇ ଯାଇଛି। ଗାଁର ୪୦ଟି ପରିବାର ଜଳବନ୍ଦୀରେ ରହିଛନ୍ତି। ସେହିପରି ରତନପୁର ଅରଡେଇନଦୀରେ ବନ୍ୟାଜଳ ପ୍ରବାହିତ ହୋଇଛି। ସେହିପରି କେନ୍ଦୁଝର ସହରର ଗ୍ରାମଶ୍ରୀ କଲୋନୀ, ପାର୍କଲାଇନ, ମଣ୍ଡୁଆ, ମାଗୁରଗାଡ଼ିଆ, ଗାୟତ୍ରୀ ମନ୍ଦିର ନିକଟ, ବୁଲାଦୁଆର ସାହି, ସ୍ୱଞ୍ଜୀ କଲୋନୀ, ବ୍ୟାଙ୍କ କଲୋନୀ, ଭାଲୁକିପତଳା, ଶ୍ରୀ ବିହାର ଲେନ-୧, ବଳଦେବଜୀଉ କଲୋନୀ, ବାମାଙ୍ଗୀ କଲୋନୀ, ବଳଦେବଜୀଉ କଲୋନୀ, ଡିଏଭି ସ୍କୁଲ ଲେନ ୧, ୨, ୩, ଗାୟତ୍ରୀ ମନ୍ଦିର କଲୋନୀ, ବ୍ୟାଙ୍କ କଲୋନୀ, ଏଲଆଇସି କଲୋନୀ, ଜଗନ୍ନାଥପୁର, ଫରେଷ୍ଟ କଲୋନୀ, ବଡ଼ହଳ, ଆୟକର ଅଫିସ ଗଳି, ବିବେକାନନ୍ଦ କଲୋନୀ, ମଦନ ମୋହନ କର ଲେନ ଏବଂ କାଶିପୁରର ବିଭିନ୍ନ ଅଞ୍ଚଳରେ ପାଣି ଜମି ରହିଛି। ଅନେକ ସ୍ଥାନରେ ପମ୍ପ ଲଗାଇ ପୌରପାଳିକା ଜଳ ନିଷ୍କାସନ କରୁଛି। ପ୍ରାକୃତିକ ଉପାୟରେ ଜଳସ୍ରୋତ ଯାଉଥିବା ସ୍ଥାନରେ ଗୃହ, ପାଚେରି ନିର୍ମାଣ ଯୋଗୁ ଏପରି ଅବସ୍ଥା ହେଉଥିବା ଅବସରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ସନ୍ତୋଷ କୁମାର ନନ୍ଦ କହିଛନ୍ତି।

# ବୋଲେରୋ ସହ ବାଇକ ଧକ୍କା: ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

କେନ୍ଦୁଝର,୫।୭(ନରେଶ ଚନ୍ଦ୍ର ପଟ୍ଟନାୟକ) କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ବାରିଆ ଥାନା ଅନ୍ତର୍ଗତ ଗଣ୍ଡବରେଇ ନାଳ ନିକଟରେ ବୋଲେରୋ ଓ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଘଟଣାରେ ଚଉଠିଆ ପଞ୍ଚାୟତ ଚୈତନପୁର ଗ୍ରାମର ଯୋଶବନ୍ତୀ ମହାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ୱାମୀ ଗୌର ମହାନ୍ତ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଗୌର ଓ ଯୋଶବନ୍ତୀ ବରହାପଶି ଗ୍ରାମକୁ ନିଜର ବାଇକ୍‌ରେ ଯାଇଥିଲେ। ସେଠାରୁ ତାଙ୍କ କାମ ସାରି ଘରକୁ ଫେରୁଥିଲେ। ଗଣ୍ଡବରେଇ ନାଳ ନିକଟରେ ଚମ୍ପୁଆ ପଟୁ ଉଖୁଣ୍ଡାକୁ ଯାଉଥିବା ବୋଲେରୋ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଗୌର ହେଲମେଟ ପିନ୍ଧି ଥିବାରୁ ବର୍ତ୍ତି ଯାଇଥିଲେ। ତାଙ୍କର ଗୋଟାଏ ଗୋଡ଼ ଭାଙ୍ଗି ଯିବା ସହିତ ମୁହଁ ମାଡ ହୋଇଛି। ଘଟଣାସ୍ଥଳରେ ଯୋଶବନ୍ତୀଙ୍କ ମୃତ୍ୟୁ ହୋଇଥିଲା। ବାରିଆ ପୋଲିସ ବୋଲେରୋ, ବାଇକକୁ ଜବତ କରି ତଦନ୍ତ କରୁଛି। ବୋଲେରୋ ଡ୍ରାଇଭରଙ୍କୁ ଅଟକ ରଖି ରଖିଛି।

# ବାଇକ୍ ଚକ ବାଜିବାରୁ ଯୁବକଙ୍କୁ ମାଡ଼

## ବିଚ୍ ରାସ୍ତାରେ ଗୁଣ୍ଡାଗିରି

ଉଦଳା,୫।୭ (ସନ୍ତୋଷ କୁମାର ବାଛିନୀ) ବିଚ୍ ରାସ୍ତାରେ ଯୁବକମାନଙ୍କ ଗୁଣ୍ଡାଗିରି। ବାଇକ୍ ଚକ ଗୋଡ଼ରେ ବାଜିବାରୁ ରାସ୍ତାରେ ସଂଘବଦ୍ଧ ଭାବେ ୨ ଯୁବକଙ୍କୁ ଘୋଷାରି ମାଡ଼ ମାରିଛନ୍ତି। ଶନିବାର ପୂର୍ବାହ୍ନ ୧୧ଟା ବେଳେ ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଇଣ୍ଡିଆନ ପେଟ୍ରୋଲ ପମ୍ପ ସମ୍ମୁଖରେ ଏଭଳି ଘଟଣା ଘଟିଛି। ଆକ୍ରମଣ ଶିକାର ହୋଇଥିବା ୨ ଯୁବକ ହେଲେ ଉଦଳା ଥାନା ଅଧୀନ ଜାଲଦା ଗ୍ରାମର ପ୍ରଭାକର ମଲ୍ଲିକ ଏବଂ ରଞ୍ଜନ ମଲ୍ଲିକ। ଆକ୍ରମଣରେ ଗୁରୁତର ଭୁଲଣ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ପ୍ରଭାକର ଓ ରଞ୍ଜନ ଏକ ବାଇକ୍‌ରେ ଉଦଳା-ବାରିପଦା ରାସ୍ତାରେ ଯାଉଥିଲେ। ଉଦଳା ଇଣ୍ଡିଆନ ପେଟ୍ରୋଲ ପମ୍ପ ସମ୍ମୁଖରେ ସାମ୍ନା ଆଡୁ ଏକ ଗାଡ଼ିକୁ ପାର୍ କରି ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଜଣେ ବାଇକ ଆରୋହୀଙ୍କ ଗୋଡ଼ରେ ସେମାନଙ୍କ ଗାଡ଼ି ଚକ ବାଜି ଯାଇଥିଲା। ଏହାକୁ ନେଇ ସେଠାରେ ଅପରପକ୍ଷ ଯୁବକଙ୍କ ଗୁଣ୍ଡାଗିରି ଆରମ୍ଭ ହୋଇଥିଲା। ଚକ ବାଜିଥିବା ଯୁବକ ଏବଂ ତାଙ୍କର ୫ରୁ ଅଧିକ ସହଯୋଗୀ ଅଚାନକ ଏକାଠି ହୋଇ ଦୁଇ ଯୁବକଙ୍କୁ ରାସ୍ତାରେ ନିର୍ଦ୍ଦୟ ମାଡ଼ ମାରିଥିଲେ। ଏପରିକି ପ୍ରଭାକର ଘରକୁ ନେଇ ଯାଉଥିବା ଖାଦ୍ୟ ସେମାନେ ଫିଙ୍ଗି ଦେଇଥିଲେ। ସେମାନେ ପ୍ରଭାକର ଏବଂ ରଞ୍ଜନଙ୍କ ପରିବାର ଲୋକଙ୍କୁ ଘଟଣାସ୍ଥଳକୁ ଡକାଇବା ସହ ଭୁଲଣଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିଲେ। ଖବରପାଇ ଉଦଳା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଆକ୍ରମଣକାରୀ ଯୁବକମାନେ ସେଠାରୁ ଫେରାର ହୋଇଯାଇଥିଲେ। ପରିବାର ଲୋକେ ପ୍ରଭାକର ଏବଂ ରଞ୍ଜନଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ରିପୋର୍ଟ ଲେଖାହେବା ପୁର୍ବା ଏନେଇ ଥାନାରେ ଅଭିଯୋଗ ହୋଇନାହିଁ। ପୋଲିସ ଘଟଣାର ତଦନ୍ତ ଚଳାଇଥିବା ବେଳେ ପ୍ରଭାକର ଏବଂ ରଞ୍ଜନଙ୍କୁ ଡାକ୍ତରଖାନାରେ ଭେଟି ପଚରାଉଚରା କରିଛି।



# ପ୍ରଥମ ଦିବସରେ ମହିଳା ଟାଣିଲେ ରଥ

ଉଦଳା,୫।୭(ସନ୍ତୋଷ କୁମାର ବାଛିନୀ): ନଅ ଦିନର ଲୀଳାଖେଳା ସାରି ଫେରିଛନ୍ତି ମହାବାହୁ। ଉଦଳାରେ ଶାନ୍ତିଶୃଙ୍ଖଳାର ସହିତ ସମାପିତ ହୋଇଛି ପ୍ରଥମ ଦିନର ବାହୁଡ଼ା ରଥଟଣା। ଭିନ୍ନ ପରମ୍ପରା ଅନୁସାରେ ବାହୁଡ଼ା ପ୍ରଥମ ଦିବସରେ କେବଳ ମହିଳା ଶ୍ରଦ୍ଧାଳୁ ରଥ ଟାଣିଥିଲେ। ଚତୁର୍ଦ୍ଧାଦେବଙ୍କୁ ପହଣ୍ଡିରେ ଅପରାହ୍ନ ୪ ଟା ସମୟରେ ରଥରୁଢ଼ ପରେ ବରିଷ୍ଠ ନାଗରିକ ସୁବାଷ ଚନ୍ଦ୍ର ପଣ୍ଡା ଛେରା ପହଁରା କରିଥିଲେ। ପରେ ରଥ ଟଣା ଆରମ୍ଭ ହୋଇଥିଲା। ପ୍ରଥମ ଦିବସରେ ମହିଳା ଶ୍ରଦ୍ଧାଳୁ ରଥ ଟାଣି ହନୁମାନ ମନ୍ଦିର ଛକ ନିକଟରେ ପହଞ୍ଚାଇଥିଲେ। ଦ୍ୱିତୀୟ ଦିବସରେ ସେଠାରୁ ରଥ ଟଣା କାର୍ଯ୍ୟ ଶେଷ ହେବ। ଉପଖଣ୍ଡ ପୋଲିସ ଅଧିକାରୀ ହୃଷିକେଶ ନାୟକ, ଥାନା ଅଧିକାରୀ ବନମାଳୀ ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ।

# ଭଉଣୀ, ଭାଇଙ୍କ ସହ ବାହୁଡ଼ିଲେ ମହାବାହୁ

ଗୋପବନ୍ଧୁ ନଗର,୫।୭(ଶାନ୍ତନୁ କୁମାର ମଲୁଆଲ): ମାଉସୀ ମା' ମନ୍ଦିରରେ ନଅ ଦିନ ରହି ମହାପ୍ରଭୁ ଶ୍ରୀଜଗନ୍ନାଥ ଶନିବାର ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ବଡ଼ ଦେଉଳକୁ ବାହୁଡ଼ି ଯାଇଛନ୍ତି। ଆନନ୍ଦ ଉଲ୍ଲାସ ମଧ୍ୟରେ ଝିପିଝିପି ବର୍ଷା ସତ୍ତ୍ୱେ ରଥ ଦାଣ୍ଡରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ରୀତି ନୀତି ସମ୍ପନ୍ନ ହେବା ପରେ ୫ ଟାରେ ପହଣ୍ଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋପବନ୍ଧୁ ନଗର ବ୍ଲକ୍‌ର ଖିରିପଦା, ପୁରୁଣା ବାରିପଦା, ଜୟପୁର, ହାତୀକୋଟ, କୁଶଲଦା, ସାନବେଲାକୁଟି, କୁଣ୍ଡାପଡା, ଅଛଡା ପ୍ରଭୃତି ସ୍ଥାନରେ ରଥଟଣା କାର୍ଯ୍ୟ ସମ୍ପନ୍ନ ହୋଇଛି। ସେହିପରି ଖୁଣ୍ଟା ବ୍ଲକ୍‌ରେ ବାସିପିଠା ଓ କରକଟିଆଠାରେ ମଧ୍ୟ ରଥଟଣା କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି।

# ଜମି ଅଧିଗ୍ରହଣ ପାଇଁ ରେଳପଥ (ସଂଶୋଧନ) ଅଧିନିୟମ ୨୦୦୮ ଅଧୀନରେ କପାଟିମୁଣ୍ଡା ଓ ବରହବାସଠାରେ ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ ବନ୍ଦମୁଣ୍ଡା (ଡୁମେରତା)-ରାଞ୍ଚି (ହଟିଆ) ମଧ୍ୟରେ ଦ୍ୱିତୀୟ ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ବିଜ୍ଞପ୍ତି

## ରେଳ ମନ୍ତ୍ରଣାଳୟ (ରେଲୱେ ବୋର୍ଡ)

### ରେଳପଥ (ସଂଶୋଧନ) ଅଧିନିୟମ ୨୦୦୮ର ଧାରା 20-F(4) ଅଧୀନରେ ସର୍ବସାଧାରଣ ବିଜ୍ଞପ୍ତି

**ଗାର୍ଡ଼େନ ରିଚ୍, କୋଲକାତା, ୦୫।୦୭।୨୦୨୫**

ଯେତେବେଳେ କି ଭାରତ ସରକାରଙ୍କ ରେଳପଥ ମନ୍ତ୍ରାଳୟର ବିଜ୍ଞପ୍ତି ନଂ. S.O. 291 (E) Dated: 15th January 2025 ଭାରତୀୟ ରାଜପତ୍ର, ଅସାଧାରଣ, ଭାଗ-II, ଧାରା-୩, ଉପବିଭାଗ-II ତା୧୫।୦୧।୨୦୨୫ରେ ପ୍ରକାଶିତ ହୋଇଥିଲା (ଏହା ପରଠାରୁ କଥିତ ଅଧିନିୟମ ରୂପେ ଏହାକୁ ଦର୍ଶାଯାଇଛି) ଏବଂ ଏହା ରେଳପଥ ଅଧିନିୟମ - ୧୯୮୯ (୧୯୮୯ର ୨୪)ର ଧାରା 20Eର ଉପବିଭାଗ (I) ଅଧୀନରେ (ଏହା ପରଠାରୁ କଥିତ ଅଧିନିୟମ ରୂପେ ଏହାକୁ ଦର୍ଶାଯାଇଛି) ଜାରି କରାଯାଇଥିଲା। କେନ୍ଦ୍ର ସରକାର ଏତଦ୍ୱାରା ଓଡ଼ିଶା ରାଜ୍ୟର ସୁନ୍ଦରଗଡ଼ ଜିଲ୍ଲାରେ ବିଶ୍ରା ତହସିଲର କପାଟିମୁଣ୍ଡା ଓ ବରହବାସଠାରେ ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ ବନ୍ଦମୁଣ୍ଡା (ଡୁମେରତା)-ରାଞ୍ଚି (ହଟିଆ) ମଧ୍ୟରେ ଦ୍ୱିତୀୟ ରେଳପଥ ନିର୍ମାଣ ସାଧାରଣ ଉଦ୍ଦେଶ୍ୟ ପାଇଁ ସମସ୍ତ ବାଧାମୁକ୍ତ ଥିବା କେନ୍ଦ୍ର ସରକାରଙ୍କ ସହ ସମ୍ପୂର୍ଣ୍ଣ ରୂପେ ଅଧିକାରଭୁକ୍ତ ସଂଯୁକ୍ତ ସୂଚୀରେ ଦର୍ଶାଯାଇଥିବା ଜମିର ପରିଚାଳନା, ରକ୍ଷଣାବେକ୍ଷଣ ଓ କାର୍ଯ୍ୟକାରିତା ସମ୍ବନ୍ଧେ ଘୋଷଣା କରୁଛନ୍ତି।

ଏବଂ ଏହି ହେତୁ ପ୍ରଥମ ଗେଜେଟ୍ ବିଜ୍ଞପ୍ତି ନଂ. S.O. 5410 (E) Dated: 21st December 2023ର ଭାରତୀୟ ରାଜପତ୍ରରେ ତା୨୧।୧୨।୨୦୨୩ରେ ପ୍ରକାଶ ପାଇଥିଲା ଏବଂ କଥିତ ବିଜ୍ଞପ୍ତିଟି ଉକ୍ତ ଅଧିନିୟମର ଧାର 20A ର ଉପବିଭାଗ (୧) ଅଧୀନରେ ଦୈନନ୍ଦିନ ଖବରକାଗଜ ସକାଳ (ଓଡ଼ିଆ) ଓ ନବଭାରତ (ହିନ୍ଦୀ)ରେ ଯଥାକ୍ରମେ ତା୧୫।୦୧।୨୦୨୪ ଓ ୧୬।୦୧।୨୦୨୪ରେ ପ୍ରକାଶ ପାଇଥିଲା ଏବଂ ଦ୍ୱିତୀୟ ଗେଜେଟ୍ ବିଜ୍ଞପ୍ତି ନଂ. S.O. 291(E) Dated 15th January 2025ଟି ଭାରତୀୟ ରାଜପତ୍ରରେ ତା୧୫।୦୧।୨୦୨୫ରେ ପ୍ରକାଶ ପାଇଥିଲା ଏବଂ କଥିତ ବିଜ୍ଞପ୍ତିଟି ଉକ୍ତ ଅଧିନିୟମର ବିଭାଗ 20E ର ଉପବିଭାଗ (୧) ଅଧୀନରେ ଦୈନନ୍ଦିନ ଖବରକାଗଜ ପ୍ରମେୟ ଓ ପ୍ରଗତିବାଦୀରେ (ଓଡ଼ିଆ) ତା୧୭।୦୧।୨୦୨୫ରେ ପ୍ରକାଶ ପାଇଥିଲା।

ତା୧୯।୦୫।୨୦୨୫ରେ ନିମ୍ନସ୍ୱାକ୍ଷରକାରୀ ପ୍ରକଳ୍ପ ପାଇଁ ତାଙ୍କର ଆକଳନକୁ ଚୂଡ଼ାନ୍ତ କରିଛନ୍ତି ଏବଂ ଏହି ବିଷୟକୁ ଉପ-ମୁଖ୍ୟଯନ୍ତ୍ରୀ (ନିର୍ମାଣ), ଦକ୍ଷିଣ-ପୂର୍ବ ରେଳପଥ, ରାଉରକେଲାଙ୍କୁ ସୂଚନା ପ୍ରଦାନ କରାଯାଇଛି।

## ସୂଚୀ

### ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ ବନ୍ଦମୁଣ୍ଡା (ଡୁମେରତା)-ରାଞ୍ଚି (ହଟିଆ) ମଧ୍ୟରେ ଦ୍ୱିତୀୟ ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଅଧୀନରେ ଜମିର ସଂକ୍ଷିପ୍ତ ବିବରଣୀ

ଯଦି କୌଣସି ଦାବି/ମତାମତ ଥାଏ ତାହାର ସମାଧାନ ପାଇଁ ବ୍ୟକ୍ତିଗତ ଏଜେଣ୍ଟଙ୍କ ଦ୍ୱାରା/ଆଇନଗତ ଓକିଲଙ୍କ ଦ୍ୱାରା ଉପସ୍ଥିତ ହେବାପାଇଁ ଅନୁରୋଧ କରାଯାଉଛି। ଗ୍ରାମୱାରୀ ବିବରଣୀ ଓ ସମୟ ନିମ୍ନରେ ଦିଆଯାଉଛି।

**ପ୍ରାଧିକୃତ ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାନ**

ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, କଲେକ୍ଟୋରେଟ୍, ସୁନ୍ଦରଗଡ଼

ରିପୋର୍ଟିଙ୍ଗ ତାରିଖ: ୧୦।୦୭।୨୦୨୫ ଓ ପରଠାରୁ, ସମୟ: ରବିବାର ଓ ଛୁଟିଦିନ ବ୍ୟତୀତ ଅଫିସ୍ ସମୟ।

**ମୌଜା: କପାଟିମୁଣ୍ଡା**

| କ୍ରମିକ ସଂଖ୍ୟା | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | କ୍ଷତିଗ୍ରସ୍ତ ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 3 | 652 | ଗୋଡ଼ା-୨ | 0.05 | 0.03 | ଅସ୍ତ ଓରାମ, ମଙ୍ଗସି ଓରାମ, ବିଞ୍ଚୁସ ଓରାମ, ପି.: ହରି ଓରାମ, ନିର୍ମଳ ଓରାମ, ବିନୋଦ ଓରାମ, ପି.: ମଦର ଓରାମ, ହିଲାରୁଷ ଓରାମ, ପି.: ଟ୍ରେମ୍ପୁ ଓରାମ, ଜା: ଓରାମ ଖ୍ରୀଷ୍ଟିଆନ, ବା: ନିଜଗାଁ |
| 2 | 13 | 653 | ଗୋଡ଼ା-୨ | 0.34 | 0.07 | ଗହନ ତୁରୀ, ପି.: ଲଲସଇ ତୁରୀ, ଜା: ତୁରୀ, ବା: ନିଜଗାଁ |
| 3 | 19 | 655 | ଗୋଡ଼ା-୨ | 0.19 | 0.16 | ଚିମା ଓରାମ, ପି.: ଭୁଗଲୁ ଓରାମ, ପୁଣ ଖେସ୍, ସମ ଖେସ୍, ଚନ୍ଦୁ ଖେସ୍, ପି.: ଲୁଟୁଆ ଓରାମ, ଖୁଡି ଓରାମ, ଭଗ୍ନ ଓରାମ, ପି.: ତୀଲକ ଓରାମ, ଜା: ଓରାମ, ବା: ନିଜଗାଁ |
| | | 656 | ଗୋଡ଼ା-୨ | 0.33 | 0.16 | |
| 4 | 30 | 658 | ଗୋଡ଼ା-୨ | 2.18 | 0.05 | ଝମନ ମହତ, ପି.: ଝରି ମହତ, ସୁଫଳ ମହତ, ପି.: କାର୍ତ୍ତିକ ମହତ, ବୁଧୁ ମହତ, ମଧୁ ମହତ, ପି.: ଗଣେଶ ମହତ, ଖେତୁ ମହତ, ସରାତୁ ମହତ, ପି.: ପଞ୍ଚୁ ମହତ, ଜା: କୁଡୁମ, ବା: ନିଜଗାଁ |
| | | 665 | ଗୋଡ଼ା-୨ | 2.35 | 0.04 | |
| 5 | 76 | 663 | ଗୋଡ଼ା-୨ | 0.06 | 0.06 | ମଉଧେଇ ଓରାମ, ପି.: ମିନୁ ଓରାମ, ହ୍ୱାକିଂ ଓରାମ, ପି.: ସମାର ଓରାମ, ଜା: ଓରାମ, ବା: ନିଜଗାଁ |
| | | 664 | ଗୋଡ଼ା-୨ | 0.17 | 0.14 | |
| | | | | Total | Ac.0.71 | |

**ମୌଜା: ବରହବାସ**

| କ୍ରମିକ ସଂଖ୍ୟା | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | କ୍ଷତିଗ୍ରସ୍ତ ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 12 | 181 | ଘରବାରି | 0.27 | 0.16 | ଜଗନ୍ନାଥ ମହାଲି, ଝାନାଥ ମହାଲି, ପି.: ସନିକ ମହାଲି, ଜା: ମହାଲି, ବା: ନିଜଗାଁ |
| | | 182 | ଗୋଡ଼ା-୨ | 0.54 | 0.03 | |
| | | | | Total | Ac.0.19 | |

C.A.L.A.-cum-Land Acquisition Officer
Sundargarh

## वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर

### लापताः आवश्यक सूचना



**गुमशुदा पुरूष विरेन्द्र सिंह, उम्र–50 वर्ष**

सर्व साधारण को सूचित किया जाता है कि आवेदिका गीता देवी के द्वारा अपने पति विरेन्द्र सिंह, उम्र–50 वर्ष की गुमशुदगी के संबंध में चाकुलिया थाना में लिखित आवेदन दिया गया है। आवेदन में इनके द्वारा बताया गया है कि गुमशुदा विरेन्द्र सिंह, उम्र–50 वर्ष, पिता–स्व0 जनार्दन सिंह, पता–ग्राम–नया बाजार, थाना–चाकुलिया, जिला–पूर्वी सिंहभूम, जमशेदपुर जो गुड़गाँव, हरियाणा में गाड़ी चलाते थे।

दिनांक–21.06.2025 से उनसे सम्पर्क नहीं हो पा रहा है। गुमशुदा पुरूष का हुलिया निम्न प्रकार है:–उम्र–50 वर्ष, कद–05 फीट 08 इंच, रंग–सांवला, पहनावा–जिन्स कुर्ता तथा भाषा–हिन्दी।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक (ग्रामीण), पूर्वी सिंहभूम, जमशेदपुर | : 9470199228 |
| अनु0पु0पदा0, घाटशिला | : 9431706485 |
| थाना प्रभारी, चाकुलिया | : 9431706520 |

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 356601 (Police)25-26*D

## OFFICE OF THE EXECUTIVE ENGINEER SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT, RANCHI

**NirupanBhawan,3rd Floor,Room No. 401, 56-Set,Doranda,Ranchi-834002**

**e-Procurement (Very Short Tender Notice)**
**Letter of Invitation (LOI) No.-16/2025-26 2nd Call**
**e-Tender Ref No:–RCD/SID/AP/RAN/16/2025-26 Date:- 03.07.2025**

| | | |
|---|---|---|
| 1 | Name Of Work | **Consultancy Services for Preparation of Detailed Project Report for widening & Strengthening/Reconstruction of Road from Radhanagar Ghatiyali more (Telidih Vikramdih road) to JMP-4 (sector-12) via Satanpur including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Bokaro Districtin the State of Jharkhand. (Tetative Length 08.10 K.m.)***Empanelled consultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 08.10 K.m |
| 3 | Period of Completion of Work | 30 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee. Tender fee will be recived through online mode only. The quotationershave to deposit a fixed amount ofRs 20,000 as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit be received in online mode only through e-procurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & e-Governance Department, Government of Jharkhand vide letter no 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 07.07.2025,10:30 AM |
| 7 | Last Date/Time of Bid Submission | 14.07.2025 12:00PM |
| 8 | Last Date/Time of Submission of Tender Fee & EMD | 14.07.2025 12:00PM |
| 9 | Date and Time of Bid opening | 15.07.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation DivisionAdvance Planning,RCD, Ranchi Mob-9905660677. |
| 13 | PR NO.- | 355130 (2025-26) D |

Note:-Only e-Tender shall be accepted.

**Sd./-(Ravi Shankar Pravakar)Executive Engineer, Soil Investigation Division, Advance Planning, Road Construction Department,Ranchi**

PR 356607 (Road)25-26*D

## ODISHA PUBLIC SERVICE COMMISSION CUTTACK

### NOTICE

**No. 4595/P.S.C., Dt.03.07.2025**
**PF1-1E-04-2025/26 (DR-III)**

### Recruitment to the post of Assistant Conservator of Forest & Forest Ranger

**(Advertisement No. 08 of 2023-24)**

No. D-120:- In continuation to this Office Notice No. 3723/PSC, dtd. 31.05.2025, it is for information of all qualified candidates that **the Physical Standard and Endurance Test (Walking)** for recruitment to the post of **Assistant Conservator of Forest, Group-A (JB) & Forest Ranger, Group-B**, pursuant to Advertisement No. 08 of 2023-24 shall be conducted by the Principal Chief Conservator of Forests, Odisha **at Regional Plant Resource Centre (RPRC) Campus, Nayapalli, Bhubaneswar** from **14.07.2025 to 20.07.2025** as per the following schedule.

**Venue:** Regional Plant Resource Centre (RPRC) Campus, Nayapalli, Bhubaneswar

**PROGRAMME FOR PHYSICAL STANDARD AND ENDURANCE TEST (WALKING):**

| Sl. No. | Roll No. | Physical Standard Test | | Endurance Test (Walking) | |
|---|---|---|---|---|---|
| | | Date & Time of Reporting | Date & Time of Event | Date & Time of Reporting | Date & Time of Event |
| 01. | 100117, 100154, 100174, 100241, 100468, 100533, 100535, 100602, 100692, 100760, 101005, 101014, 101260, 101329, 101391, 101862, 101956, 102042, 102132, 102232, 102252, 200084, 200099, 200252, 200353, 200399, 200578, 200934, 201058, 201153, 201457, 201459, 201577, 201579, 201658, 201670, 201739, 201752, 201964, 202135, 202171, 202286, 202296, 300025, 300034, 300042, 300045, 300125, 300128, 300132, 300176, 300207, 300243, 300253, 300281, 300289, 300292, 300322, 300337, 300358, 300428, 300429, 300440, 300508, 300556, 300607, 300611, 300672, 300696. 300706, 300716, 300734, 300747, 300754, 300770, 300835, 300904, 300911, 300912, 300939, 301045, 301049, 301053, 301102, 301126, 301148, 301157, 301161, 301276 & 301345 **= 90 candidates** | 14.07.2025 10.00 A.M. | 14.07.2025 10.30 A.M. to 05.30 P.M. | 15.07.2025 04.30 A.M. | 15.07.2025 05.30 A.M. to 09.30 A.M. |
| 02. | 301365, 301370, 301374, 301386, 301404, 301420, 301479, 301531, 301538, 301593, 301623, 301626, 301659, 301670, 301692, 301705, 301709, 301711, 301740, 301766, 301779, 301900, 301936, 301947, 301949, 302025, 302030, 302031, 302044, 302081, 302129, 302141, 302178, 302253, 302263, 302322, 302368, 302387, 302389, 302402, 302453, 302457, 302459, 302524, 302537, 302606, 302615, 302666, 302687, 302727, 302863, 302879, 302897, 302927, 302941, 302989, 302990, 303142, 303151, 303168, 303171, 303172, 303239, 303241, 303254, 303268, 303291, 303327, 303414, 303425, 303496, 303499, 303508, 303523, 303548, 303565, 303581, 303630, 303737, 303741, 303746, 303759, 303762, 303780, 303909, 303915, 303929, 303935, 303937 & 303986 **= 90 candidates** | 15.07.2025 10.00 A.M. | 15.07.2025 10.30 A.M. to 05.30 P.M. | 16.07.2025 04.30 A.M. | 16.07.2025 05.30 A.M. to 09.30 A.M. |
| 03. | 304011, 304018, 304086, 304107, 304116, 304147, 304180, 304209, 304234, 304263, 304282, 304288, 304305, 304309, 304335, 304345, 304371, 304386, 304394, 304397, 304427, 304428, 304442, 304551, 304596, 304605, 304676, 304679, 304701, 304706, 304724, 304727, 304744, 304755, 304758, 304793, 304804, 304806, 304814, 304820, 304823, 304906, 304953, 304962, 304988, 305056, 305057, 305061, 305127, 305231, 305267, 305282, 305341, 305347, 305366, 305397, 305486, 305517, 305529, 305572, 305616, 305654, 305655, 305704, 305768, 305815, 305825, 305833, 305859, 305882, 305902, 305924, 305960, 305966, 305971, 305999, 306013, 306030, 306093, 306129, 306137, 306145, 306157, 306206, 306217, 306284, 306304, 306344, 306438 & 306440 **= 90 candidates** | 16.07.2025 10.00 A.M. | 16.07.2025 10.30 A.M. to 05.30 P.M. | 17.07.2025 04.30 A.M. | 17.07.2025 05.30 A.M. to 09.30 A.M. |
| 04. | 306463, 306490, 306516, 306531, 306548, 306561, 306611, 306630, 306641, 306659, 306687, 306760, 306778, 306816, 306841, 306950, 306962, 307048, 307049, 307071, 307078, 307095, 307120, 307124, 307125, 307175, 307232, 307237, 307328, 307415, 307467, 307530, 307544, 307690, 307695, 307709, 307766, 307842, 307866, 307927, 307945, 307946, 307964, 307977, 307995, 308019, 308029, 308084, 308140, 308142, 308159, 308162, 308253, 308298, 308302, 308397, 308617, 308702, 308723, 308744, 308758, 308766, 308803, 308810, 308814, 308829, 308865, 308905, 308962, 308976, 309027, 309049, 309072, 309105, 309107, 309134, 309161, 309172, 309177, 309268, 309283, 309320, 309328, 309355, 309388, 309389, 309405, 309429, 309433 & 309439 **= 90 candidates** | 17.07.2025 10.00 A.M. | 17.07.2025 10.30 A.M. to 05.30 P.M. | 18.07.2025 04.30 A.M. | 18.07.2025 05.30 A.M. to 09.30 A.M. |
| 05. | 309480, 309494, 309539, 309547, 309592, 309658, 309660, 309662, 309688, 309754, 309776, 309778, 309787, 309789, 309833, 309864, 309884, 309888, 309944, 309955, 310000, 310062, 310066, 310133, 310135, 310153, 310265, 310269, 310272, 310326, 310359, 310398, 310401, 310418, 310422, 310439, 310510, 310532, 310538, 310610, 310653, 310690, 310700, 310705, 310716, 310724, 310777, 310805, 310845, 310896, 310951, 310964, 310967, 311072, 311100, 311141, 311144, 311232, 311277, 311299, 311361, 311425, 311427, 311454, 311458, 311566, 311568, 311635, 311650, 311689, 311757, 311766, 311815, 311825, 311844, 400018, 400037, 400161, 400172, 400256, 400319, 400375, 400396, 400446, 400452, 400475, 400489, 400586, 400632 & 400633 **= 90 candidates** | 18.07.2025 10.00 A.M. | 18.07.2025 10.30 A.M. to 05.30 P.M. | 19.07.2025 04.30 A.M. | 19.07.2025 05.30 A.M. to 09.30 A.M. |
| 06. | 400639, 400705, 400767, 400815, 400817, 400903, 400931, 400960, 400969, 400993, 401083, 401112, 401118, 401159, 401172, 401288, 401453, 401501, 401554, 401635, 401727, 401767, 401841, 401855, 401887, 401890, 401931, 401965, 401997, 402000, 402236, 402373, 402374, 402387, 402432, 402509, 402631, 402787, 402846, 402931, 402966, 403045, 403074, 403077, 403078, 403229, 403264, 403346, 403361, 403653, 500026, 500051, 500281, 500385, 500402, 500517, 500826, 500965, 501052, 501130, 501189, 501304, 501407, 501595, 501865, 501973, 502269, 502578, 502659, 502874, 502932, 503024, 503032, 503298, 503451, 503473, 503513, 503548, 503562, 503693, 503780, 503792 & 504047 **= 83 candidates** | 19.07.2025 10.00 A.M. | 19.07.2025 10.30 A.M. to 05.30 P.M. | 20.07.2025 04.30 A.M. | 20.07.2025 05.30 A.M. to 09.30 A.M. |

The Intimation letters for the above short listed candidates will be available in the website of the Commission at http://opsc.gov.in from **09.07.2025** to be downloaded by the candidates concerned. The candidates are required to produce Original Photo Identity Proof, the downloaded Intimation Letter at the venue and the time of the Physical Test as indicated in the Intimation Letter. The candidates not appearing in the Test shall stand disqualified.

**Instructions to the Candidates for the Physical Standard & Endurance Test:**

1. The candidates should report at the venue (RPRC, Bhubaneswar) as per the schedule mentioned against their Roll Number.
2. The Physical Test will be followed by Endurance Test (Walking test).
3. The candidate will produce the following documents:
   a) Production of self-downloaded and self-attested copy of Intimation Letter issued by OPSC.
   b) Original Identity proof such as Aadhaar/PAN card/Voter I card/Passport/Driving License.
4. For further clarification, if any, the candidate may contact DFO, Chandaka (WL) Division on his **Mobile No. 9438879500.**
5. Only one person (parent/guardian/relatives) will be allowed with the candidate during the test when preferred by the candidate.

OIPR-12002/11/0258/2526

**Sd./- Secretary**

## ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା

ଭଣ୍ଡାରିପୋଖରୀ,୫।୭ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଞ୍ଜୁରୀ ବଳଦେବଜୀଉ ମନ୍ଦିରରେ ବାହୁଡ଼ା ଯାତ୍ରାରେ ଚୌଧୁରୀ ଦେବପ୍ରସାଦ ରାୟ ମହାପାତ୍ର ଛେରାପହଁରା କରିଥିଲେ। ପହଣ୍ଡି ବିଜେ କରାଯାଇ ଶ୍ରୀଜୀଉଙ୍କୁ ରଥ ଉପରକୁ ନିଆଯାଇଥିଲା। ଅଧିକାରୀ ପ୍ରଫୁଲ୍ଲ ଦାସ, ଫକୀର ଚରଣ ଧଳ, ପୂଜକ ଗଦାଧର ମିଶ୍ର, ରଘୁନାଥ ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ସେହିପରି କୁରାଡ଼ିଆପଦା ଜଗନ୍ନାଥ ମନ୍ଦିର ଓ କୁରିଗାଁଠାରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା। ନାଆଁମୀ ପଞ୍ଚାୟତର ସୋଲାପୁର ଜଗନ୍ନାଥ ମନ୍ଦିରରେ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାଶ ଛେରାପହଁରା କରିଥିଲେ। ବୟାଁବନାପୁର ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରାରେ ସରପଞ୍ଚ ମିନତି ସାହୁ ରଥଟଣା କାର୍ଯ୍ୟ ତଦାରଖ କରିଥିଲେ। ଏକବୋଲା ଜଗନ୍ନାଥ ମନ୍ଦିର, ତେସିଙ୍ଗା ପଞ୍ଚାୟତର ବନସ୍ତା, ଝୁଟଣା ଓ ରାଜେନ୍ଦ୍ରପୁର ପଞ୍ଚାୟତର ଅଗେଇବେହେରା, ରାଜେନ୍ଦ୍ରପୁର, ଦେଓପଦା, ରାମଚନ୍ଦ୍ରପୁର ପଞ୍ଚାୟତର ସରପଦା, ସଁପୋଇ, ମୋବାରକପୁର, ମାଳଦା, ଚତୁର୍ଭୁଜପୁର ଆଦି ସ୍ଥାନରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଥିଲା।

# ହରିବୋଲ କ୍ଷେତ୍ରକୁ ବାହୁଡ଼ିଲେ ମହାବାହୁ

ତିହିଡ଼ି,୫।୭ (ସଞ୍ଜିତ ବଳ)

ତିହିଡ଼ି ବ୍ଲକର ଗୁଆମାଳ ପଞ୍ଚାୟତ ଅଧୀନ ମୋଡ଼ସାହିସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଭାଇ, ଭଉଣୀଙ୍କ ସହ ମହାବାହୁ ହରିବୋଲ କ୍ଷେତ୍ରକୁ ବାହୁଡ଼ିଛନ୍ତି। ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ସୁସଜ୍ଜିତ ୩ଟି ରଥରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ହରିବୋଲ କ୍ଷେତ୍ରସ୍ଥିତ ଜଗନ୍ନାଥ ମନ୍ଦିରକୁ ନିଆଯାଇଥିଲା। ହରିବୋଲ ଓ ଘଣ୍ଟ ବାଦ୍ୟ ସହ ସହସ୍ରାଧିକ ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନିରେ ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ପ୍ରକମ୍ପିତ ହୋଇଉଠିଥିଲା।

ଶନିବାର ସକାଳ ୬ଟାରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଦ୍ୱାରପାଳ ପୂଜା ପରେ ସୂର୍ଯ୍ୟପୂଜା, ରଥ ସଂସ୍କାର ଓ ଧ୍ୱଜାରୋପଣ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ପହଣ୍ଡି ହୋଇଥିଲା। ପ୍ରଥମେ ଶ୍ରୀ ସୁଦର୍ଶନ, ପରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ମୁଖ୍ୟ ପୂଜକ ଜଗନ୍ନାଥ ପଣ୍ଡାଙ୍କ ସମେତ କଳ୍ପତରୁ ଉଦ୍‌ଗାତା, କେଶବ ପଣ୍ଡା, ଭାଗବତ ପଣ୍ଡା, ପ୍ରଶାନ୍ତ ମିଶ୍ର, ନିରଞ୍ଜନ ପଣ୍ଡା ପ୍ରମୁଖ ପହଣ୍ଡି କରିଥିଲେ। ପରେ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରି ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ମଧ୍ୟାହ୍ନରେ ଜିଲାପାଳ ଦିଲୀପ ରାଉତରାଏଙ୍କୁ ଶୋଭାଯାତ୍ରାରେ ରଥ ପାଖକୁ ନିଆଯାଇଥିଲା। ଜିଲାପାଳ ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଓ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥରେ ଛେରାପହଁରା କରିଥିଲେ। ମଧ୍ୟାହ୍ନରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ମହିଳାମାନେ ଦେବୀ ସୁଭଦ୍ରାଙ୍କ ରଥ ଟାଣିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର କମିଟି ସଭାପତି ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସମ୍ପାଦକ ସନାତନ ଜେନା, କାର୍ଯ୍ୟକାରୀ ସଦସ୍ୟ ମନୋରଞ୍ଜନ ଖୁଣ୍ଟିଆ, ରବୀନ୍ଦ୍ର ପୃଷ୍ଟି, ରବିନାରାୟଣ ସାମଲ, ଭରତ ଚନ୍ଦ୍ର ସାହୁ, ପ୍ରମୋଦ କୁମାର ନାୟକ, ଶଶିକାନ୍ତ ଜେନା, ଦିଲୀପ କୁମାର ଖୁଣ୍ଟିଆ ଏବଂ ହରିବୋଲ କ୍ଷେତ୍ର ରଥ ପରିଚାଳନା କମିଟି ସଭାପତି ନଗେନ ଦାସ, ସମ୍ପାଦକ ପତିତପାବନ ପଣ୍ଡା, ଶ୍ରୀଧର ପୁହାଣ, ସଞ୍ଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର କମିଟି ପକ୍ଷରୁ ଧାରା ବିବରଣୀ ପ୍ରଦାନ କରାଯାଇଥିବା ବେଳେ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ କରାଯାଇଥିଲା। ଗୋପବନ୍ଧୁ ସେବକ ସେନା ସଭାପତି ରାଜୀବ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ପଣା ବିତରଣ କରାଯାଇଥିଲା।

### ରଥରେ ଛେରାପହଁରା କଲେ ଜିଲାପାଳ



ଜିଲାପାଳ ଦିଲୀପ ରାଉତରାଏ ଜଗନ୍ନାଥଙ୍କ ରଥରେ ଛେରାପହଁରା କରୁଛନ୍ତି।

## ମାଉସୀମା' ମନ୍ଦିରରୁ ଫେରିଲେ ତିନିଠାକୁର



ବେତାଳିଗାଁ ହାଟଠାରେ ଭକ୍ତମାନେ ରଥ ଟାଣୁଛନ୍ତି।

ଧୁଷୁରୀ,୫।୭ (ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକ ପାଳସାହି ପଞ୍ଚାୟତ ବେତାଳିଗାଁସ୍ଥିତ ମାଉସୀମା' ମନ୍ଦିରରୁ ତିନିଠାକୁର ଶନିବାର ଅପରାହ୍ନରେ ରଇପୁରସ୍ଥିତ ନିଜ ମନ୍ଦିରକୁ ବାହୁଡ଼ିଛନ୍ତି। ବାହୁଡ଼ା ଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ଜୟ ଜଗନ୍ନାଥ ଧ୍ୱନି ଦେଇ ରଥ ଟାଣି ଟାଣି ନେଇଥିଲେ। ସେହିପରି ଧୁଷୁରୀ, ଅସୁରାଳି, ନଦୀଗାଁ, ଧୁଷୁରୀ ଥାନା ଅଧୀନ ଆରଡ଼ି, କୁଳେଇପଦା, ଓଳଗ, ଭୂଇଁପୁର ଆଦି ସ୍ଥାନରେ ବାହୁଡ଼ା ଯାତ୍ରାରେ ବହୁ ଜନସମାଗମ ହୋଇଥିଲା। ବାହୁଡ଼ା ଯାତ୍ରା ଉପଲକ୍ଷେ ବେତାଳିଗାଁ ହାଟଠାରେ ନୂତନ ଭାବେ ଗଠିତ ଜିଲା ମାନବ କଲ୍ୟାଣ ଓ ସେବା ସଙ୍ଗଠନ ପକ୍ଷରୁ ଭକ୍ତମାନଙ୍କୁ ଚରୁଅନ୍ନ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର କର୍ମକର୍ତ୍ତା ଓ ସଭ୍ୟମାନେ ଏହି ସେବାକାର୍ଯ୍ୟରେ ନିୟୋଜିତ ଥିଲେ।

## ସୁଭଦ୍ରାଙ୍କ ରଥ ଟାଣିଲେ ମହିଳା



ଦେହୁଡ଼ି ଆନନ୍ଦପୁରଠାରେ ମହିଳାମାନେ ଦେବୀ ସୁଭଦ୍ରାଙ୍କ ରଥ ଟାଣୁଛନ୍ତି।

ଧାମନଗର, ୫।୭ (ଦେବେନ୍ଦ୍ର ଆଦ୍ଦିଆ)

ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନଦୀଗାଁରେ ମାଉସୀମା' ମନ୍ଦିରରୁ ଶ୍ରୀଜୀଉମାନଙ୍କୁ ପହଣ୍ଡି କରି ରଥାରୂଢ଼ କରାଯାଇଥିଲା। ଚାରମାଳ ଖୋଲିବା ପରେ ରଥ ଟଣା ହୋଇ ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା। ଭକ୍ତମାନେ ଆନନ୍ଦରେ ରଥ ଟାଣିଥିଲେ। ଦେହୁଡ଼ି ଆନନ୍ଦପୁର, ଦୋବଲ ବଜାର, ଧାମନଗର, ଗୋହିରାଟିକିରି, ଜାହାଙ୍ଗୀର, କୋଠାର, କୋଳେଇପଦା, ସୋଧ, ଚୁଡ଼ାକୁଟି, ଗୋବିନ୍ଦପୁର, ରାଧାବଲ୍ଲଭପୁର, ଗୁହାଳିଆ, ଇଛଦା, ଦକ୍ଷିଣବାଡ଼, ବନ୍ଧଟିଆ, ଅସୁରାଳି ବଜାର, ଅସୁରାଳି ଗଣେଶ ନଗର, ଶହୀଦନଗର, ବୟାଙ୍ଗଡିହି, ଭଗବାନପୁର ଆଦି ସ୍ଥାନରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଦେହୁଡ଼ି ଆନନ୍ଦପୁରଠାରେ ମହିଳାମାନେ ଦେବୀ ସୁଭଦ୍ରାଙ୍କ ରଥ ଟାଣିଥିଲେ। ଧାମନଗର ଓ ଧୁଷୁରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

# ମନ୍ଦିରକୁ ଫେରିଲେ ଶ୍ରୀଜୀଉ

ଭଦ୍ରକ,୫।୭ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ଶନିବାର ବାହୁଡ଼ା ଯାତ୍ରା ଆନନ୍ଦଉଲ୍ଲାସରେ ଅନୁଷ୍ଠିତ ହୋଇଯାଇଛି। ୯ ଦିନ ମାଉସୀ ଘରେ ରହିବା ପରେ ତିନିଠାକୁର ମନ୍ଦିରକୁ ବାହୁଡ଼ିଛନ୍ତି। ଭଦ୍ରକ ପୌରାଞ୍ଚଳ ଅଧୀନ ସାଳନ୍ଦୀ ବାଇପାସ୍ ଜଗନ୍ନାଥ ମନ୍ଦିର, କୁଆଁସ, ସନ୍ଥିଆ, ନୂଆବଜାର, ଗରଦପୁର, ଆଗରପଡ଼ା ଅଞ୍ଚଳରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା। ବାଇପାସ୍‌ଠାରେ ରଥ ସଂସ୍କାର ଓ ଧ୍ୱଜାରୋପଣ କରାଯାଇ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ରଥରେ ଅର୍ପଣ କରାଯାଇଥିଲା। ଶ୍ରୀଜୀଉଙ୍କ ସ୍ନାନ ଓ ପୂଜନ କରାଯାଇ ମହାସୁଦର୍ଶନଙ୍କ ପହଣ୍ଡି ବିଜେ ପରେ ଶ୍ରୀ ବଳଭଦ୍ର, ମାତା ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଥିଲା। ପୂଜକ ସୁରେନ୍ଦ୍ର ପାଣିଙ୍କ ତତ୍ତ୍ୱାବଧାନରେ ଜଳସେଚନ ବିଭାଗର ଅବସରପ୍ରାପ୍ତ ଜେଇ ଦୁର୍ଗାପ୍ରସନ୍ନ ତ୍ରିପାଠୀ ଛେରାପହଁରା କରିଥିଲେ। ଅପରାହ୍ନ ୫ଟାରେ ମହିଳା ଓ ପୁରୁଷମାନେ ମାଉସୀମା' ମନ୍ଦିରଠାରୁ ରଥ ଟାଣି ନେଇ ବାଇପାସ୍‌ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚାଇଥିଲେ। ଯୁବତୀ ଓ ମହିଳାମାନେ ଅଧିକ ଉତ୍ସାହର ସହ ରଥ ଟାଣୁଥିବା ଦେଖାଯାଇଥିଲା। କୀର୍ତ୍ତନ, ଘଣ୍ଟ, ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନିରେ ବାଇପାସ୍ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅତିରିକ୍ତ ଏସ୍‌ପି ସମ୍ବିତ ମାଝୀ, ଅଂଶୁମାନ ଦ୍ୱିବେଦୀ, ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ରହିଥିଲା।



ସାଳନ୍ଦୀ ବାଇପାସ୍‌ରେ ରଥରେ ଦର୍ଶନ ଦେଉଛନ୍ତି ତିନିଠାକୁର।

## ପଲ୍ଲୀ ମାଇନର କେନାଲ କାମ ନିମ୍ନମାନର

### ଅର୍ଥ ହରିଲୁଟ୍ ଅଭିଯୋଗ

ଭଦ୍ରକ,୫।୭ (ସନାତନ ରାଉତ)

ଭଦ୍ରକ ବ୍ଲକର କୋଡ଼ବରୁଆଁ ପଞ୍ଚାୟତ ଦେଇ ଯାଇଥିବା ପଲ୍ଲୀ ମାଇନର କେନାଲ ନିର୍ମାଣ କାମ ନିମ୍ନମାନର ହୋଇଥିବା ବେଳେ ଅର୍ଥ ହରିଲୁଟ୍ ନେଇ ଅଭିଯୋଗ ହୋଇଛି। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଭଦ୍ରକ ସାଳନ୍ଦୀ କେନାଲ ଡିଭିଜନ ଅଧୀନରେ ଥିବା ଚରମ୍ପା ମୁଖ୍ୟ କେନାଲରୁ ସରଗ ଓ ସାବରଙ୍ଗକୁ ଯାଇଥିବା ଏହି ମାଇନର କେନାଲର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିଲା। ସ୍ଥାନୀୟ ଚାଷୀଙ୍କ ବାରମ୍ବାର ଦାବି ପରେ ସାଳନ୍ଦୀ କେନାଲ ଡିଭିଜନ ପକ୍ଷରୁ ସ୍ଥାୟୀ ମରାମତି ପାଇଁ ପ୍ରକଳ୍ପ ଅନୁମୋଦନ ହୋଇଥିଲା। କେନ୍ଦ୍ର ସରକାରଙ୍କ କାଫେକ୍ସ ଯୋଜନାରେ ୨ କୋଟି ୯ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁରୀ କରାଯାଇ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିଲା। ଗତ ଏପ୍ରିଲରେ କାମ ଆରମ୍ଭ ହୋଇ ଜୁନ୍ ମଧ୍ୟରେ ଶେଷ ହୋଇଛି। ଏକ ଠିକାସଂସ୍ଥା ନିର୍ମାଣ କାର୍ଯ୍ୟ କରିଥିବାବେଳେ କାର୍ଯ୍ୟର ବିବରଣୀ ସମ୍ପର୍କରେ ସୂଚନାଫଳକ କରା ନ ଯାଇ ତରବରିଆ ଭାବେ କାମ କରାଯାଇଛି। ଏଷ୍ଟିମେଟ ଅନୁଯାୟୀ କରାଯାଇ ନ ଥିବାବେଳେ ବହୁ ନିମ୍ନମାନର କାର୍ଯ୍ୟ ହୋଇଥିବା ସ୍ଥାନୀୟ ଚାଷୀମାନେ ନିକଟରେ ଜିଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି। କେନାଲରେ ନିର୍ମାଣ କରାଯାଇଥିବା କଂକ୍ରିଟ ୱାଲ୍‌ରେ ରଡ୍, ସିମେଣ୍ଟ କମ୍ ବ୍ୟବହାର ହୋଇଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ନିମ୍ନମାନର କାର୍ଯ୍ୟକୁ ନେଇ ସ୍ଥାନୀୟ ଲୋକେ ଠିକାସଂସ୍ଥା ଓ ସାଳନ୍ଦୀ କେନାଲ ଡିଭିଜନର ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପୂର୍ବରୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଦିଲୀପ ରାଉତରାଏ କହିଛନ୍ତି, ଏହି ବିଷୟରେ ସେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପଚାରିବାରୁ କାମ ଠିକ୍ ହୋଇଥିବା କହିଥିଲେ। ତେବେ ଏ ସମ୍ପର୍କରେ ସାଳନ୍ଦୀ କେନାଲ ଡିଭିଜନକୁ ଏକ ରିପୋର୍ଟ ସେ ମାଗିଥିବା ଜିଲାପାଳ କହିଛନ୍ତି।

## ନୀଳଗିରି ବିଧାୟକଙ୍କ ଗିରଫ ଦାବି କଲା ସିପିଏମ୍

ଭଦ୍ରକ, ୫।୭ (ସନାତନ ରାଉତ)

ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିବା ବାଲେଶ୍ୱର ଜିଲା ନୀଳଗିରିର ଭାଜପା ବିଧାୟକ ସନ୍ତୋଷ ଖଟୁଆଙ୍କୁ ଗିରଫ କରାଯିବାକୁ ସିପିଏମ୍‌ର ଭଦ୍ରକ ଜିଲା କମିଟି ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଦାବି କରିଛି। ବିଧାୟକଙ୍କ ଏଭଳି ମନ୍ତବ୍ୟ ନାରୀ ସମାଜ ପ୍ରତି ଶକ୍ତ ଆଘାତ ବୋଲି ସିପିଏମ୍ ନେତୃବୃନ୍ଦ ମତପ୍ରକାଶ କରିଛନ୍ତି। ବାଚସ୍ପତି ସ୍ୱତନ୍ତ୍ର କ୍ଷମତା ପ୍ରୟୋଗ କରି ବିଧାନସଭାରୁ ତାଙ୍କୁ ବହିଷ୍କାର କରିବା ସହ ଗିରଫ କରାଯାଉ ବୋଲି ସିପିଏମ୍ ଜିଲା କମିଟି ପକ୍ଷରୁ ଦାବି କରାଯାଇଛି। ବିଧାୟକ ଖଟୁଆଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଜିଲା ସମ୍ପାଦକ ଦିବ୍ୟସିଂହ ନାୟକ, ଜିଲା କମିଟି ସଭ୍ୟ ବିକାଶ ନାଥ, ବରିଷ୍ଠ ନେତା ପ୍ରଫୁଲ୍ଲ ପାଢ଼ୀ, ବିଷ୍ଣୁ ଦାଶ, ପ୍ରଭାସ ମହାପାତ୍ର, ରାଧାନାଥ ଦାସ, ଗିରିଧାରୀ ନାଥ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ମାସିକ ପ୍ରୋତ୍ସାହନ ରାଶି, ବୈଠକ ଭତ୍ତା ମିଳୁନି

### ପଞ୍ଚାୟତ ଜନପ୍ରତିନିଧିଙ୍କ ଅଭିଯୋଗ

ବନ୍ତ,୫।୭(ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକ ଅଧୀନ ୨୫ ପଞ୍ଚାୟତର ସରପଞ୍ଚଙ୍କୁ ପ୍ରୋତ୍ସାହନ ରାଶି ଏବଂ ୩୫୦ରୁ ଅଧିକ ୱାର୍ଡସଭ୍ୟଙ୍କ ସମେତ ସରପଞ୍ଚମାନଙ୍କୁ ମାସିକ ବୈଠକ ଭତ୍ତା ମିଳୁନି। ଗ୍ରାମାଞ୍ଚଳର ବିଭିନ୍ନ ସମସ୍ୟା ଓ ଲୋକଙ୍କ ପାଖରେ ଉତ୍ତରଦାୟୀ ରହିଥିବା ପଞ୍ଚାୟତ ଜନପ୍ରତିନିଧିମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଉଛି। ଦେଢ଼ବର୍ଷ ହେବ ସେମାନେ ମାସିକ ପ୍ରୋତ୍ସାହନ ରାଶି ଓ ବୈଠକ ଭତ୍ତା ପାଇନାହାନ୍ତି। ଏନେଇ ଟିଲୋ, କାଦବରାଙ୍ଗ, ବନ୍ତ, ବସନ୍ତିଆ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ବାରମ୍ବାର ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଆସୁଛନ୍ତି। ମାତ୍ର ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ବ୍ଲକକୁ ବାରମ୍ବାର ଦୌଡୁଥିଲେ ମଧ୍ୟ ଅଧିକାରୀମାନେ କିଛି ପଦକ୍ଷେପ ଗ୍ରହଣ କରୁ ନ ଥିବା ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା କହିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ପଞ୍ଚାୟତ ପ୍ରତିନିଧି ସଂଘ ପକ୍ଷରୁ ବ୍ଲକ ଅଫିସ୍ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ସୁଚିସ୍ମିତା ବାରିକଙ୍କୁ ପଚାରିବାରୁ ଜିଲା ପ୍ରଶାସନକୁ ଫାଇଲ ଯାଇଛି, ଖୁବ୍‌ଶୀଘ୍ର ସେମାନେ ପ୍ରାପ୍ୟ ପାଇଯିବେ ବୋଲି କହିଛନ୍ତି।

## ୩ ବିଦ୍ୟାଳୟରୁ ମଧ୍ୟାହ୍ନଭୋଜନ ଚାଉଳ ଚୋରି

ବାସୁଦେବପୁର,୫।୭ (ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ଆରୁହା ଓ ଅରଣ୍ଡୁଆ ପଞ୍ଚାୟତର ୩ ବିଦ୍ୟାଳୟରୁ ଶୁକ୍ରବାର ରାତିରେ ମଧ୍ୟାହ୍ନଭୋଜନ ଚାଉଳ ସହ ରୋଷେଇ ସରଞ୍ଜାମ ଚୋରି ହୋଇଛି। ସୂଚନା ଅନୁଯାୟୀ, ଆରୁହା ପଞ୍ଚାୟତର ଭାଗପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ୯ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ, ଅରଣ୍ଡୁଆ ପଞ୍ଚାୟତର କାନ୍ଥିସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ୨୦ ବସ୍ତା ଚାଉଳ ଓ ପଧାନୀପଡ଼ା ପ୍ରାଥମିକ ବିଦ୍ୟାଳୟରୁ ୧ ବସ୍ତା ଚାଉଳ ସହ ରୋଷେଇ କରାଯାଉଥିବା ହାଣ୍ଡି, କଡ଼େଇ, ପିତ୍ତଳ ଘଣ୍ଟା, ବାସନକୁସନ ଆଦି ଚୋରି କରି ନେଇଛନ୍ତି ଦୁର୍ବୃତ୍ତ। ୩ ସ୍କୁଲକୁ ଶୁକ୍ରବାର ମଧ୍ୟାହ୍ନଭୋଜନ ଚାଉଳ ଯୋଗାଇ ଦିଆଯାଇଥିବା ବେଳେ ରାତିରେ ଚୋରି ହୋଇଛି। ଚୋରି ସମ୍ପର୍କରେ ଶନିବାର ସକାଳେ ଜଣାପଡ଼ିଥିଲା। ଭାଗପୁର ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗୌରମଣୀ ପ୍ରଧାନ, କାନ୍ଥିସାହି ସ୍କୁଲର ପ୍ରଧାନଶିକ୍ଷକ ଶରତ ସାହୁ ଏବଂ ପଧାନୀପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନତିଲତା ପଣ୍ଡା ଏନେଇ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି।

# ବର୍ଷାରେ ନଷ୍ଟ ହୋଇଗଲା ଧାନତଳି



ଚାଷଜମିରେ ଧାନତଳି ବର୍ଷାପାଣିରେ ବୁଡ଼ିରହିଛି।

### ସରକାର ବିହନ ଯୋଗାଇବାକୁ ଚାଷୀଙ୍କ ନିବେଦନ

ଧୁଷୁରୀ, ୫।୭ (ଦୀପ୍ତିରଞ୍ଜନ ନାୟକ)

ଲଗାଣ ବର୍ଷାରେ ନଷ୍ଟ ହୋଇଗଲା ଧାନତଳି। ପ୍ରଥମେ ବୈତରଣୀ ଓ ପରେ ସାଳନ୍ଦୀ ନଦୀରେ ବନ୍ୟା ଆସି ଚାଷୀ ପକାଇଥିବା ବିହନ ତଳିକୁ ବୁଡ଼ାଇ ଦେଇଥିଲା। ବନ୍ୟାଜଳ ହ୍ରାସ ପାଇବା ପୂର୍ବରୁ ୩ ଦିନ ଧରି ଲଗାଣ ବର୍ଷା ଲାଗିରହିଛି। ଫଳରେ ଧାନ ତଳି ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ଚାନ୍ଦବାଲି ବ୍ଲକର ଆରଡ଼ି, ସୁନ୍ଦରପୁର, ଓଳଗ, ନାନ୍ଦପୁର, ଧାମନଗର ବ୍ଲକର ଧୁଷୁରୀ, ହସନାବାଦ, ରଇପୁର, ପାଳସାହି, ବମକୁରା, ସାହାସପୁର, ଅସୁରାଳି, କୋଠାର, ଅର୍ଜୁନପୁର, ନଦୀଗାଁ, ଭଇଁସାହି ଓ ତିହିଡ଼ି ବ୍ଲକର ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କେତେକ ସ୍ଥାନରେ ଧାନତଳି ପାଣିରେ ବୁଡ଼ି ରହିଥିବା ବେଳେ ଅନ୍ୟ କେତେକ ସ୍ଥାନରେ ପଚି ନଷ୍ଟ ହୋଇଯାଇଛି। କେବଳ ଧାନତଳି ନୁହେଁ ବୁଣା ଧାନ ମଧ୍ୟ ନଷ୍ଟ ହୋଇଯାଇଛି। ଚାନ୍ଦବାଲି ବ୍ଲକର ୪ ପଞ୍ଚାୟତରେ ଚାଷଜମିରେ ଏବେ ବି ସାଳନ୍ଦୀ ଜଳ ଜମିରହିଛି। ୩ ବ୍ଲକର ଚାଷୀମାନେ ପୁଣିଥରେ ଧାନତଳି ପକାଇବାକୁ ଉଦ୍ୟମ ଜାରି ରଖିଥିଲେ ବି ସେମାନଙ୍କ ପାଖରେ ବିହନ ନ ଥିବା ଜଣାଇଛନ୍ତି। ସରକାର ଧାନ ବିହନ ଓ ସାର ସେମାନଙ୍କୁ ଯୋଗାଇ ଦେବାକୁ ଚାଷୀମାନେ ନିବେଦନ କରିଛନ୍ତି। ୮ ଦିନ ମଧ୍ୟରେ ଧାନ ବିହନ ଓ ସାର ସରକାର ଯୋଗାଇଦେଲେ ସେମାନଙ୍କ ସମସ୍ୟା କିଛି ମାତ୍ରାରେ ଦୂର ହୋଇପାରନ୍ତା ବୋଲି ଚାଷୀମାନେ ଆଶାବ୍ୟକ୍ତ କରିଛନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ସିଡିଏମ୍‌ଓ

ଭଣ୍ଡାରିପୋଖରୀ,୫।୭ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ରୋଗୀସେବା ଦକ୍ଷତା ବୃଦ୍ଧି ନିମନ୍ତେ ସିଡିଏମ୍‌ଓ (ଜିଲା ମୁଖ୍ୟ ଚିକିତ୍ସାଧିକାରୀ) ଡା. ସୁଧୀର ରଞ୍ଜନ ନାୟକ ଶନିବାର ଏହି ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ଏଥିସହ ସିଡିଏମ୍‌ଓ ଡାକ୍ତରମାନଙ୍କ ସହ ବୈଠକ କରିଛନ୍ତି। ସୀମିତ ସମ୍ବଳକୁ ଦୃଷ୍ଟିରେ ରଖି ଡାକ୍ତରମାନେ ସମ୍ମୁଖୀନ ହେଉଥିବା ସମସ୍ୟା ମଧ୍ୟରେ ରୋଗୀସେବାର ବିଭିନ୍ନ ଦିଗ ସମ୍ପର୍କରେ ସେ ଉପାଦେୟ ପରାମର୍ଶ ଦେଇଛନ୍ତି।

ପୂର୍ବାହ୍ନରେ ସିଡିଏମ୍‌ଓ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଗସ୍ତ କରି ଭିତ୍ତିଭୂମି, ଅଭାବ ଓ ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରିବା ସହ ଡାକ୍ତରମାନଙ୍କ ସହ ବୈଠକରେ ରୋଗୀସେବା ସମ୍ପର୍କରେ ପରାମର୍ଶ ଦେଇଥିଲେ। ସିଡିଏମ୍‌ଓ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଥମ ଗସ୍ତ ଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ମାର୍ଗଦର୍ଶିକା ଅନୁଯାୟୀ ରୋଗୀସେବା କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ଇସିଜି ମେସିନ ଯୋଗାଇ ଦିଆଯାଇଛି। ରୋଗୀମାନେ ପରୀକ୍ଷା ପାଇଁ ଆଉ ବାହାରକୁ ଯିବେ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶଲ୍ୟ ଚିକିତ୍ସା ବିଶେଷଜ୍ଞ ଡାକ୍ତର ଥିବାରୁ ଅସ୍ତ୍ରୋପଚାର ଗୃହକୁ କାର୍ଯ୍ୟକ୍ଷମ କରି ସର୍ବନିମ୍ନ ଅସ୍ତ୍ରୋପଚାର ଆରମ୍ଭ କରାଯିବାକୁ ସେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ସିଡିଏମ୍‌ଓ କହିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. କମଳାକାନ୍ତ ସ୍ୱାଇଁ, ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡା. ସରୋଜ କୁମାର ରାଉଳ, ଡା. ସୁଧାଂଶୁ ଶେଖର ବେହେରା, ଡା. ସୌମ୍ୟରଞ୍ଜନ ରାଉତ, ଡା. ଦେବବ୍ରତ ବିଶ୍ୱାଳ, ଡା. ନବୀନ ପରିଡ଼ା ଓ ଡା. ମାଷ୍ଟର ବିଶ୍ୱାଳ ବୈଠକରେ ଉପସ୍ଥିତ ଥିଲେ। ବ୍ଲକ ଯୋଜନା ପରିଚାଳକ ରଶ୍ମିରେଖା ପୃଷ୍ଟି, ଫାର୍ମାସିଷ୍ଟ ଶୁଭ୍ରକାନ୍ତ ପଣ୍ଡା, ଜନସ୍ୱାସ୍ଥ୍ୟ ଅଧିକାରୀ ପୃଥ୍ୱୀରାଜ ପୋଥାଳ ପ୍ରମୁଖ ସିଡିଏମ୍‌ଓଙ୍କୁ ସ୍ୱାଗତ କରିଥିଲେ। ଏଥିପୂର୍ବରୁ ସିଡିଏମ୍‌ଓ ମଞ୍ଜୁରୀରୋଡ୍ ଓ ବାରିକପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ରୋଗୀସେବା ଅନୁଧ୍ୟାନ କରିଥିଲେ।



ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସିଡିଏମ୍‌ଓ ଡା. ସୁଧୀର ରଞ୍ଜନ ନାୟକଙ୍କ ସହ ଅନ୍ୟ ଡାକ୍ତରମାନେ।

**ଜନ୍ମବେଦିରୁ ବାହୁଡ଼ିଲେ ଚତୁର୍ଦ୍ଧାମୂର୍ତ୍ତି**

ବଡ଼ବିଲ,(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲର ବିଭିନ୍ନ ସ୍ଥାନରେ ଚତୁର୍ଦ୍ଧାମୂର୍ତ୍ତି ଜନ୍ମବେଦୀରେ ୯ ଦିନ ଧରି ବିଜେ କରି ଶନିବାର ମନ୍ଦିର ଅଭିମୁଖେ ବାହୁଡ଼ା ଯାତ୍ରା ଆରମ୍ଭ କରିଛନ୍ତି। ପିଏଚ୍‌ଡିସ୍ଥିତ ଐକ୍ୟ କ୍ଷେତ୍ର, ଘଣ୍ଟାଘର ଏବଂ ଉପ-କୋଷାଗାର ନିକଟରୁ ପହଣ୍ଡି ହୋଇ ଚତୁର୍ଦ୍ଧାମୂର୍ତ୍ତି ରଥାରୁଢ ହେବା ପରେ ଛେରାପହଁରା ହୋଇଥିଲା। ପରେ ରଥ ଟଣା ଆରମ୍ଭ ହୋଇଥିଲା। ବାହୁଡ଼ାଯାତ୍ରାରେ ରଥ ଟାଣିବାକୁ ପ୍ରବଳ ଭକ୍ତସମାଗମ ହୋଇଥିଲେ।

# ବଳଗଣ୍ଡିରେ ଅଟକିଲେ ଶ୍ରୀ ବଳଦେବଜୀଉ

- ଲକ୍ଷାଧିକ ଭକ୍ତଙ୍କ ସମାଗମ
- ଆଜି ରଥଟଣା ସହ ସୁନାବେଶ



ଭକ୍ତମାନେ ରଥକୁ ଟାଣି ନେଉଛନ୍ତି।

କେନ୍ଦୁଝର,୫।୭(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀଶ୍ରୀ ବଳଦେବଜୀଉଙ୍କର ପବିତ୍ର ବାହୁଡ଼ାଯାତ୍ରା ଲଗାଣବର୍ଷା ମଧ୍ୟରେ ଶନିବାର ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ପ୍ରବଳ ବର୍ଷା ସହ ରଥ ବାମକୁ ଯିବାରୁ ରଥ ଅଟକି ଥିଲା। ବଡ଼ଦାଣ୍ଡର ମଧ୍ୟଭାଗ ବଳଗଣ୍ଡିରୁ ଅଳ୍ପ ବାଟ ଗଡ଼ି ରଥ ଅଟକିଯାଇଛି। ସନ୍ଧ୍ୟା ଆଳତି ସମୟ ହୋଇଥିବାରୁ ରଥ ଅଟକି ଯିବା ସହ ରବିବାର ସକାଳ ୯ଟାରେ ରଥ ଟଣା ଓ ସନ୍ଧ୍ୟାରେ ସୁନାବେଶ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

ପ୍ରକାଶ ଯେ, ପ୍ରବଳ ବର୍ଷା ମଧ୍ୟରେ ଶନିବାର ଭୋର ୪ ଟାରୁ ଶ୍ରୀଜୀଉଙ୍କ ଅବକାଶ, ୫ଟାରେ ଲୁଗାଲାଗି, ୯ରେ ଧୂପ, ୧୦ଟାରେ ପୁଷ୍ପାଞ୍ଜଳୀ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅପରାହ୍ଣ ୨ଟା ୧୦ରେ ଶ୍ରୀଜୀଉମାନଙ୍କ ପହଣ୍ଡି କରାଯାଇଥିଲା। କେନ୍ଦୁଝର ରାଜାସାହେବ ଧନଞ୍ଜୟ ନାରାୟଣ ଭଞ୍ଜଦେଓ ଛେରା ପହଁରା କରିଥିଲେ। ଅପରାହ୍ଣ ୫ଟା ୧୫ରେ ରଥଟଣା ଆରମ୍ଭ ହୋଇ ଶ୍ରୀ ରଘୁନାଥଜୀଉ ମନ୍ଦିର ସହ ଗଳଗଣ୍ଡି ନିକଟରେ ପାରମ୍ପରିକ ଭୋଗନୀତି ପାଇଁ ଅଟକି ଥିଲା। ଲଗାଣ ବର୍ଷା କାରଣରୁ ରଥ ଅଟକି ରହି ଆଳତି ହୋଇଥିଲା। ରାଜପୁରୋହିତ ପ୍ରସନ୍ନ ନନ୍ଦ, ବ୍ରହ୍ମା ଗଙ୍ଗାଧର ମିଶ୍ର, ବଡ଼ପଣ୍ଡା ରାଜକିଶୋର ପଣ୍ଡା, ବରିଷ୍ଠ ପୂଜାପଣ୍ଡା ସୁବ୍ରତ ତ୍ରିପାଠୀଙ୍କ ସମେତ ପୂଜାପଣ୍ଡା, ସୁଆର,ଖୁଣ୍ଟିଆ ସେବକମାନେ ସେବା ଯୋଗାଇଥିଲେ। ରବିବାର ରଥ ପହଞ୍ଚିବା ପରେ ସୁନାବେଶ ଅନୁଷ୍ଠିତ ହେବ। ଏ ନେଇ ଟାୱାର ନିର୍ମାଣ କରାଯିବ। ଅପରାହ୍ଣ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରୀ ଜୀଉଙ୍କର ପବିତ୍ର ସୁନାବେଶ ଓ ବଡ଼ ଏକାଦଶୀ ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ଦ୍ୱାରିକା ବେଶରେ ଦର୍ଶନଦେଲେ ତିନିଠାକୁର

## ଆଜି ବାହୁଡ଼ା

ବାରିପଦା,୫।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବାରିପଦାରେ ଶନିବାର ତିନିଠାକୁରଙ୍କ ଦ୍ୱାରିକା ବେଶ।

ମୟୂରଭଞ୍ଜ ଜିଲା ବାରିପଦାରେ ପବିତ୍ର ବାହୁଡ଼ା ଦଶମୀ ଅବସରରେ ଶନିବାର ଆଡ଼ପ ମଣ୍ଡପରେ ମହାପ୍ରଭୁ ଦ୍ୱାରିକା(ସୁନାବେଶ) ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିର ଜନ୍ମବେଦୀରୁ ସନ୍ଧ୍ୟାରେ ପହଣ୍ଡି ପରେ ରଥାରୂଢ଼ ତିନିଠାକୁରଙ୍କ ଅପୂର୍ବ ଶୋଭାକୁ ଦର୍ଶନ କରି ଭକ୍ତ ବିଭୋର ହୋଇପଡ଼ିଛନ୍ତି। ପରମ୍ପରା ଅନୁଯାୟୀ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଗୁଣ୍ଡିଚା ମନ୍ଦିରରେ ବାହୁଡ଼ା ପୂର୍ବଦିନ ମହାପ୍ରଭୁଙ୍କ ଦ୍ୱାରିକା ବେଶ ହୋଇଥାଏ।

ପ୍ରତ୍ୟୁଷରୁ ତିନିଠାକୁରଙ୍କ ନୀତିକାନ୍ତି ସରିବା ପରେ ସକାଳ ୯ଟାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ମହାପ୍ରଭୁ ଦ୍ୱାରିକା ବେଶରେ ଦର୍ଶନ ଦେଇଥିଲେ। ସକାଳେ ମଙ୍ଗଳ ଆଳତି ପରେ ମହାସ୍ନାନ ଓ ଅବକାଶ ନୀତି କରାଯାଇ ଶ୍ରୀଜୀଉଙ୍କୁ ପାଣିଆ ଖେଚୁଡ଼ି ପ୍ରସାଦ ଲାଗି କରାଯାଇଥିଲା। ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରିବା ପରେ ଠାକୁରଙ୍କ ପୁଷ୍ପଭେଟି ଓ ଅତର ଲାଗି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମନ୍ଦିର ପରିଛା ଦୁର୍ଗା ଚରଣ ଜିତବାବୁ ଠାକୁରଙ୍କ ପାଖରୁ ଆଜ୍ଞାମାଳ ଆଣିବା ପରେ ଘଣ୍ଟ, ଶଙ୍ଖ, ରଣସିଂହାର, କାହାଳୀ ଓ ସଂକୀର୍ତ୍ତନ ସହ ମନ୍ଦିର ବେଢ଼ା ୪ ଥର ପ୍ରଦକ୍ଷିଣ କରାଯାଇଥିଲା। ଆରତି ଦର୍ଶନ ପରେ ଦଶମୀ ପୂଜାନୀତି ଶେଷ ହୋଇଥିଲା। ଠାକୁରଙ୍କ ବେଶ ଖୋଲା ହୋଇ ଅଁଳା ଭେଟି ଲାଗି କରାଯିବା ପରେ ଚକାଛଡ଼ା କାର୍ଯ୍ୟ ସମାପ୍ତ ହୋଇଥିଲା। ପରେ ପହଣ୍ଡି ବେଶ ପାଇଁ ଶ୍ରୀଜୀଉମାନେ ନାଟ ମନ୍ଦିରକୁ ପହଣ୍ଡି ବିଜେ କରିଥିଲେ। ବାରିପଦାରେ ଗୋଟି ପହଣ୍ଡିରେ ଶ୍ରୀଜୀଉମାନେ ରଥାରୂଢ଼ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଅପରାହ୍ଣ ୫ଟାରେ ଶ୍ରୀଜୀଉମାନଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ମହାପ୍ରଭୁ ରଥାରୂଢ଼ ହୋଇ ଶନିବାର ରହିବା ପରେ ରବିବାର ଓ ସୋମବାର ଦୁଇଦିନ ଧରି ରଥଟଣା ହେବ। ପ୍ରଥମ ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ହୋଇ ମନ୍ଦିର ନିକଟରେ ପହଞ୍ଚିବ। ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଟଣାଯାଇ ଅଧାବାଟରେ ଅଟକି ରହିବେ। ସୋମବାର ଦେବୀ ସୁଭଦ୍ରାଙ୍କ ରଥକୁ ମହିଳା ଶ୍ରଦ୍ଧାଳୁମାନେ ଟାଣି ମନ୍ଦିର ନିକଟରେ ପହଞ୍ଚାଇବା ପରେ ବଡ଼ଭାଇ ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ଟାଣି ମନ୍ଦିର ନିକଟକୁ ନେବେ। ତେବେ ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉଙ୍କ ସୁନା ଅଳଙ୍କାରଗୁଡ଼ିକ ମରାମତି ହେଉ ନ ଥିବାରୁ ଭକ୍ତଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ସେବାୟତଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଫଳରେ ଭଙ୍ଗା ସୁନାଗହଣା ଠାକୁରଙ୍କ କାର୍ଯ୍ୟରେ ଲାଗିପାରୁ ନାହିଁ। ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହାର ମରାମତି କରାଇବାକୁ ଜିଲାବାସୀ ଦାବି କରିଛନ୍ତି।

# ଶ୍ରୀଗୁଣ୍ଡିଚାରୁ ବାହୁଡ଼ିଲେ ମହାପ୍ରଭୁ

## ଇମାମୀନଗରରେ ଲକ୍ଷାଧିକ ଶ୍ରଦ୍ଧାଳୁ

ବାଲେଶ୍ୱର, ୫।୭(ବାଞ୍ଛାନିଧି ଦେ)



ଇମାମୀ ରଥଦାଣ୍ଡରେ ନୃତ୍ୟ ପରିବେଷଣ ହେଉଛି।

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁରସ୍ଥିତ ଇମାମୀନଗରରେ ଶନିବାର ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଶ୍ରୀଗୁଣ୍ଡିଚା ଛାଡ଼ି ମହାପ୍ରଭୁ ଶ୍ରୀମନ୍ଦିରକୁ ବାହୁଡ଼ିଛନ୍ତି। ଗୁଣ୍ଡିଚା ମନ୍ଦିରରେ ୯ ଦିନ ଲୀଳାଖେଳା ପରେ ମହାପ୍ରଭୁ ଜଗନ୍ନାଥ, ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରା ପୁଣି ମନ୍ଦିରକୁ ଫେରିଆସିଛନ୍ତି। ଆରତି ଅବକାଶ, ମଙ୍ଗଳାର୍ପଣ, ଆଜ୍ଞାମାଳ ନୀତି, ଧାଡ଼ିପହଣ୍ଡି, ଛେରାପହଁରା ପରେ ଅପରାହ୍ଣରେ ଆରମ୍ଭ ହୋଇଥିଲା ରଥଟଣା। ରାତ୍ର ସାଢ଼େ ୯ଟାରେ ଅଧରପଣା ନୀତି ପରେ ଲକ୍ଷ୍ମୀନାରାୟଣ କଳି, ରସଗୋଲା ଭୋଗ ଏବଂ ମହାପ୍ରଭୁଙ୍କ ନୀଳାଦ୍ରିବିଜେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟପୂଜକଙ୍କ ତତ୍ତ୍ୱାବଧାନରେ ରୀତିନୀତି ସମ୍ପନ୍ନ ହୋଇଥିଲା। ଋଷିକେଶରୁ ଆସିଥିବା କଳାସଂସ୍ଥାନର କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପରିବେଷଣ ହୋଇଥିଲା। କୋଲକାତାସ୍ଥିତ ଇମାମୀ ଫାଉଣ୍ଡେଶନର ହାଇଭ୍ ଇଣ୍ଡିଆ ସଂସ୍ଥାନର ଡାକ୍ତର ଏବଂ ତାଙ୍କର ଟିମ୍ ତଥା ସ୍ଥାନୀୟ ପେପର ମିଲ୍ସର ଡାକ୍ତର ଏବଂ ତାଙ୍କ ଟିମ୍ ନିଶୁଳ୍କ ସ୍ୱାସ୍ଥ୍ୟସେବା ପ୍ରଦାନ କରିଥିଲେ।

ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ତଥା ଇମାମୀ ଗ୍ରୁପ୍‌ର ପୃଷ୍ଠପୋଷକ ରାଧାଶ୍ୟାମ ଅଗ୍ରୱାଲ୍ ଏବଂ ରାଧାଶ୍ୟାମ ଗୋୟେଙ୍କାଙ୍କ ପ୍ରତିନିଧି ସୁଶୀଲ ଗୋୟେଙ୍କାଙ୍କ ତତ୍ତ୍ୱାବଧାନରେ ଇମାମୀନଗର ଜଗନ୍ନାଥ ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ସୁଶୀଲ କୁମାର ଗୋୟେଙ୍କା, ସ୍ତ୍ରୀ ଇନ୍ଦୁ ଗୋୟେଙ୍କା ଉପସ୍ଥିତ ଥିଲେ। ଇମାମୀ ଗ୍ରୁପ୍ ନିର୍ଦ୍ଦେଶକ ବିବେକ୍ ଚାୱଲା, ପେପର ମିଲ୍ ସଭାପତି ଆଶିଷ ଅବିନାଶ ଗୁପ୍ତା, ଉପସଭାପତି ଚନ୍ଦ୍ରେଶ କୁମାର ଗୁପ୍ତା, ମୁଖ୍ୟ ପରିଚାଳକ ଡ. ୟୁସୁଫ ଅଲ୍ଲୀ ସୋଲାଙ୍କି, ଡିଜିଏମ୍ ଦେବବ୍ରତ ହୋତା, ରମେଶ ଚନ୍ଦ୍ର ଖୁଣ୍ଟିଆ, ଆର୍‌କେ କୁଣ୍ଡୁ, ଏଜିଏମ୍ ଓମ୍‌ପ୍ରକାଶ ଶର୍ମା, ମନ୍ଦିର ପ୍ରଶାସନିକ ଅଧିକାରୀ ନିଖିଳ ରଞ୍ଜନ ଦାସସାମନ୍ତରାୟ, ପ୍ରବନ୍ଧକ ବିନୋଦ କୁମାର ଜେନା, ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ, ମନ୍ଦିରର ମୁଖ୍ୟ ପୂଜକ ଏବଂ ସହଯୋଗୀ, ଇମାମୀ ଲେଡିଜ୍ କ୍ଲବ୍ ସଭାପତି ବନ୍ଦନା ଗୁପ୍ତା, ସମ୍ପାଦିକା ନିବେଦିତା ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ। ଜଗନ୍ନାଥ ପ୍ରବଚକ ଅବସରପ୍ରାପ୍ତ ଶିକ୍ଷକ ଭରତ ଚନ୍ଦ୍ର ମହାନ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ।

# ଲୀଳାଖେଳା ସାରି ରଥାରୂଢ଼ ହେଲେ ଚତୁର୍ଦ୍ଧାମୂର୍ତ୍ତି



ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତି।

ନୀଳଗିରି, ୫।୭(ପ୍ରଶାନ୍ତ ବିଶ୍ୱାଳ)

ବାହୁଡ଼ା ଅବସରରେ ନୀଳଗିରି ଶ୍ରୀଗୁଣ୍ଡିଚା ମନ୍ଦିର ଜନ୍ମବେଦୀରେ ଲୀଳାଖେଳା ସରିବା ପରେ ରତ୍ନବେଦୀକୁ ବାହୁଡ଼ା ଉଦ୍ଦେଶ୍ୟରେ ଯଥାରୀତି ନୀତିକ୍ରାନ୍ତି ଅନୁସାରେ ଶନିବାର ଅପରାହ୍ଣରେ ଧାଡ଼ି ପହଣ୍ଡିରେ ପ୍ରଥମେ ଚକ୍ରରାଜ ସୁଦର୍ଶନ, ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ପ୍ରଭୁ ଜଗନ୍ନାଥଙ୍କ ପହଣ୍ଡି ହୋଇ ରଥାରୂଢ ହୋଇଥିଲେ। ପରେ ରାମକୃଷ୍ଣ ମଦନମୋହନ ଆସିଥିଲେ।

ନୀଳଗିରିର ଆଦିସେବକ ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଛେରାପହଁରା କରିଥିବା ବେଳେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥାରୂଢ଼ କରାଇଥିଲେ ପଣ୍ଡା ପଢ଼ିଆରୀ। ଶନିବାର, ରବିବାର ୨ଦିନ ଧରି ନୀଳଗିରି ରଥଦାଣ୍ଡରେ ରଥଟଣା ହେବା ପରେ ତିନି ଠାକୁର ରଥରୁ ଓହ୍ଲାଇ ମନ୍ଦିରକୁ ପ୍ରବେଶ କରି ରତ୍ନବେଦୀରେ ବିରାଜମାନ ହେବେ। ଏହି ବାହୁଡ଼ା ପହଣ୍ଡି ଯାତ୍ରାରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଆଇଏସ୍ ପ୍ରବେଶନର ଭଗତକଲ୍ୟାଣ ରାଓଙ୍କ ସମେତ ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ନୀଳଗିରି ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୋନମ୍ ଦାସ, ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଏନ୍‌ଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବାହୁଡ଼ିଲେ ଚତୁର୍ଦ୍ଧାମୂର୍ତ୍ତି

## ଏଫ୍‌ଏମ୍‌ୟୁରେ ସରିଲା ବାହୁଡ଼ାଯାତ୍ରା

ବାଲେଶ୍ୱର, ୫।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଶନିବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୯ ଦିନ ଧରି ଗଣ୍ଡିଚା ମନ୍ଦିରରେ ବିରାଜିତ ଥିବା ତିନିଠାକୁରଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିରରୁ ରଥରେ ବିରାଜମାନ କରାଯାଇ ବାହୁଡ଼ା ନୀତି ସମ୍ପନ୍ନ କରାଯାଇଛି। ଏହି ଅବସରରେ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉତ୍ସାହ ପୂର୍ବକ ରଥଟଣାରେ ସାମିଲ ହୋଇଥିଲେ। କୁଳପତି ଓ ମୁଖ୍ୟସେବକ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଛେରାପହଁରା ନୀତି ସମ୍ପନ୍ନ ପରେ ତିନିଠାକୁରଙ୍କୁ ଗୋଟି ପହଣ୍ଡି ବିଧିରେ ରଥ ଉପରେ ବିଜେ କରାଯାଇଥିଲା। ଏହି ଅବସରରେ ରଥ ନିର୍ମାଣରେ ନିଷ୍ଠାର ସହିତ ଯୋଗଦାନ ଦେଇଥିବା ବିଶ୍ୱକର୍ମା ସେବକ ଦଳଙ୍କୁ କୁଳପତିଙ୍କ ଦ୍ୱାରା ଉପହାର ଓ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା। ଏହା ବିଶ୍ୱବିଦ୍ୟାଳୟର ସାମୂହିକ ଅଭିଗମ ଓ ସଂସ୍କୃତି ପ୍ରତି ଅନୁଗତିର ଏକ ଅନୁପମ ଚିତ୍ର ରୂପେ ପରିଚୟ ଦେଇପାରିଛି। ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ତିନିଠାକୁରଙ୍କ ନୀତିନିୟମ ଯଥାବିଧି ପାଳନ ହେବ।



ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି।

# ନବଦିନାତ୍ମକ ଯାତ୍ରା ସାରି ଫେରିଲେ ମହାପ୍ରଭୁ



ଢେଙ୍କିକୋଟ,୫।୭
(ନୀଳମଣୀ ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟର ଆରାଧ୍ୟ ଦେବତା ଶ୍ରୀଶ୍ରୀ ଜଗନ୍ନାଥ ନବଦିନାତ୍ମକ ଯାତ୍ରା ସାରି ମନ୍ଦିରକୁ ଫେରିଛନ୍ତି। ପ୍ରଭୁଙ୍କ ସେବକ ମାନସ କୁମାର ପତି, ସହଯୋଗୀ ପୂଜକ ଓମ ପ୍ରକାଶ ସତପଥିଙ୍କ ଦ୍ୱାରା ଶନିବାର ଶକାଳ ୮ଟାରେ ଯଥାବିଧି ପୂଜା ପାଠ କରାଯାଇଥିଲା। ପ୍ରାତଃସ୍ନାନ, ମଙ୍ଗଳ ଆଳତି, ସୂର୍ଯ୍ୟ ପୂଜା ସରିବା ପରେ ପହିଲି ଭୋଗ ଲାଗିଥିଲା। ଅନୁଷ୍ଠାନର ପୁରଧା ତଥା ସଂକଳ୍ପଧାରୀ ରାମଚନ୍ଦ୍ର ସାହୁ, ପ୍ରଫୁଲ୍ଲ ସିଂହ, ପୂର୍ଣ୍ଣଚନ୍ଦ୍ର ନାୟକ, ବିଜୟ ସାହୁ ପ୍ରମୁଖ ସଂକଳ୍ପରେ ବସିଥିଲେ। ପରେ ପ୍ରଭୁଙ୍କ ନୀତିଭୋଗ ଲାଗିପରେ ୩ଟାରେ ପୁରଧା ରାମଚନ୍ଦ୍ର ସାହୁ ଛେରା ପହଂରା କରିଥିଲେ। ପରେ ଚତୁର୍ଦ୍ଧାମୁରତିଙ୍କ ପହଣ୍ଡୀ ବିଜେ କରି ରଥାରୁଢ ହୋଇଥିଲେ। ଅପରାହ୍ଣ ୫.୩୦ରେ ରଥଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ରଥକୁ ଟାଣି ନେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚାଇଥିଲେ। ରଥଯାତ୍ରାରେ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ରଥରେ ଲାଗିଥିବା ଗୋଟିଏ ପାଖ ଦଉଡ଼ିକୁ ମହିଳାମାନେ ଟାଣିଥିଲେ। କମିଟି ପକ୍ଷରୁ ଅର୍ଣ୍ଣ ପ୍ରସାଦ ବଣ୍ଟନ କରାଯାଇଛି। କମିଟିର ବିଜୟ କୁମାର ମଣ୍ଡଳ, ପଞ୍ଚାନନ ମଣ୍ଡଳ, ମୁନା ମଣ୍ଡଳ, ପୂର୍ଣ୍ଣଚନ୍ଦ୍ର ନାୟକ ସମେତ ୫୦ରୁ ଊର୍ଦ୍ଧ୍ୱ ସକ୍ରିୟ ସଦସ୍ୟ ସହଯୋଗ କରିଥିଲେ।

# ରତ୍ନବେଦିକୁ ବାହୁଡ଼ିଲେ ଚତୁର୍ଦ୍ଧାମୂର୍ତ୍ତି

ଖଇରା, ୫।୭(ଉତ୍କଳବନ୍ଧୁ ପଣ୍ଡା): ଖଇରା ବ୍ଲକର ପୁରପଲ୍ଲୀରେ ବାହୁଡ଼ା ଯାତ୍ରା ପାଳିତ ହୋଇଛି। ପ୍ରସିଦ୍ଧ ଗଣ୍ଡିବେଡ ମନ୍ଦିରରେ ଦାମୋଦର ବେହେରାଙ୍କ ଦ୍ୱାରା ଛେରାପହଁରା ପରେ ନିର୍ଦ୍ଧାରିତ ସମୟରେ ରଥଟଣା ଆରମ୍ଭ ହୋଇଥିଲା। ଖଇରା ଥାନାଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭିଡ ନିୟନ୍ତ୍ରଣ ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଖଇରା ଦୁର୍ଗାମଣ୍ଡପ ନିକଟରେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ ପରେ ୩ଦିଅଁଙ୍କ ପହଣ୍ଡି କରାଯାଇଥିଲା। ଭକ୍ତମାନେ ରଥ ଟାଣି ବିଦ୍ୟାଧରପୁର ଶାସନସ୍ଥିତ ମନ୍ଦିରକୁ ନେଇଥିଲେ। ସେହିଭଳି ଆଳଦା ଗ୍ରାମରୁ ରଥ ସନ୍ଧ୍ୟା ପୂର୍ବରୁ ନୟାଖଣ୍ଡି ଦଧିବାମନଜୀଉ ମନ୍ଦିରକୁ ଯାଇଥିଲା । ସେହିଭଳି ଗୋପାଳବେଡା, ବାରାପୁର, ନଛିପୁର, ପଳସା, ମହୁଲପଙ୍ଖା, କୁପାରୀ ଖାଡିଗୋଛି, ଅଲିପୁର ଆଦି ଅଞ୍ଚଳରେ ବାହୁଡା ଯାତ୍ରା ଆଧାତ୍ମିକ ପରିବେଶ ମଧ୍ୟରେ ଶେଷ ହୋଇଛି।

# ଖାଲରେ ଫସିଲା ରଥ

ଯୋଡ଼ା,୫।୭(ମାନସ ମହାନ୍ତି): ବଡ଼ କାଳିମାଟି ପଞ୍ଚାୟତର ଦବୁନାରେ ବାହୁଡା ଯାତ୍ରା ବେଳ ରାସ୍ତା ଖାଲରେ ରଥ ଅଟକି ରହିଛି। ମଉସୀ ମା’ ମନ୍ଦିରରୁ ସନ୍ଧ୍ୟା ୪ ଘଟିକା ସମୟରେ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ମହାପ୍ରଭୁଙ୍କ ବାହୁଡା ଯାତ୍ରା ଆରମ୍ଭ ହୋଇଥିଲା। ଅନେକ ଶହ ସଂଖ୍ୟାରେ ଭକ୍ତ ରଥ ଟଣା ଆରମ୍ଭ କରିଥିଲେ। ମାଉସୀ ମା’ ମନ୍ଦିରରୁ ୪୦୦ ମିଟର ଦୂରରେ ରାସ୍ତାର ଖାଲରେ ରଥ ଚକା ଭାଙ୍ଗିବା ଯୋଗୁ ରଥ ଅଟକି ରହିଛି। ରାସ୍ତାରେ ସୃଷ୍ଟି ଖାଲରେ ପାଣି ଜମି ରହିଥିବା ବେଳେ ରଥଯାତ୍ରା ସମୟରେ ବି ଏହି ସ୍ଥାନରେ ରଥ ୨ଟି ଚକା ଭାଙ୍ଗିଥିଲା। ଶନିବାର ରଥର ଆଉ ୨ଟି ଚକା ଖାଲରେ ପଡି ଭାଙ୍ଗି ଯାଇଛି। ରଥର ୬ଚକାରୁ ୪ ଟି ଭାଙ୍ଗି ଯିବାରୁ ରଥ ଚକ ଆଗକୁ ଗଡୁନାହିଁ। ଫଳରେ ମହାପ୍ରଭୁଙ୍କ ବାହୁଡା ଯାତ୍ରା ସମ୍ପୂର୍ଣ୍ଣ ହୋଇପାରିନାହିଁ।

# ସାହାର୍ଦ୍ଧାରେ ବାହୁଡ଼ାଯାତ୍ରା

ରେମୁଣା, ୫।୭(ରବୀନ୍ଦ୍ର ମହାକୁଡ଼)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନ୍ତର୍ଗତ ବରୁଣସିଂ ପଞ୍ଚାୟତ ସାହାର୍ଦ୍ଧା ଗ୍ରାମରେ ଶନିବାର ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି। ୪୪ବର୍ଷ ପୂର୍ବେ ସାହାର୍ଦ୍ଧା ଗ୍ରାମର ହଳଧର ବେହେରା, ରବିନାରାୟଣ ବାରିକ, ଅନନ୍ତ ବେହେରା ପ୍ରମୁଖ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ଛୋଟ ରଥ କରି ପୂଜା କରୁଥିଲେ। କିଛି ବର୍ଷ ପୂର୍ବେ ଉକ୍ତ ଗ୍ରାମର ରଘୁନାଥ ମହାନ୍ତି ତାଙ୍କ ନିଜ ଜମିକୁ ସ୍ୱ-ହସ୍ତରେ ପ୍ରଭୁଙ୍କ ନାମରେ ପ୍ରଦାନ କରିଥିଲେ। ସେବେଠୁ ଉକ୍ତ ଜମିରେ ଛୋଟିଆ ମନ୍ଦିରଟିଏ କରି ପୂଜା ସମେତ ରଥଯାତ୍ରା ସହ ବାହୁଡ଼ା ଯାତ୍ରା କରି ଆସୁଛନ୍ତି। ଉକ୍ତ ଗ୍ରାମର ରବୀନ୍ଦ୍ର ମହାକୁଡ଼ କିଛି ଦିନ ପୂର୍ବେ ପୁରୀ ବୁଲିବାକୁ ଯାଇଥିଲେ। ପୁରୀ ସମୁଦ୍ରରେ ଗାଧୋଇବା ସମୟରେ ପ୍ରଭୁ ଭାସି ଆସି ତାଙ୍କ ନିକଟରେ ପହଞ୍ଚିଥିଲେ। ରବୀନ୍ଦ୍ର ପ୍ରଭୁଙ୍କୁ କୋଳେଇ ଆଣିଥିଲେ। ନବକଳେବର କରାଯାଇ ଉକ୍ତ ମନ୍ଦିରରେ ତିନିଠାକୁରଙ୍କୁ ସ୍ଥାପନା କରାଯାଇଥିଲା। ବାହୁଡ଼ାଯାତ୍ରା ଅବସରେ ଶ୍ରୀଜୀଉଙ୍କୁ ରଥରେ ବସାଇ ରାଜା ହଳଧର ବେହେରା ଓ ସାର୍ଥକ ଦାସପଟ୍ଟନାୟକ ଛେରାପହଁରା ପରେ ମନ୍ଦିରକୁ ଅଣାଯାଇଥିଲା। ରବୀନ୍ଦ୍ର ମହାକୁଡ଼, ହରିଶ ଦାସପଟ୍ଟନାୟକ, ବସନ୍ତ ମହାନ୍ତି, ରବିନାରାୟଣ ବାରିକ, କାର୍ତ୍ତିକ ଚନ୍ଦ୍ର ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ।



# ବର୍ଷାରେ ଭିଜି ରଥ ଟାଣିଲେ ଭକ୍ତ

ପାଟଣା,୫।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରାଜନଗରସ୍ଥିତ ପ୍ରାଚୀନ ଦଧିବାମନ ଜିଉ, ମଲ୍ଲୀପଶି, ଟାଙ୍ଗରପଡ଼ା ଓ ସରାସ କୋଲାସ୍ଥିତ ଚତୁର୍ଦ୍ଧା ମୂର୍ତ୍ତିଙ୍କ ବାହୁଡ଼ାଯାତ୍ରା ଶନିବାର ସମ୍ପନ୍ନ ହୋଇଛି। ବର୍ଷା ଲାଗି ରହିଥିବାରୁ ପହଣ୍ଡି ବିଜେ ସହ ଠାକୁରଙ୍କ ନିତିକାନ୍ତି ଓ ରଥ ଟଣାରେ ସେବାୟତ ଓ ଭକ୍ତ ଭିଜି ଭିଜି ସମସ୍ତ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଦଧିବାମନ ଜୀଉଙ୍କ ରଥରେ ଦୁର୍ଯ୍ୟୋଧନ ମିଶ୍ର ଛେରା ପହଁରା କରିଥିଲେ। ଦେବୋତ୍ତର ବିଭାଗ ତରଫରୁ ପାଟଣା ତହସିଲଦାର ଅଶିନୀ କୁମାର ନାଏକ, ସାହାରପଡ଼ା ତହସିଲଦାର ଲୀଳାବତୀ ନାୟକ ଓ ତୁରୁମୁଙ୍ଗା ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ମଲ୍ଲିପଶିରେ ସାମାଜିକକର୍ମୀ ପାର୍ଥ ସାରଥୀ ବେଜଙ୍କ ତତ୍ତ୍ୱାବଧାନରେ ରାଜା ରବିନାରାୟଣ ସିଂ ଛେରାପହଁରା କରିଥିଲେ। ପୂଜକଭାବେ ପଣ୍ଡିତ କ୍ଷୀରୋଦ ମିଶ୍ର ଓ କୁଳମଣି ଷଡ଼ଙ୍ଗୀ ଦେବନୀତି ସମ୍ପାଦନ କରିଥିଲେ। ପରେ ୩ ରଥ ଟଣା ଯାଇଥିଲା। ଏଠାରେ ବାରିପଦା ଭଳି ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିଲେ। ପାଟଣା ଥାନା ଅଧିକାରୀ ମାନସ ମହାକୁଡ଼ ୧ ସେକ୍ସନ ଫୋର୍ସ ସହ ଆଇନଶୃଙ୍ଖଳା ରକ୍ଷା କରିଥିଲେ। ଉଭୟ ରାଜନଗର ଓ ମଲ୍ଲିପୋଷିରେ ସନ୍ଧ୍ୟା ପୂର୍ବରୁ ରଥ ସିଂହଦ୍ୱାରରେ ପହଞ୍ଚିଥିଲା। ସେହିଭଳି ଉଦୟପୁର, ସରାସକୋଲା ଓ ଟାଙ୍ଗରପଡ଼ାରେ ରଥ ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି।

# ବାହୁଡ଼ାଯାତ୍ରା: ଅଧାବାଟରେ ଅଟକିଲା ରଥ

ମୋରଡ଼ା,୫।୭(ସ୍ମାରକ ମାଜୀ): ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଶନିବାର ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇଭଉଣୀଙ୍କ ସହ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାରେ ଅପରାହ୍ଣ ୫ଟାରେ ବାହୁଡ଼ା ପର୍ବ ଆରମ୍ଭ ହୋଇଛି। ପ୍ରାତଃ ମଙ୍ଗଳ ଆଳତି ପରେ ମଇଲମ, ତଡପଲାଗି, ରୋଷ ହୋମ, ଅବକାଶ ଅନୁଷ୍ଠିତ ହୋଇଥିଲା। ଏହାପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ସକାଳ ଧୂପ, ଖେଚୁଡ଼ି ଭୋଗ ଓ ମଙ୍ଗଳାର୍ପଣ ପରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି ବିଜେ କରି ରଥାରୂଢ଼ କରାଯାଇଥିଲା। ଅପରାହ୍ଣରେ ରଥଟଣା ଆରମ୍ଭ ହୋଇଥିଲା। ଜୟ ଜଗନ୍ନାଥ ଧ୍ୱନି, ଶଙ୍ଖ, ହୁଳହୁଳିରେ ଚିତ୍ରଡ଼ା ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ରଥ ଚକ ସଙ୍ଗେ ସଙ୍ଗେ ଭଜନ ସମାରୋହ ଚାଲିଥିଲା। ପରମ୍ପରା ଅନୁଯାୟୀ ଶନିବାର ରଥ ଅଧାବାଟ (ବ୍ଲକ ଛକ)ରେ ଅଟକିଛି। ରବିବାର ପୁଣି ରଥଟଣା ଯାଇ ବାହୁଡ଼ା ଯାତ୍ରା ସମ୍ପନ୍ନ ହେବ।



ରଥାରୂଢ଼ ତିନିଠାକୁର।

DSPL-165

# REGIONAL PLANT RESOURCE CENTRE

FOREST, ENVIRONMENT AND CLIMATE CHANGE DEPARTMENT, GOVERNMENT OF ODISHA
NAYAPALLI, BHUBANESWAR-751015, INDIA, PHONE : 91 674 2552002, 2557925, FAX : 91 674 2550274
E-mail : rprcbbsr@gmail.com, Website : www.rprcbbsr.in

The Regional Plant Resource Centre (RPRC), also known as Ekamrakanan, was established in 1985 as a recreational garden and a green lung for Bhubaneswar under the administrative control of Forest, Environment & Climate Change Department, Govt. of Odisha. Initially, it served as a recreational space, but it evolved into a Research and Development (R&D) organization focused on research leading to Ph.D. degrees. RPRC has also been involved in the commercial production of horticultural plants including Orchids, germplasm conservation of rare and endangered species, wild edible fruits, medicinal plants, and mangroves. It houses a botanical garden, known as Ekamra Kanan, which is a popular tourist attraction and unique botanical parks in Odisha. RPRC is known for its extensive collection of cacti and succulents, including a substantial number of hybrid cacti & roses. RPRC has various thematic gardens & houses including a cactus and succulent house, Jagannath Vatika, fragrance garden, hibiscus garden, RET garden and a rose garden. RPRC continues to implement various research projects related to plant conservation and resource utilization. plant biodiversity conservation.

- RPRC is enhancing its facilities for Orchid breeding and tissue culture of Banana, and RET plants.

- RPRC is actively working on improving and beautifying its botanical garden, including the development of specialized gardens like the Garden of Colors, Indradhanu Garden, and an Aquatic Garden which attracts daily morning walkers & day visitors to the garden.

- RPRC aims to develop advanced laboratories and instrumentation facilities to support hi-tech research and development.

- RPRC supplies authentic planting stock to farmers, progressive growers, research institutes, and other agencies for research and commercial purposes. Besides, a plant sale counter named ‘ Bloosm Baazaar’ has recently been in operation in the campus.

- RPRC offers short-term training and internship programs in areas like biotechnology, molecular biology, and plant tissue culture.

- RPRC publishes scientific and popular literature to disseminate information about its research and activities. Initiatives have been undertaken to collaborate with reputed national institutes for implementation of various research projects and patenting of research findings and end product.

OIPR-08004/13/0042/2526

# ମରାଠୀଙ୍କ ସ୍ୱର: ହିନ୍ଦୀକୁ ବରଦାସ୍ତ କରିବୁନି

ମୁମ୍ବାଇ,୫।୭

ରାଜନୈତିକ କାରଣରୁ ପରସ୍ପରଠାରୁ ଅଲଗା ହେବାର ଦୀର୍ଘ ୨ ଦଶନ୍ଧି ପରେ ୨ ଠାକ୍‌ରେ ଭ୍ରାତା ଉଦ୍ଧବ ଏବଂ ରାଜ ଶନିବାର ମୁମ୍ବାଇରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଏକାଠି ହୋଇଛନ୍ତି। 'ଆୱାଜ ମରାଠୀଚା' (ମରାଠୀଙ୍କ ସ୍ୱର) ନାମରେ ଅନୁଷ୍ଠିତ ଏହି ରାଲିକୁ ଶିବସେନା (ଉଦ୍ଧବ ବାଲାସାହେବ ଠାକ୍‌ରେ) ଏବଂ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମିଳିତ ଭାବେ ଆୟୋଜନ କରିଥିଲେ। ୨୦୦୫ ପରେ ପରସ୍ପରଠାରୁ ଅଲଗା ଥିବା ଦୁଇ ଭାଇ ପ୍ରଥମ ଥର ପାଇଁ ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି।

ମହାରାଷ୍ଟ୍ରର ମହାମେଣ୍ଟ ସରକାର ରାଜ୍ୟର ପ୍ରାଥମିକ ସ୍କୁଲ୍ ସ୍ତରରେ ୩ ଭାଷା ନୀତି ଲାଗୁ କରିବା ନାମରେ ହିନ୍ଦୀକୁ ତୃତୀୟ ଭାଷା ଭାବେ ଜବରଦସ୍ତ ଲଦିଦେବାକୁ ଉଦ୍ୟମ କରିଥିଲେ। ତେବେ ଉଭୟ ଉଦ୍ଧବ ଏବଂ ରାଜ୍‌ଙ୍କ ଜୋର୍‌ଦାର ବିରୋଧ ପରେ ସରକାର ଉକ୍ତ ବିବାଦୀୟ ନୀତିକୁ ପ୍ରତ୍ୟାହାର କରିନେବାକୁ ବାଧ ହୋଇଛନ୍ତି। ମରାଠୀ ଭାଷା ପରିଚୟର ବିଜୟ ସ୍ୱରୂପ ଏହି ରାଲିର ଆୟୋଜନ କରାଯାଇଥିଲା।


ବିଜୟ ସମାବେଶରେ ରାଜ୍ ଠାକ୍‌ରେଙ୍କ ସହ ଉଦ୍ଧବ ଠାକ୍‌ରେ।

ପ୍ରାଥମିକ ବିଦ୍ୟାଳୟ ପାଠ୍ୟକ୍ରମରେ ହିନ୍ଦୀ ଭାଷାକୁ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କ ଉଦ୍ୟମ ହିଁ ଉଦ୍ଧବ ଓ ରାଜ୍‌ଙ୍କୁ ଏକାଠି କରିପାରିଛି। ତେଣୁ ବାଲା ସାହେବ ଏବଂ ଅନ୍ୟମାନେ ଯାହା କରିପାରି ନ ଥିଲେ, ତାହା ଫଡ୍‌ନବିସ୍ କରିପାରିଲେ ବୋଲି ରାଜ୍ ଠାକ୍‌ରେ ମଞ୍ଚରେ କହିଛନ୍ତି। ଆପଣମାନଙ୍କର ବିଧାନ ଭବନରେ କ୍ଷମତା ଥାଇପାରେ, ଆମର ରାସ୍ତାରେ କ୍ଷମତା ରହିଛି ବୋଲି ସେ କହିଛନ୍ତି। କେନ୍ଦ୍ର ସରକାରଙ୍କ ୩ ଭାଷା ନୀତିକୁ ରାଜ୍ୟରେ ଲାଗୁ କରିବା ପାଇଁ ଯୋଜନା ହୋଇଥିଲା। ସୁପ୍ରିମକୋର୍ଟ, ହାଇକୋର୍ଟଠାରୁ ଆରମ୍ଭ କରି ସବୁଠି ଇଂଲିଶ ବ୍ୟବହାର ହେଉଛି। ତେବେ ମହାରାଷ୍ଟ୍ରରେ ହିନ୍ଦୀକୁ ଲଦିଦେବାକୁ କାହିଁକି ଉଦ୍ୟମ ହେଉଛି ବୋଲି ରାଜ୍ ପ୍ରଶ୍ନ କରିବା ସହ ମହାରାଷ୍ଟ୍ର ଜାଗ୍ରତ ହେଲେ କ'ଣ ହେବ, ତାହା ଦେଖିବ ବୋଲି କହିଛନ୍ତି। ମରାଠୀ ଭାଷା କହିବାରେ କେହି ନାଟକବାଜି କଲେ ଚାପୁଡ଼ା ଖାଇବେ। ମରାଠୀ ଭାଷା ସହ ସାଲିସ୍ କରାଯିବ ନାହିଁ ବୋଲି ରାଜ ଠାକ୍‌ରେ ସଂକଳ୍ପ କରିଛନ୍ତି।

ରାଲିରେ ଉଦ୍‌ବୋଧନ ଦେଇ ଉଦ୍ଧବ ଠାକ୍‌ରେ କହିଛନ୍ତି, ଅନେକ ବର୍ଷ ପରେ ଆମେ ୨ ଭାଇ ମଞ୍ଚରେ ଏକାଠି ହୋଇଛୁ ଏବଂ ଏକାଠି ହେବାକୁ ଆସିଛୁ। ଏହି ମିଳନ କେବଳ ରାଜନୀତି ନୁହେଁ, ମରାଠୀ ଭାଷାକୁ ନେଇ ବୋଲି ସେ କହିଥିଲେ। ଶିବସେନା(ୟୁବିଟି) ଏବଂ ଏମ୍‌ଏନ୍‌ଏସ୍‌ର ଅନେକ ହଜାର ସମର୍ଥକ ଶୋଭାଯାତ୍ରାରେ ଆସି ମିଳିତ ରାଲି 'ଆୱାଜ ମରାଠୀଚା'ରେ ଯୋଗଦେଇଥିଲେ। ଶେଷ ଥର ପାଇଁ ରାଜ୍ ଏବଂ ଉଦ୍ଧବ ୨୦୦୫ର ମାଲଭାନ ବିଧାନସଭା ଉପନିର୍ବାଚନ ପ୍ରଚାରରେ ଏକାଠି ଦେଖିବାକୁ ମିଳିଥିଲେ। ସେତେବେଳେ ବାଲ୍ ଠାକ୍‌ରେଙ୍କ ନେତୃତ୍ୱରେ ଶିବସେନା ଏକାଠି ଥିଲା। ଦଳରେ ଆଭ୍ୟନ୍ତରୀଣ ମତଭେଦକୁ ନେଇ ବରିଷ୍ଠ ଶିବସେନା ନେତା ତଥା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଯୋଗୁ ସେତେବେଳେ ଉପନିର୍ବାଚନ କରିବାକୁ ପଡ଼ିଥିଲା। ୨୦୦୩ ଜାନୁଆରୀରେ ବାଲ୍ ଠାକ୍‌ରେ ପୁଅ ଉଦ୍ଧବଙ୍କୁ ଦଳର କାର୍ଯ୍ୟକାରୀ ସଭାପତି କରିଥିବାବେଳେ ପୁତୁରା ରାଜ୍ ଏହାକୁ ଆନୁଷ୍ଠାନିକ ସମର୍ଥନ ଜଣାଇଥିଲେ। କିଛିଦିନ ପରେ ଦଳୀୟ ର୍‍ୟାଙ୍କ୍‌ରେ ଆକ୍ରୋଶ ମୁଣ୍ଡ ଟେକିଥିଲା। ପ୍ରଚାରରେ ରାଜ୍‌ଙ୍କ ସମର୍ଥକମାନଙ୍କୁ ଅଣଦେଖା କରାଯାଉଥିବା ଏବଂ ଟିକେଟ ବଣ୍ଟନରେ ପକ୍ଷପାତିତାକୁ ନେଇ ରାଜ୍ ଠାକରେ ଶିବସେନାରୁ ଦୂରେଇ ଯାଇଥିଲେ। ୨୦୦୫ ନଭେମ୍ବରରେ ସେ ଦଳରୁ ଇସ୍ତଫା ଦେଇଥିବା ଘୋଷଣା କରିଥିଲେ ଓ ପରେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଗଠନ କରିଥିଲେ।

ପୌର ନିର୍ବାଚନ ପୂର୍ବରୁ ରାଜନୈତିକ ଭାଗ୍ୟକୁ ପୁନର୍ଜୀବିତ କରିବା ଏବଂ ହରାଇଥିବା ସ୍ଥିତିକୁ ଫେରିପାଇବା ଉଦ୍ଦେଶ୍ୟରେ ଉଦ୍ଧବ ଓ ରାଜ୍‌ଙ୍କ ମିଳିତ ରାଲିକୁ ଭାଜପା ନେତାମାନେ ନିରାଶ ଉଦ୍ୟମ ବୋଲି କହିଛନ୍ତି। ଏହି ରାଲି ବରଂ ଏକ ପାରିବାରିକ ପୁନର୍ମିଳନ ବୋଲି ମହାରାଷ୍ଟ୍ର ମନ୍ତ୍ରୀ ଆଶିଷ ଶେଲାର ଏବଂ ଭାଜପା ଏମ୍‌ଏଲ୍‌ସି ପ୍ରବୀନ୍ ଡାରେକାର କହିଛନ୍ତି। ଏହା ଭାଷାକୁ ଭଲ ପାଇବାର ରାଲି ନୁହେଁ, ବରଂ ଏକଦା ଘରୁ ତଡ଼ିଦେଇଥିବା ଭାଇଙ୍କୁ ସର୍ବସାଧାରଣରେ ଖୁସି କରାଇବା ପାଇଁ ଉଦ୍ଦିଷ୍ଟ ବୋଲି ଶେଲାର କହିଛନ୍ତି।

## ବିଗ୍ ବିଉଟିଫୁଲ୍ ବିଲ୍ ଆଇନରେ ପରିଣତ

ୱାଶିଂଟନ,୫।୭

ଟିକସ ଏବଂ ଖର୍ଚ୍ଚ କାଟ୍ ଲାଗି ଅଣାଯାଇଥିବା ୱାନ୍ ବିଗ୍ ବିଉଟିଫୁଲ୍ ବିଲ୍ ଆମେରିକା କଂଗ୍ରେସରେ ଗୃହୀତ ହେବା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ଏଥିରେ ସ୍ୱାକ୍ଷର କରିଛନ୍ତି। ଫଳରେ ଏହି ମହତ୍ତ୍ୱାକାଂକ୍ଷୀ ବିଲ୍ ଆଇନରେ ପରିଣତ ହୋଇଛି। ୨୦୧୭ରେ କରାଯାଇଥିବା ଟ୍ୟାକ୍ସରେ ହ୍ରାସକୁ ସ୍ଥାୟୀ କରିବା ଏହି ଆଇନର ଉଦ୍ଦେଶ୍ୟ। ଏହାଦ୍ୱାରା ବରିଷ୍ଠ ନାଗରିକମାନଙ୍କୁ ୬,୦୦୦ ଡଲାର ପର୍ଯ୍ୟନ୍ତ ଟ୍ୟାକ୍ସ ଡିଡକ୍ସନ ସୁବିଧା ମିଳିବା ସହ ଚାଇଲ୍ଡ ଟ୍ୟାକ୍ସ କ୍ରେଡିଟ୍‌କୁ ୨୦୦୦ରୁ ୨୨୦୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ଏହା ବ୍ୟତୀତ ସୀମା ସୁରକ୍ଷା ପାଇଁ ୩୫୦ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ମଧ୍ୟ ପ୍ରସ୍ତାବ ରହିଛି। ହ୍ୱାଇଟ୍ ହାଉସ୍ ବାହାରେ ବହୁ ଟ୍ରିଲିୟନ ଡଲାର ବିଧେୟକରେ ଟ୍ରମ୍ପ ସ୍ୱାକ୍ଷର କରିବା ପରେ ହାଉସ୍ ସ୍ପିକର ମାଇକ୍ ଜନ୍‌ସନ ଦେଇଥିବା ହାତୁଡ଼ିକୁ ପିଟିଥିଲେ। ଏହି ସମୟରେ ରିପବ୍ଲିକାନ୍ ସଦସ୍ୟଙ୍କ ସମେତ ଟ୍ରମ୍ପଙ୍କ କ୍ୟାବିନେଟ୍ ସହକର୍ମୀମାନେ ଉପସ୍ଥିତ ଥିଲେ। ଏହା ଏକ ଐତିହାସିକ ସଫଳତା ବୋଲି ଟ୍ରମ୍ପ କହିଛନ୍ତି।

## ସଂକ୍ଷେପରେ

### ଟେକ୍ସାସ୍‌ରେ ବନ୍ୟା: ୨୭ ମୃତ

ଟେକ୍ସାସ୍, ୫।୭

ଆମେରିକାରର ଟେକ୍ସାସରେ ଶନିବାର ବନ୍ୟା ସ୍ଥିତି ଉତ୍କଟ ରୂପ ଧାରଣ କରିଛି। ଏହି ବନ୍ୟାରେ ୨୭ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଅଧିକାରୀ କହିଛନ୍ତି। ମୃତକଙ୍କ ମଧ୍ୟରେ ୯ ଜଣ ଶିଶୁ ରହିଛନ୍ତି। ମଧ୍ୟ ଟେକ୍ସାସର ଗ୍ୱାଡାଲୁପ୍ ନଦୀରେ ଲଗାଣ ବର୍ଷା ଯୋଗୁ ଜଳସ୍ତର ବୃଦ୍ଧି ଘଟିବାରୁ ଏହି ବନ୍ୟାସ୍ଥିତି ଦେଖାଦେଇଛି। କେର୍‌ଭିଲ୍ ସହରରେ ଆୟୋଜନ ହେଉଥିବା ଏକ ଖ୍ରୀଷ୍ଟିଆନ୍ ଗ୍ରୀଷ୍ମକାଳୀନ ଶିବିରକୁ ଯାଇଥିବା ଅନ୍ୟୂନ ୨ ଡଜନ୍ ଛାତ୍ରୀ ଏହି ବନ୍ୟାରେ ନିଖୋଜ ରହିଛନ୍ତି। କେବଳ ମଧ୍ୟ ଟେକ୍ସାସରେ ପାଣି ଘେର ମଧ୍ୟରୁ ଅତି କମ୍‌ରେ ୮୫୦ ଲୋକଙ୍କୁ ଉଦ୍ଧାର କରାଯାଇଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ରେସ୍କ୍ୟୁ ଟିମ୍ ହେଲିକପ୍ଟର, ବୋଟ୍ ଏବଂ ଡ୍ରୋନ୍ ମାଧ୍ୟମରେ ବନ୍ୟା ଘେରରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବନ୍ୟାକୁ ଭୟାବହ କହିବା ସହ ଦୁଃଖ ପ୍ରକାଶ କରିଛନ୍ତି। ହ୍ୱାଇଟ ହାଉସ୍ ପକ୍ଷରୁ ଟେକ୍ସାସ୍ ବନ୍ୟା ସ୍ଥିତିର ମୁକାବିଲା ପାଇଁ ଅତିରିକ୍ତ ସହାୟତାର ପ୍ରତିଶ୍ରୁତି ଦିଆଯାଇଛି।

### ୫ ବସ୍ ମଧ୍ୟରେ ଧକ୍କା: ୩୬ ଅମରନାଥ ଯାତ୍ରୀ ଆହତ

ରମ୍ବାନ/ଜମ୍ମୁ,୫।୭(ପି.ଟି.)

ଜମ୍ମୁ-କଶ୍ମୀରର ରମ୍ବାନ ଜିଲାରେ ୫ଟି ବସ୍ ପରସ୍ପରକୁ ଧକ୍କା ଦେବାରୁ ବିଭିନ୍ନ ରାଜ୍ୟରୁ ଆସିଥିବା ଅନ୍ୟୂନ ୩୬ ଜଣ ଅମରନାଥ ତୀର୍ଥଯାତ୍ରୀ ଆହତ ହୋଇଛନ୍ତି। ବସ୍‌ଗୁଡ଼ିକ ଜମ୍ମୁର ଭଗଓ୍ୱତୀ ନଗରରୁ ଦକ୍ଷିଣ କଶ୍ମୀରର ପହଲଗାମ୍ ବେସ୍ କ୍ୟାମ୍ପ ଅଭିମୁଖେ ଯାଉଥିଲେ। ଆହତମାନଙ୍କୁ ରମ୍ବାନ ଜିଲା ହସ୍ପିଟାଲରେ ଚିକିତ୍ସା କରାଯିବା ପରେ ସେମାନେ ଯାତ୍ରାରେ ସାମିଲ ହୋଇଛନ୍ତି। ଶନିବାର ସକାଳ ୮ଟାରେ ଗୋଟିଏ ବସ୍‌ର ବ୍ରେକ୍ ଫେଲ୍ ହେବାରୁ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥର ଚଣ୍ଡେରକୋଟ୍ ନିକଟରେ ଏହି ଦୁର୍ଘଟଣା ଘଟିଛି।

# ନୀରବ ମୋଦିଙ୍କ ଭାଇ ଆମେରିକାରେ ଗିରଫ

ନୂଆଦିଲ୍ଲୀ,୫।୭

ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ସାନଭାଇ ନେହାଲ ମୋଦିଙ୍କୁ ଆମେରିକା କର୍ତ୍ତୃପକ୍ଷ ଗିରଫ କରିଛନ୍ତି। ବହୁ କୋଟି ଟଙ୍କା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଋଣ ଜାଲିଆତିରେ ନେହାଲ ଅଭିଯୁକ୍ତ ହୋଇଥିବାବେଳେ ତାଙ୍କ ପ୍ରତ୍ୟର୍ପଣ ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିବେଦନ କରିଥିଲେ। ଇଣ୍ଟରପୋଲ୍ ଦ୍ୱାରା ରେଡ୍ କର୍ନର ନୋଟିସ ଜାରି ହୋଇଥିବା ନେହାଲଙ୍କୁ ଶୁକ୍ରବାର ଗିରଫ କରାଯାଇ ହାଜତକୁ ନିଆଯାଇଥିବା ଆମେରିକୀୟ ଅଧିକାରୀ ଭାରତୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ଜୁଲାଇ ୧୭ରେ ପରବର୍ତ୍ତୀ ଶୁଣାଣି ଥିବାବେଳେ ଜାମିନ ପାଇଁ ନେହାଲ ଆବେଦନ କରିପାରନ୍ତି। ଆମେରିକା ଫେଡେରାଲ ପ୍ରସିକ୍ୟୁଟରମାନେ ନେହାଲଙ୍କ ନାମରେ ୨ଟି ଅଭିଯୋଗ ଆଣିଛନ୍ତି। ତାହା ହେଲା ପିଏମ୍‌ଏଲ୍‌ଏର ଧାରା ୩ ଅନୁଯାୟୀ ମନିଲଣ୍ଡରିଂ ମାମଲା ଏବଂ ଆପରାଧିକ ଷଡ଼ଯନ୍ତ୍ର (ଆଇପିସିର ଧାରା ୧୨୦ବି) ଓ ପ୍ରମାଣ ନଷ୍ଟ କରିବା(ଧାରା ୨୦୧)।

ନୀରବ ମୋଦି ଓ ତାଙ୍କ ମାମୁ ମେହୁଲ ଚୋକ୍‌ସିଙ୍କ ଦ୍ୱାରା କରାଯାଇଥିବା ୧୩,୦୦୦ କୋଟି ଟଙ୍କାର ପିଏନ୍‌ବି ଋଣ ଜାଲିଆତିରେ ୪୬ ବର୍ଷୀୟ ନେହାଲ ଜଣେ ଅଭିଯୁକ୍ତ। ନୀରବ ଜାଲ୍ ଲେଟର ଅଫ୍ ଅଣ୍ଡରଟେକିଂ ଜରିଆରେ ପିଏନ୍‌ବିରୁ ୬,୪୯୮ କୋଟି ଟଙ୍କା ନେଇଯାଇଥିବାବେଳେ ଅବଶିଷ୍ଟ ଅର୍ଥକୁ ସମାନ ଉପାୟରେ ମେହୁଲ ହଡ଼ପ କରିଥିଲେ ବୋଲି ସିବିଆଇ ଚାର୍ଜଶିଟ୍‌ରେ କୁହାଯାଇଛି। ସେଲ୍ କମ୍ପାନୀ ଜରିଆରେ ବେଆଇନ ଭାବେ ବିପୁଳ ଅର୍ଥରାଶିକୁ ଟ୍ରାନ୍ସଫର କରାଇବାରେ ନେହାଲଙ୍କର ପ୍ରମୁଖ ଭୂମିକା ରହିଥିଲା। ମନିଲଣ୍ଡରିଂରେ ସମ୍ପୃକ୍ତି ନେଇ ନେହାଲ ଭାରତର ୱାଣ୍ଟେଡ୍ ତାଲିକାରେ ରହିଥିଲେ। ନୀରବ ଏବେ ଲଣ୍ଡନ ଜେଲରେ ରହିଛନ୍ତି।

### ପିଏନ୍‌ବି ଜାଲିଆତି ମାମଲା


ନେହାଲ ମୋଦି


ଆର୍ଜେଣ୍ଟିନାର ବୁଏନ୍ସ ଆୟାର୍ସରେ ଶନିବାର ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରବାସୀ ଭାରତୀୟମାନେ ସ୍ୱାଗତ କରୁଛନ୍ତି।

# ପାଟନାରେ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା

### ୭ ବର୍ଷ ପୂର୍ବରୁ ପୁଅଙ୍କୁ ହତ୍ୟା କରାଯାଇଥିଲା


ଗୋପାଳ ଖେମ୍‌କା

ପାଟନା,୫।୭(ପି.ଟି.)

ବିହାର ଖ୍ୟାତନାମା ବ୍ୟବସାୟୀ ଗୋପାଳ ଖେମ୍‌କାଙ୍କୁ ତାଙ୍କ ପାଟନା ବାସଭବନ ବାହାରେ ଗୁଳିକରି ହତ୍ୟା କରାଯାଇଛି। ଜଣେ ବନ୍ଧୁକଧାରୀ ବାଇକ୍‌ରେ ଆସି ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ୭ ବର୍ଷ ପୂର୍ବରୁ ଖେମ୍‌କାଙ୍କ ପୁଅଙ୍କୁ ହାଜିପୁରରେ ଗୁଳିକରି ହତ୍ୟା କରାଯାଇଥିଲା। ଗାନ୍ଧୀ ମଇଦାନରେ ଥିବା ନିଜ ଘର ଗେଟ୍ ନିକଟରେ ଶୁକ୍ରବାର ରାତି ୧୧ଟା ୪୦ରେ ଖେମ୍‌କା ତାଙ୍କ କାର୍‌ରୁ ଓହ୍ଲାଉଥିବାବେଳେ ଦୁର୍ବୃତ୍ତ ଗୁଳି କରିଥିଲେ। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶନିବାର ଏକ ବୈଠକରେ ଆଇନଶୃଙ୍ଖଳା ସ୍ଥିତିର ସମୀକ୍ଷା କରିବା ସହ ଖେମ୍‌କା ହତ୍ୟାକାଣ୍ଡର ତଦନ୍ତ ତୁରନ୍ତ ଶେଷ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫୋରେନ୍‌ସିକ ବିଶେଷଜ୍ଞମାନେ ତଥ୍ୟପ୍ରମାଣ ଓ ସିସିଟିଭି ଫୁଟେଜ୍ ଅନୁଧ୍ୟାନ କରୁଛନ୍ତି। ଘଟଣାସ୍ଥଳରୁ ଗୋଟିଏ ଗୁଳି ଓ କାର୍ତ୍ତୁଜ ଜବତ ହୋଇଛି। ପୋଲିସ ଅଫିସର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ହତ୍ୟାକାଣ୍ଡର ୨ ଘଣ୍ଟା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା ବୋଲି ଖେମ୍‌କାଙ୍କ ପରିବାର ସଦସ୍ୟ ଅଭିଯୋଗ କରିଥିବାବେଳେ ପୋଲିସ ମହାନିର୍ଦ୍ଦେଶକ ବିନୟ କୁମାର ଏହାକୁ ଖଣ୍ଡନ କରିଛନ୍ତି। ସ୍ପେଶାଲ ଟାସ୍କଫୋର୍ସ ଏବଂ କେନ୍ଦ୍ରୀୟ ଜିଲା ପୋଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଥିବା ଡିଜିପି କହିଛନ୍ତି।

### ବିହାରରେ ଭୋଟର ତାଲିକା ସଂଶୋଧନ

# ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜକଲା ଏଡିଆର୍

ନୂଆଦିଲ୍ଲୀ/ପାଟନା,୫।୭

ବିଧାନସଭା ନିର୍ବାଚନ ହେବାକୁ ଥିବା ବିହାରରେ ଭୋଟର ତାଲିକାରେ ସଂଶୋଧନ ପାଇଁ ନିର୍ବାଚନ କମିଶନ (ଇସି)ଙ୍କ ସ୍ୱତନ୍ତ୍ର ସଘନ ପୁନଃ ନିରୀକ୍ଷଣ (ଏସ୍‌ଆଇଆର୍)କୁ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ଶନିବାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ବିହାରରେ ଏସ୍‌ଆଇଆର୍ କାର୍ଯ୍ୟକାରୀ କରିବା ପାଇଁ ଜୁନ୍ ୨୪ରେ ଇସି ନିର୍ଦ୍ଦେଶନାମା ଜାରି କରିଥିଲେ। ଭୋଟର ତାଲିକାରୁ ଅଯୋଗ୍ୟ ନାମକୁ ବାଦ୍ ଦେଇ କେବଳ ଯୋଗ୍ୟ ନାଗରିକଙ୍କୁ ରଖିବା ଏହାର ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା। ତେବେ ଏହା ସମ୍ବିଧାନର ଅନୁଚ୍ଛେଦ ୧୪, ୧୯, ୨୧, ୩୨୫ ଏବଂ ୩୨୬ର ଉଲ୍ଲଂଘନ କରିବା ସହ ଜନପ୍ରତିନିଧି ଆଇନର ବ୍ୟବସ୍ଥା ଓ ଭୋଟର ପଞ୍ଜୀକରଣ ନିୟମାବଳୀର ରୁଲ୍ ୨୧ଏ'କୁ ଉଲ୍ଲଂଘନ କରୁଥିବା ଦର୍ଶାଇ ଉକ୍ତ ନିର୍ଦ୍ଦେଶନାମାକୁ ଖାରଜ କରିବା ପାଇଁ ଏନ୍‌ଜିଓ ପକ୍ଷରୁ ଅଦାଲତଙ୍କୁ ନିବେଦନ କରାଯାଇଛି। ପିଟିଶନ ଦାଏର କରିଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଛନ୍ତି, ଇସିଙ୍କ ନିର୍ଦ୍ଦେଶନାମା ମନମୁଖି ଭାବେ ଏବଂ ଉପଯୁକ୍ତ ପ୍ରକ୍ରିୟା ବିନା ଅନେକ ଲକ୍ଷ୍ୟ ଭୋଟରଙ୍କୁ ନାଗରିକତ୍ୱରୁ ବଞ୍ଚିତ କରିପାରେ ଏବଂ ମୁକ୍ତ ଓ ଅବାଧ ନିର୍ବାଚନରେ ବାଧା ସୃଷ୍ଟି କରିପାରେ। ନିର୍ଦ୍ଦେଶନାମାର କାଗଜପତ୍ର ଆବଶ୍ୟକତା, ଉପଯୁକ୍ତ ପ୍ରକ୍ରିୟାର ଅଭାବ ଏବଂ ଭୋଟର ତାଲିକାର ଏସ୍‌ଆଇଆର୍ ପାଇଁ ଅନୁଚିତ ଭାବେ ସ୍ୱଳ୍ପ ସମୟସୀମା କେବଳ ଅନେକ ଲକ୍ଷ ଯୋଗ୍ୟ ଭୋଟରଙ୍କ ନାଁକୁ ତାଲିକାରୁ ହଟାଇବ, ଯାହା ଫଳରେ ସେମାନେ ମତାଧିକାର ହରାଇବେ ବୋଲି ପ୍ରଶାନ୍ତ କହିଛନ୍ତି। ୨୦୦୩ରେ ଏଭଳି ଭୋଟର ତାଲିକାରେ ପରିବର୍ତ୍ତନ କରାଯାଇଥିଲା। ସହରୀକରଣର ଦ୍ରୁତ ବୃଦ୍ଧି, ଭୋଟର ତାଲିକାରେ ବିଦେଶୀ ଅପ୍ରବାସୀମାନଙ୍କ ନାମ ସାମିଲ ହୋଇଥିବାରୁ ଏହାର ପୁନଃ ଅନୁଧ୍ୟାନ ଆବଶ୍ୟକ। ସେହିପରି ଯୁବବର୍ଗଙ୍କୁ ଯୋଗ୍ୟ ଭୋଟର କରିବା ତଥା ମୃତବ୍ୟକ୍ତିଙ୍କ ସମ୍ପର୍କରେ ରିପୋର୍ଟ କରାଯାଉ ନ ଥିବାରୁ ଏସ୍‌ଆଇଆର୍‌ର ଆବଶ୍ୟକତା ରହିଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି।

### ଦେଢ଼ କୋଟି ଭୋଟରଙ୍କ ମତାଧିକାର ଛଡ଼ାଇବା ପାଇଁ ଷଡ଼ଯନ୍ତ୍ର: ଇଣ୍ଡିଆ ବ୍ଲକ୍

ନିର୍ବାଚନ କମିଶନଙ୍କ ଏସ୍‌ଆଇଆର୍‌କୁ ଇଣ୍ଡିଆ ବ୍ଲକ୍ ବିରୋଧ କରିଛି। ବରିଷ୍ଠ କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭିଙ୍କ ନେତୃତ୍ୱରେ ଆର୍‌ଜେଡି, ସିପିଏମ୍ ସମେତ ୧୧ ଦଳର ପ୍ରତିନିଧି ନିର୍ବାଚନ କମିଶନଙ୍କ ନିକଟରେ ପ୍ରତିବାଦ ଜଣାଇଛନ୍ତି। ବିହାର ବିଧାନସଭା ନିର୍ବାଚନ ଆଉ ମାତ୍ର କେଇମାସ ବାକି ଥିବାବେଳେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ପୁନଃ ଅନୁଧ୍ୟାନ ଲାଗି ନିର୍ବାଚନ କମିଶନଙ୍କ ଅଚାନକ ନିଷ୍ପତ୍ତିକୁ ନେଇ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍ ପ୍ରଶ୍ନ ଉଠାଇବା ସହ ଏହା ସମ୍ବିଧାନ ଉପରେ ନିକୃଷ୍ଟତମ ଆକ୍ରମଣ ବୋଲି କହିଛି। ଏସ୍‌ଆଇଆର୍ ନାମରେ ୧୯୮୭ରୁ ୨୦୦୪ ମଧ୍ୟରେ ଜନ୍ମିତ ଭୋଟରଙ୍କ ମାଆ କିମ୍ବା ବାପାଙ୍କ ଜନ୍ମ ପ୍ରମାଣପତ୍ର ଦେଖାଇବାକୁ କୁହାଯାଉଛି। ନିର୍ବାଚନ ପୂର୍ବରୁ ଲକ୍ଷାଧିକ ଯୋଗ୍ୟ ଭୋଟରଙ୍କୁ ମତାଧିକାରରୁ ବଞ୍ଚିତ କରିବା ପାଇଁ ଇସି ଉଦ୍ୟମ ଚଳାଇଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଏସ୍‌ଆଇଆର୍ ବେଳେ ନିର୍ବାଚନ ଅଧିକାରୀଙ୍କୁ ଦେଖାଇବାକୁ ଥିବା ୧୧ ତାଲିକାଭୁକ୍ତ କାଗଜପତ୍ର ମଧ୍ୟରେ ଆଧାର କାର୍ଡ ନାହିଁ କାହିଁକି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ନିଜ ଜନ୍ମସ୍ଥାନ ଛାଡ଼ି ଅନ୍ୟ ରାଜ୍ୟରେ ରହିଥିବା ଭୋଟର ଏତେ କମ୍ ସମୟ ମଧ୍ୟରେ ଜନ୍ମ ପ୍ରମାଣପତ୍ର ଦେଖାଇବା ସମ୍ଭବ ନୁହେଁ ବୋଲି ସିଂଘଭି କହିଛନ୍ତି। ଦେଢ଼ କୋଟି ଭୋଟରଙ୍କ ମତାଧିକାର ଛଡ଼ାଇନେବା ପାଇଁ ଏହା ଏକ ଷଡ଼ଯନ୍ତ୍ର ବୋଲି ଆର୍‌ଜେଡି ଏମ୍‌ପି ମନୋଜ ଝା କହିଛନ୍ତି। ଭୋଟର ପରିଚୟ ପତ୍ର ବ୍ୟତୀତ ଅନ୍ୟ କୌଣସି ଦସ୍ତାବିଜ ନ ଦେଖାଇବା ପାଇଁ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତ୍ରୀ ରାବ୍ରୀ ଦେବୀ ଶନିବାର ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଇସିଙ୍କ ନୂଆ ନିୟମରେ ଦାବି ହେଉଥିବା ସବୁ ପ୍ରମାଣପତ୍ର ଦେଖାଇବା ସମ୍ଭବ ନୁହେଁ। କମିଶନଙ୍କ ଏଭଳି ପଦକ୍ଷେପ ଦ୍ୱାରା ବହୁ ଗରିବ, ଆପ୍ରବାସୀ ଏବଂ ମୁସଲମାନ ମତଦାନ ଅଧିକାରରୁ ବଞ୍ଚିତ ହେବେ।

ସୂଚନାଯୋଗ୍ୟ, ବିହାରରେ ୭.୯ କୋଟି ଭୋଟର ରହିଛନ୍ତି। ସେଥିରୁ ୪.୯୬ କୋଟି ଭୋଟର ୨୦୦୩ ସଂଶୋଧନ ପରେ ସାମିଲ ହୋଇଥିବାରୁ ସେମାନଙ୍କୁ ପରିଗଣନା ଫର୍ମ ପୂରଣ କରି ଦାଖଲ କରିବାକୁ ହେବ। ଅନ୍ୟ ୨.୯୩ କୋଟି ଭୋଟରଙ୍କୁ ସେମାନଙ୍କ ଯୋଗ୍ୟତା ପ୍ରତିପାଦନ କରିବା ଲାଗି ଦସ୍ତାବିଜ ଏବଂ ୧୯୮୭ ପରେ ଜନ୍ମିତ ଭୋଟରଙ୍କୁ ସେମାନଙ୍କ ମା'ବାପାଙ୍କ ଜନ୍ମ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଛି।

# ସାଇକେଲରେ ୪ ଧାମ, ୧୨ ଜ୍ୟୋତିର୍ଲିଙ୍ଗ ଯାତ୍ରା

ରାୟପୁର

ଛତିଶଗଡ଼ର ସୁରଜପୁର ଜିଲ୍ଲା ଜାମଦାଇ ଗ୍ରାମର ୨ ସମ୍ପର୍କୀୟ ଭାଇ ଦାନେଶ୍ୱର ଯାଦବ ଓ ପ୍ରବୀଣ ଯାଦବ ୯ ମାସ ମଧ୍ୟରେ ସାଇକେଲରେ ଦେଶର ୧୨ ଜ୍ୟୋତିର୍ଲିଙ୍ଗ ଏବଂ ୪ ଧାମକୁ ସଫଳତାର ସହ ଯାତ୍ରା ଶେଷ କରିଛନ୍ତି। ଗତବର୍ଷ ସେପ୍ଟେମ୍ବର ୨୯ରେ ସେମାନେ ଏହି ତୀର୍ଥଯାତ୍ରା ଆରମ୍ଭ କରିଥିଲେ। ଗତ ସପ୍ତାହରେ ଉଭୟ ଭାଇ ଘରକୁ ଫେରିଛନ୍ତି।

ଏହି ଅବସରରେ ସେମାନେ ୧୩ ରାଜ୍ୟରେ ଭ୍ରମଣ ସୁଯୋଗ ପାଇଥିଲେ। ପ୍ରବୀଣ କହିଛନ୍ତି, ସେମାନେ ବିଭିନ୍ନ ପ୍ରକାର ଲୋକଙ୍କୁ ଭେଟିଥିଲେ ଏବଂ ସେମାନଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ଏହା ସହ ନେପାଳ ଯିବାକୁ ମଧ୍ୟ ସେମାନଙ୍କୁ ସୁଯୋଗ ମିଳିଥିଲା। ୪ ଧାମ, ୧୨ଟି ଜ୍ୟୋତିର୍ଲିଙ୍ଗ ଦର୍ଶନ କରିବା ସହ ଏହି ୨ ଭାଇ ବିଭିନ୍ନ ତୀର୍ଥସ୍ଥଳ, ଶକ୍ତିପୀଠ ଏବଂ ଅନ୍ୟାନ୍ୟ ସ୍ଥାନ ମଧ୍ୟ ପରିଦର୍ଶନ କରିଥିଲେ। ଏହି ଯାତ୍ରାରେ ଉଭୟେ ଓମ୍‌କେରେଶ୍ୱର, ବାବା ମହାକାଲ, ରାମେଶ୍ୱରମ୍, କାଶୀ ବିଶ୍ୱନାଥ, ନାଗେଶ୍ୱର, ଦ୍ୱାରକାଧୀଶ, ସୋମନାଥ, ତିରୁପତି ବାଲାଜୀ, ଭୀମ୍‌ଶଙ୍କର, ତ୍ର୍ୟମ୍ବକେଶ୍ୱର, ଜଗନ୍ନାଥ ପୁରୀ, ବାବା ବୈଦ୍ୟନାଥ ଧାମ ଦେଓଘର, ଅଯୋଧ୍ୟା, ରିଷିକେଶ, କେଦାରନାଥ, ବଦ୍ରିନାଥ, ନେପାଳର ବାବା ପାଶୁପତିନାଥ, ଅମରକଣ୍ଟକ ଆଦି ବିଭିନ୍ନ ତୀର୍ଥ କ୍ଷେତ୍ର ପରିଦର୍ଶନ କରିଥିଲେ। ଗତ ୨ ବର୍ଷ ହେଲା ସେମାନେ ଏହି ଧାର୍ମିକ ଯାତ୍ରା ପାଇଁ ଚିନ୍ତା କରିଥିଲେ ବୋଲି କହିଛନ୍ତି।


୨ ଭାଇ ଦାନେଶ୍ୱର ଯାଦବ ଓ ପ୍ରବୀଣ ଯାଦବ।

## ଫୁର୍‌ସତ୍

# ସେନା ଅଧିକାରୀ ଭୂମିକାରେ ସଲ୍‌ମାନ

ମୁମ୍ବାଇ

ଅପୂର୍ବ ଲାଖିଆଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା ୱାର୍ ଡ୍ରାମା ଫିଲ୍ମ 'ବ୍ୟାଟଲ ଅଫ୍ ଗଲ୍‌ୱାନ'ରେ ଅଭିନେତା ସଲ୍‌ମାନ ଖାନ୍ ଜଣେ ନିର୍ଭୀକ ସେନା ଅଧିକାରୀ ଭୂମିକାରେ ନଜରକୁ ଆସିବେ। ଶୁକ୍ରବାର ଏହି ଫିଲ୍ମର ଫାର୍ଷ୍ଟ ଲୁକ୍‌କୁ ଜାରି କରାଯାଇଛି, ଯାହାକୁ ସଲମାନ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏହି ପୋଷ୍ଟରରେ ସେନା ପୋଷାକ ସହ ସଲ୍‌ମାନଙ୍କ ଆକ୍ସନ ଅବତାର ଦେଖିବାକୁ ମିଳିଛି। ୨୦୨୦ରେ ଭାରତ ଏବଂ ଚାଇନା ସୈନ୍ୟଙ୍କ ମଧ୍ୟରେ ବ୍ୟାଟଲ ଅଫ୍ ଗଲ୍‌ୱାନ ଅନୁଷ୍ଠିତ ହୋଇଥିଲା। ସମୁଦ୍ର ପତ୍ତନଠାରୁ ୧୫ ହଜାର ଫୁଟ ଉଚ୍ଚତାରେ ଏହି ଯୁଦ୍ଧ ହୋଇଥିବା ନେଇ ଫିଲ୍ମର ପ୍ରଥମ ପୋଷ୍ଟରରେ ସୂଚନା ଦିଆଯାଇଛି। ଫିଲ୍ମରେ ସଲ୍‌ମାନଙ୍କ ବିପକ୍ଷରେ ଅଭିନେତ୍ରୀ ଚିତ୍ରାଙ୍ଗଦା ସିଂ ନଜରକୁ ଆସିବେ। ଏହାସହ ପ୍ରଥମ ଥର ପାଇଁ ସଲ୍‌ମାନ ଏବଂ ଚିତ୍ରାଙ୍ଗଦାଙ୍କୁ ଏକାଠି ଗୋଟିଏ ଫିଲ୍ମରେ ଦେଖିବାକୁ ମିଳିବ। ଫଳରେ ଉଭୟଙ୍କ ପ୍ରଶଂସକ ଏହି ଫିଲ୍ମକୁ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ରିପୋର୍ଟ ଅନୁଯାୟୀ, ଚଳିତ ମାସରେ ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବ। ଅଧିକ ଉଚ୍ଚତାରେ ଶୁଟିଂ ହେଉଥିବାରୁ ଏହାର ପ୍ରସ୍ତୁତି ସ୍ୱରୂପ ସଲ୍‌ମାନ ସମ୍ପ୍ରତି ଲୋ-ଅକ୍ସିଜେନ ଟ୍ରେନିଂ ନେଉଛନ୍ତି।



# ଅସହାୟ ଯୁବତୀଙ୍କୁ ବଳାତ୍କାର, ଯୁବକ ଗିରଫ

କେନ୍ଦୁଝର,୫।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରରେ ଜଣେ ଅସହାୟ ୨୫ ବର୍ଷୀୟ ଆଦିବାସୀ ଯୁବତୀଙ୍କୁ ବଳାତ୍କାର କରାଯାଇଛି। ଯୁବତୀଙ୍କ ଅସହାୟତାର ସୁଯୋଗ ନେଇ ବାରମ୍ବାର ବଳାତ୍କାର କରିଥିବା ନେଇ ଶୁକ୍ରବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ ପରେ ପୋଲିସ ଶନିବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ପଣ୍ଡାପଡ଼ା ଥାନା ଅନ୍ତର୍ଗତ ଖୁଦପଶି ଗ୍ରାମର ସଞ୍ଜୟ ପରିହାରୀ। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି। ସୂଚନା ମୁତାବକ, ତେଲକୋଇ ଥାନା ଅଞ୍ଚଳର ସମ୍ପୃକ୍ତ ଯୁବତୀ ୧ମାସ ପୂର୍ବେ ଘରେ କଳି ଝଗଡ଼ା ହେବାରୁ ଘର ଛାଡି କେନ୍ଦୁଝର ସହରକୁ ଚାଲିଆସିଥିଲେ। କେନ୍ଦୁଝର ସହରରେ ଏବୁଲିଆ ବୁଲାବୁଲି କରିବା ସହ ରାତିରେ କାଶୀପୁର ସାହିରେ ଏକ ଦୋକାନ ବାରଣ୍ଡାରେ ଶୋଉଥିଲେ। ଏହି ସମୟରେ ସଞ୍ଜୟ ସହ ତାଙ୍କର ଭେଟ ହୋଇଥିଲା। ସଞ୍ଜୟ ତାଙ୍କର ମାଁ, ଘର ରିଣା ପରିହାରୀ ସହ କାମ ବୁଝିଦେବେ ବୋଲି କହିଥିଲେ। ସେହିଦିନଠାରୁ ସେ ଯୁବତୀଙ୍କ ସହିତ କଥାବାର୍ତ୍ତା କରିଆସୁଥିଲେ। ଜୁନ୍ ୧୯ରେ ଯୁବତୀଙ୍କ ଇଚ୍ଛା ବିରୋଧରେ ସଞ୍ଜୟ ଜବରଦସ୍ତ ଘରେ ପରିତ୍ୟକ୍ତ ଘରକୁ ନେଇ ବଳାତ୍କାର କରିଥିଲେ। ଏ ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏଣୁ ଭୟରେ ଏ ବିଷୟରେ ସେ କାହାରିକୁ କିଛି କହି ନ ଥିଲେ। ସରଳତାର ସୁଯୋଗ ନେଇ ଅଭିଯୁକ୍ତ ଗତ ୨ ତାରିଖରେ ପୁଣି ପଡ଼ିତାଙ୍କ ମୁହଁକୁ ଚାପିଦେଇ ଉକ୍ତ ପରିତ୍ୟକ୍ତ ଘରକୁ ନେଇ ବଳାତ୍କାର କରିଥିଲେ। ଯୁବତୀ ମାନସିକ ଚାପଗ୍ରସ୍ତ ହୋଇ କେନ୍ଦୁଝର ବଜାରରେ ବୁଲୁଥିବା ବେଳେ ସଖୀ ୱାନ୍ ଷ୍ଟପ୍ ସେଣ୍ଟରର କର୍ମଚାରୀଙ୍କ ନଜରରେ ପଡ଼ିଥିଲା। କାଉନ୍ସେଲିଂ ବେଳେ ତାଙ୍କ ପ୍ରତି ହୋଇଥିବା ପାଶବିକ ଅତ୍ୟାଚାର ସମ୍ପର୍କରେ କହିଥିଲେ। ପ୍ରକଳ୍ପ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପରିଚାଳିତ ସଖୀ ୱାନ୍ ଷ୍ଟପ୍ ସେଣ୍ଟରର କର୍ମକର୍ତ୍ତା ଐଶ୍ୱର୍ଯ୍ୟା, ଉଦ୍‌ବେଗ ପ୍ରିୟଦର୍ଶିନୀ, ମମତା, କ୍ରିଷ୍ଣାରାଣୀ ପ୍ରମୁଖ ସହାୟତା କରିବା ପରେ ପଡ଼ିତା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୪୪୫/୨୫)ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ରାସ୍ତାକଡ଼ରୁ ରୋଗୀଙ୍କ ମୃତଦେହ ଜବତ

ଡାକ୍ତରଖାନାରେ ଚିକିତ୍ସା ଅବହେଳା ଅଭିଯୋଗ

ମୋରଡ଼ା,୫।୭(ସ୍ୱାଗତ ମାଝୀ)

ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ୍ ତଥା ବେତନଟୀ ଥାନା ଅଧୀନ ଭାଲିଆଡ଼ିହା ପଞ୍ଚାୟତର ବାରମାଇଲ ଛକ ନିକଟରେ ଶନିବାର ସକାଳ ୮ଟାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ରାମନଗର ଗ୍ରାମର ହାଡ଼ିଆ ଟୁଡୁ(୫୫)। ଚିକିତ୍ସା ଅବହେଳା ନେଇ ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ପୋଲିସ ମାମଲା ରୁଜୁକରି ତଦନ୍ତ କରୁଛି। ସୂଚନା ମୁତାବକ, ଖାଡ଼ିବାନ୍ଧି ହେବାରୁ ହାଡ଼ିଆ ଶୁକ୍ରବାର ଅପରାହ୍ନ ୨ଟା ସମୟରେ ବାରମାଇଲ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ହେଉଥିବା ସମୟରେ ଡାକ୍ତରଖାନା କର୍ମଚାରୀଙ୍କ ଅଜାଣତରେ ସେ ଡାକ୍ତରଖାନାରୁ ଚାଲିଯାଇଥିଲେ। ତେବେ ଡାକ୍ତରଖାନା ତରଫରୁ ହାଡ଼ିଆଙ୍କ ସମ୍ପର୍କରେ ପୋଲିସକୁ ଖବର ଦିଆଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ହାମିରା ମୁର୍ମୁ କହିଛନ୍ତି। ହାଡ଼ିଆଙ୍କୁ ଚିକିତ୍ସାରେ ଅବହେଳା କାରଣରୁ ସେ ଡାକ୍ତରଖାନାରୁ ପଳାଇଥିଲେ। ରାସ୍ତାକଡ଼ରେ ପଡ଼ି ତାଙ୍କର ମୃତ୍ୟୁ ଘଟିଥିବା ତାଙ୍କ ଭାଇ ସଞ୍ଜୟ ଟୁଡୁ ଅଭିଯୋଗ କରିଛନ୍ତି।

# ବିପୁଳ ପରିମାଣର ଅଳଙ୍କାର ଜବତ, ୩ ଗିରଫ

ଅଳଙ୍କାର ଦୋକାନ ଲୁଟ୍ ଘଟଣା





ଗିରଫ ୩ ଅଭିଯୁକ୍ତ ଓ ଜବତ ଅଳଙ୍କାର।

କେନ୍ଦୁଝର,୫।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ହରିଚନ୍ଦନପୁର ମୁଖ୍ୟ ବଜାରରେ ଅବସ୍ଥିତ ନାରାୟଣ ଜୁଏଲର୍ସରେ ଲୁଟ ଘଟଣାରେ କେନ୍ଦୁଝର ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲାର ଅଜିତ ପଟ୍ଟନାୟକ, ଯାଜପୁର ଜିଲାର ଇନ୍ଦ୍ରମଣି ମହାନ୍ତ, କେନ୍ଦୁଝରର ବୁଦ୍ଧାଦେବ ମହାନ୍ତ। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅଳଙ୍କାର, ୩ ବାଇକ୍, ମୋବାଇଲ ଜବତ ହୋଇଛି। ଅଳଙ୍କାର ମୂଲ୍ୟ ଆକଳନ କରାଯାଇନାହିଁ। ଏନେଇ ଘଟଗାଁ ଏସ୍‌ଡିପିଓ ବିଜୟ କୁମାର ମହାପାତ୍ର, ହରିଚନ୍ଦନପୁର ଥାନା ଅଧିକାରୀ ଦେବକୀ ନାୟକ ଶନିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଜୁନ୍ ୨୫ ତାରିଖ ସନ୍ଧ୍ୟାରେ ଦୁର୍ବୃତ୍ତ ବାଇକ୍‌ରେ ଆସି ନାରାୟଣ ଜୁଏଲର୍ସରେ ପ୍ରବେଶ କରିଥିଲେ। ଦୋକାନ ମାଲିକ ଏବଂ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଦୋକାନରୁ ସମସ୍ତ ସୁନା ଅଳଙ୍କାର ଲୁଟି ନେଇଥିଲେ। ସୂଚନା ପାଇ କେନ୍ଦୁଝର ଏସ୍‌ପି ନୀତିନ କୁଶଲକର, ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳକୁ ଘେରାବନ୍ଦୀ କରି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ଭଗାମୁଣ୍ଡା ରାସ୍ତାରୁ ଏକ ମୋବାଇଲ ଏବଂ ୨ ବାଇକ୍ ଜବତ କରିଥିଲା। ମୋବାଇଲ ଫୋନ୍‌ର ସିମ୍ ଆଧାରରେ ପୋଲିସ ରାଜ୍ୟ ବାହାରକୁ ଯାଇ ସିମ୍ ଯାହା ନାମରେ ଥିଲା ତାଙ୍କୁ ଧରିଥିଲେ। ତେବେ ଉକ୍ତ ସିମ୍ ଲୁଟେରାଙ୍କ ଜଣେ ସମ୍ପର୍କୀୟଙ୍କ ନାମରେ ଥିଲା। ସେ ଆଧାରରେ ପୋଲିସ ତଦନ୍ତକରି ଜଣେ ପରେ ଜଣେ ମୋଟ ୬ ଜଣଙ୍କୁ ଗିରଫକରି କୋର୍ଟରେ ହାଜର କରିଛି। ଜୁଲାଇ ୧ ତାରିଖରେ କେନ୍ଦୁଝରର ବିକି ପାତ୍ର, କେନ୍ଦ୍ରାପଡ଼ା ଜିଲାର ଜଗୁ ପାତ୍ର ଓ କଟକ ଜିଲାର ଜଗନ୍ନାଥ ଘଡ଼େଇଙ୍କୁ ଗିରଫ କରିଥିବା ବେଳେ ଶନିବାର ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସମସ୍ତଙ୍କ ବୟସ ୨୮ ରୁ ୩୫ ବର୍ଷ ହେବ ବୋଲି ଜଣାପଡ଼ିଛି। ଅନ୍ୟ ଫେରାର ୨ ଜଣଙ୍କ ପାଖରେ ଅବଶିଷ୍ଟ ଲୁଟ୍ ସାମଗ୍ରୀ ଥିବା ଅନୁମାନ କରାଯାଉଛି। ଏକ ଗ୍ୟାଙ୍ଗ୍ କରି ଏଭଳି ଲୁଟ୍ କରୁଥିଲେ ବୋଲି ପୋଲିସ ସୂଚନା ଦେଇଛି। ଅନ୍ୟ କୌଣସି ଘଟଣା ସହ ସମ୍ପୃକ୍ତି ଯାଞ୍ଚ ନେଇ ତଦନ୍ତ ଜାରି ରଖିଛି।


No. CAD-961

## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

Tender Call Notice No.- BBSR/ELECT-II/E-367/25-26/1601 Dt. 30.06.2025

### NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**Name of the Work :-** Supply, Delivery, Testing & Commissioning of 500 KVA Silent type DG sets for Old age home at Sartaguda, Phulbani, Kandhamala.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT-II/e-20/25-26 | 08.07.2025 at 12.00 Hrs. | 17.07.2025 at 16.00 Hrs. |

Further details can be seen from the e-Procurement Portal www.tendersorissa.gov.in. Corrigendum or Addendum, if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect-II)
IDCO, Bhubaneswar

OIPR-14003/11/0186/2526

## OFFICE OF THE SUPERINTENDING ENGINEER CUTTACK (R&B) DIVISION NO.I : CUTTACK

E-Mail I.D. - eepwdcuttack@gmail.com, Tel./Fax No.(0671)-2304128

GOVERNMENT OF ODISHA
('e' PROCUREMENT NOTICE)

No.B-261

Bid Identification No. S.E. CTC(R&B)-15 of 2025-26

1. The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in Double cover system in ONLINE MODE from eligible contractor for Road & Building work as mentioned below.
2. No. of Work : 2 Nos.
3. Nature of work : Road & Building work
4. Class of Contractor : "B" Class
5. Tender Paper Cost : Rs.10000/- (Online)
6. Available of bid documents in the website : From 07.07.2025 to 5 P.M. of 21.07.2025
7. Date of Opening of Bid : 11 A.M. of 22.07.2025
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- (Er. Md. Shahbaz)
Superintending Engineer,
Cuttack (R&B) Division No.I, CTC

OIPR-34091/11/0084/2526

## Government of Odisha, e-Procurement Notice

### INVITATION FOR BIDS (IFB)

Bid Identification No. C.C.E.Dkl.(R&B)04/2025-26

E-mail Id: sedklpwd@gmail.com

Letter No.1397/Dt.30.06.2025

**No.B-268** : The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for road works as detailed below.

1. Name of the work : Road works
2. No. of works : 02 (Two) Nos
3. Estimated Cost : **Rs.1.69 Crore to 2.27 Crore (as given in column No.03 of table)**
4. Cost of tender paper : Rs.10,000.00
5. Class of contractor : 'B' Class & 'A' Class **(as given in column No.07 of table)**
6. Period of Completion of work : 06 (Six) calendar months **(as given in column No.08 of table)**
7. Date and time of availability of bid Document in the website : From Dt.07.07.2025 to 5.00 P.M. of Dt.21.07.2025
8. Date of opening of bid : Dt.22.07.2025 at 11.00 A.M.

The bidders have to participate in ONLINE biding only further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Construction Engineer,
Dhenkanal (R&B)Circle,
Dhenkanal

OIPR-34016/11/0049/2526

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୧୯ ତା:୧୯।୦୬।୨୫

### ବିଜ୍ଞାପନ

No. CAD-972: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ: ୰ବି. ରାମା ରାଓ<br>ପିତା: ୰ବି. କ୍ରିଷ୍ଣମୂର୍ତ୍ତି<br>ସା/ପୋ./ଥାନା: କାଶୀନଗର<br>ଜିଲ୍ଲା: ଗଜପତି | ଘର ନଂ.: ଏମ୍.ଆଇ.ଜି.–୧–୪୬/୪, (MIG-I-46/4) ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | ୧. ବି. ବନଜାକ୍ଷୀ (ସ୍ତ୍ରୀ) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0713/2526

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୨୪ ତା:୨୫।୦୬।୨୫

### ବିଜ୍ଞାପନ

No. CAD-975: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଭି.ଆଇ.ଏମ୍–୪୨୨ (VIM-422) ଚନ୍ଦ୍ରଶେଖରପୁର, ଷଷ୍ଠ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଭୂପତି ଭୂଷଣ ବିଶ୍ୱାଳ, ପିତା: ଗଦାଧର ବିଶ୍ୱାଳ, ସା: ନଳପାହି, ପୋ: କେରର ଗଡ଼, ଥାନା: ଆଳି, ଜିଲ୍ଲା: କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଭୂପତି ଭୂଷଣ ବିଶ୍ୱାଳ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ମହେନ୍ଦ୍ର ସାହୁ, ପିତା: ଦିଗମ୍ବର ସାହୁ, ସା: ନୂଆ ମାଣତ୍ରୀ, ପୋ: ପୁରୁଣା ମାଣତ୍ରୀ, ଥାନା: ଆଠମଲ୍ଲିକ, ଜିଲ୍ଲା: ଅନୁଗୁଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0711/2526

No. CAD-955

## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022.

Tender Call Notice No. IDCO:H.O./P&C/EST/E-1146/03/2025/V-II/18735 Dtd. 26.06.25

### NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

1. **Name of the Work** : Construction of black top bituminous Road of RoW 12 mtr for a length of 420 mtr with 3 nos. of single row 900 dia. NP-4 Hume pipe Culvert including 420 mtr RCC Drain (one side) at Kholadwar Industrial Area, Khurda, Odisha.
2. **Value of the work** : Rs.**155.32 lakhs**
3. **Period of Completion** : 06 (Six) calendar months.
4. **Other details** :

| Procurement Officer | Tender Reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022 | P&C/ EST/ E-24/ 2025-26 | 05.07.2025 at 17.00 Hrs. | 19.07.2025 up to 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tendersodisha.gov.in and www.idco.in.

Sd./- Chief General Manager (P&C),
IDCO, Bhubaneswar

OIPR-14003/11/0185/2526

## ODISHA STATE COOPERATIVE MARKETING FEDERATION LTD. (MARKFED, ODISHA)

Old Station Road, Bhubaneswar - 751006, Tel.: 2310626
Fax (0674) 2311149, E.Mail: odishamarkfed@gmail.com
markfert@rediffmail.com, Website: www.odishamarkfed.nic.in
F/MISC-185/2013-14/20-21/P-II

Tender Notice No. 2457 Date: 03.07.2025

### TENDER CALL NOTICE

No. CAD-987: MARKFED invites sealed tenders under two bid system from insurance companies registered with IRDA having valid certificate for insurance coverage of Rs.60.00 (Sixty Crore) (Rs.50.00 Crore own stock & Rs.10.00 Crore warehouse stock held in Trust) fertilizers stock stored at different godowns of MARKFED located through-out the State against the risk of fire & allied perils, earthquake, STFI, Terrorism cover, Burglary, house breaking & theft and fidelity guarantee. The bidders are required to sumit the premium rates separately for each item as per terms and conditions of **Floater Declaration Policy**. The duly filled in bid documents should reach at this office by 01.00 P.M. on 07.07.2025. The technical bid will be opened on 07.07.2025 at 03.30 P.M. & financial bid of eligible technical bidder will be opened on 07.07.2025 at 04.00 P.M. For details, please visit **Government of Odisha Tender website (www.odisha.gov.in)** or MARKFED website **(www.markfedodisha.nic.in)**.

OIPR-39017/11/0011/2526 Sd./- Managing Director

## OFFICE OF THE DIVISIONAL FOREST OFFICER, DHENKANAL FOREST DIVISION

Tele Fax No-06762226717, e-mail Id - dfo.dhenkanal@odisha.gov.in

### SHORT TENDER NOTICE

Bid Identification No.02/2025-26 Date : 03.07.2025

**No.MM-111** : Sealed tenders are invited from interested reputed Travel Agencies/Tour Operators or private individuals for providing **30 (Thirty)** nos (Approx) of **Non-AC/ AC Diesel drive BS-IV/BS-VI compliant Bolero vehicles** having sitting capacity not more than ten including driver, which shall conform to the Terms and Conditions (Annexure-I) for official use at different Govt. offices under the establishment of Dhenkanal Forest Division on monthly rent basis so as to reach in the O/o the DFO, Dhenkanal on or before 18.07.2025 up to 1.30 PM through Registered / Speed Post / Courier Service and can also be dropped in the Tender Box placed in the Office of the Divisional Forest Officer, Dhenkanal Forest Division. The Tenders will be opened in the same office on the same day at 3.30 P.M. The standard Bidding Document and terms and Conditions can be downloaded from https://dhenkanal.odisha.gov.in, https://odishaforest.in and also can be obtained from the office of the Divisional Forest Officer, Dhenkanal Division, from 04.07.2025 to 18.07.2025 during office hours .

Sd./- Divisional Forest Officer
Dhenkanal Division

OIPR-08037/11/0019/2526

No.B-267

## OFFICE OF THE SUPERINTENDING ENGINEER

E-Mail I.D. - eepwdcuttack2@gmail.com, Tel./Fax No.(0671)-2973399

GOVERNMENT OF ODISHA "e" procurement Notice

e-procurement Notice for Building works

Bid Identification No. S.E. CTC(R&B)-II-07 of 2025-26

1. Name of the work : **01 Nos of Building Works**
2. Estimated Cost : **Rs.51,99,382.00/-**
3. Period Completion : **4 (Four) calendar Months**
4. Date & time of sale & receipt of bid document : **From 05.07.2025 to 5 P.M. of 21.07.2025**
5. Last date/time of receipt of bids : **5 P.M. of 21.07.2025**
6. Date & time of Opening Bids : **11 A.M. of 22.07.2025**
7. Name and address of the Officer Inviting Bid : **Superintending Engineer, Cuttack (R&B) Division-II, Cuttack**

Further details can be seen from the e-procurement portal http://www.tendersorissa.gov.in. Any addendum/corrigendum/cancellation of tender can also be seen in the said website.

Sd./- Superintending Engineer,
Cuttack (R&B) Division No.II

OIPR-34137/11/0020/2526

## ODISHA HYDRO POWER CORPORATION LTD.

O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT : SAMBALPUR (ODISHA), INDIA
PHONE : 0663-2910721 (O), 2950765 (R), E-Mail : srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-W-199(Vol-1)/3728 Date : 02.07.2025

### NOTICE INVITING TENDER NO HHEP-38/2025

**No.CAD-966** : Sealed Tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the registered firm / agency / contractor having valid MV license issued from the ELBO, Govt of Odisha for the following work as mentioned below.

| Name of work | Cost of tender paper (Non-Refundable) | EMD in Rs. | Availability of tender | Last date & Time of receipt tender | Date & Time of opening of tender |
|---|---|---|---|---|---|
| Annual electrical maintenance of residential and non-residential building of HHEP, Burla on job contract basis | Rs. 7080/- (Rs. 7000/- + GST 18%) | 10250/- | 05.07.25 (11:00 A.M.) to 15.07.25 upto 01:00 P.M. | 15.07.25 upto 01:30 P.M. | 15.07.25 at 04:00 P.M. |

Further details like tender specification, corrigendum to the tender call notice etc. can only be available in our website www.ohpcltd.com

OIPR-04007/11/0054/2526 Sd./- C&P Head, HHEP, Burla

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ: ଆୟପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
(E-mail: serwbpr2004@yahoo.com, Tel No.: 0680-2404287)

### NATIONAL COMPETITIVE BIDDING THROUGH e-Procurement

No. O-377

Bid Identification No. Online Tender / 09-2025-26/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 09-2025-26/ BPR | Road Works under MMSY-TRIP & MMSY-IMPROVEMENT TO EXISTING RD ROADS | 03 Nos. | From Rs.107.07 Lakhs to Rs.719.33 Lakhs | "B" Class, "A" Class & "Special" Class as applicable | Period of Completion as provided as per Col No. 5 of Annexure of NIT |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 09-2025-26/BPR | 08.07.2025 at 10.00 A.M. | 22.07.2025 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: www.tendersodisha.gov.in.

OIPR-25071/11/0100/2526 Sd./- Chief Construction Engineer, R.W. Circle, Berhampur

## DIRECTORATE OF FAMILY WELFARE ODISHA

Tel/Fax: 0674-2391625/2391112, Email: dfwodisha@gmail.com

No. 9967/N&I-XI-01/2024 Bhubaneswar, the 03.07.2025

### TENDER NOTICE

No. E-210: Sealed tenders are invited from the interested reputed registered travel agencies/tour operators for providing 1 No. (One) of Swift Dezire Petrol Vehicle (New Version) having registered in his/her name/agency name, on monthly hiring basis in conformity to the terms & conditions of the tender for the purpose of Official use in the Combined Health Directorate under Health & Family Welfare Department, Odisha. The details of term & conditions of tender, general information, quoted price & documents will be made available in the office of the Directorate of Family Welfare, Odisha between 11 A.M. to 5 P.M. in any working day or can be downloaded from the website of Govt. in Health & Family Welfare Department **www.odisha.gov.in/health** portal.

- Date of sale of tender paper: 07.07.2025
- Last date & time of receipt of tender: 15.07.2025
- Date of opening of tender: 25.07.2025
- Cost of tender paper: Rs.500/- in shape of Bank Draft in favour of Director of Family Welfare, Odisha payable at Bhubaneswar
- Address for Correspondence: Director of Family Welfare, Odisha, Heads of Department Building, Unit-V, Bhubaneswar, PIN-751001

The tender will be opened on scheduled date & time in the office chamber of the undersigned in the presence of supplier or their authorized representatives. In the event of the date being declared as holiday for Govt. of Odisha, the due date of submission of bids & opening of bids will be next working day. Any tender received after the due date & time will be rejected & retruned to the sender unopened. The tender will be received through Regd. Post/Courier Service/Speed Post only. The authority reserves the right to reject any or all the tenders received without assigning any reason thereof.

Sd./- Dr. Rajyashree Patnaik
Director of Family Welfare, Odisha

OIPR-10006/11/0003/2526

## DEPUTY DIRECTOR, NANDANKANAN ZOOLOGICAL PARK

P.O. - BARANG, DIST. - KHURDA, PIN - 754005
PHONE - (M) 9437022023
Email : deputydirector.kanan@gmail.com
NANDANKANAN
Web : www.nandankanan.org

### e-PROCUREMENT NOTICE

No.MM-113 Tender No. DD-NKN-15_/PMU/NKZP-2025-26 Dt. 02.07.2025

| | | | |
|---|---|---|---|
| 1 | Name of the work | : | Tender for construction of Footpath, pathway and drainage from Enclosure No.4 under N.E. Panorama towards Safari Bus Stand inside Nandankanan Zoological Park for the year 2025-26 |
| 2 | No. of works | : | 1 (one) no. |
| 3 | Date of availability of bid document in the portal | : | 04.07.2025 |
| 4 | Last date for receipt of bids in the portal | : | 19.07.2025 up to 5.00 P.M. |
| 5 | Date of opening of Technical Bid (Cover-I) | : | 21.07.2025 at 11.00 A.M. |
| 6 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O. - Barang, Dist. - Khorda, Pin - 754005 |

Further details can be seen from the e-procurement portal https//tendersodisha.gov.in.

Sd./- Deputy Director
Nandankanan Zoological Park

OIPR-08070/11/0091/2526

No. CAD-963

## OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR

Tender Call Notice No. File No.: HO/P&C/EST/E-2911/04/2025 18919 Dated: 30.06.2025

Bid Identification No.: P&C/EST/E-26/2025-26

### NOTICE INVITING TENDER THROUGH e-Procurement

| | |
|---|---|
| Name of the work: | Supply, installation, testing an commissioning of 250 KVA Silent type DG Set along with associated works including CAMC for IPICOL, Bhubaneswar |
| Tender Value: | Rs.39,47,205.00 (Excluding GST) |

| Procurement Officer | Period of Completion | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | 3 (Three Calendar Months) | 17:00 Hours of dt.: 07.07.2025 | 17:00 Hours of dt.: 21.07.2025 |

**Further details can be seen from the e-Procurement Portal. www.Tendersodisha.gov.in** and Corrigendum if any will be published in newspapers and can only be seen in the **e-Procurement** portal as well as in **IDCO website**.

OIPR-14003/11/0188/2526 Sd./- Chief General Manager (P&C), IDCO, Bhubaneswar

## OFFICE OF THE PRINCIPAL COLLEGE OF TEACHER EDUCATION, BALASORE

DIST- BALASORE, ODISHA-756001
E-mail:establish.cte.bls.1990@gmail.com

### ADVERTISEMENT FOR ENGAGEMENT OF GUEST FACULTIES ON CONTRACTUAL BASIS

**No.N-114** : A walk-in-interview is scheduled to be held at CTE, Balasore on 15.07.2025 at 10A.M for engagement of 06 Guest Faculties on Contractual basis for 2 Years B.Ed. Programme as mentioned below :

| Sl. No | Pedagogy Subjects | No. of Vacancy | Time of Interview | Reporting Time |
|---|---|---|---|---|
| 1 | Odia | 1 | 10:00 - 4:00 P.M. | 9.30 A.M. |
| 2 | English | 1 | | |
| 3 | Mathematics | 1 | | |
| 4 | Health And Physical Education | 1 | | |
| 5 | Fine Arts | 1 | | |
| 6 | Performing Arts | 1 | | |

However, Filled-in application Forms from interested candidates along with all the supporting documents for the Post of Associate Professor (01) must reach the office of the undersigned on or before 15/07/2025 by hand or speed post.

- Preference may be given to the Superannuated Faculties of any Govt. TEIs having the requisite qualification but not more than 75 years of age.
- The Guidelines for engagement of Guest Faculty on Contractual basis in Govt. Teacher Education Institute notified by Department of Higher Education, Govt. of Odisha vide Notification No.7590 / HE dated.11.02.2025, Notification No-20318 dated 17/04/2025, 33124/HE dated 24/06/2025 and 33122/HE dated 24/06/2025 are available in Social Media handles of CTE, Balasore.
- Social Media handles
  Instagram: cte.balasore Twitter/X : @CTEBalasore, Face Book :Cte Balasore
- No TA/DA is allowed for the purpose.
- The candidates coming to appear for the interview should have all the required original documents/ certificates and a set of photocopy of the same with him/her as spelt out in guideline provided by Higher Education Department, Govt. of Odisha.

The Authority reserves every right to accept / reject any of the applications without giving any reason thereof.

Sd./- Principal
CTE, Balasore

OIPR-11162/11/0005/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆଲିଶା
ପରିବାରବର୍ଗ


ଜୀତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୪ଘଣ୍ଟିଆ ବିଦ୍ୟୁତ୍ ସେବା ପ୍ରଦାନ ଦିଗରେ ଟିପିଏନ୍ଓଡିଏଲ୍ର ଗୁରୁତ୍ୱ

**ବାଲେଶ୍ୱର, ୫।୭ (ବାଞ୍ଛାନିଧି ଦେ)**

ଟିପିଏନଓଡିଏଲ୍ ପକ୍ଷରୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲାରେ ବୈଦ୍ୟୁତିକ ଭିତ୍ତିଭୂମି ସୁଦୃଢ଼ ହୋଇଛି। ବିଜୁଳି ଉପଭୋକ୍ତାଙ୍କୁ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ପ୍ରଦାନ ପାଇଁ ଗୁରୁତ୍ୱ ଦିଆଯାଇଛି। ବିଶେଷତଃ ଅତ୍ୟାଧୁନିକ ଓ ବୈଷୟିକ ଜ୍ଞାନକୌଶଳ ବିତରଣ କ୍ଷେତ୍ରରେ ସଂସ୍କାରକୁ ଅଧିକ ସଙ୍ଗଠିତ କରିଛି ବୋଲି ନୂତନ ଭାବେ ଯୋଗଦେଇଥିବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ ଏସ୍. କାଲେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।


ସମାବେଶରେ ସିଇଓ ଓ ବରିଷ୍ଠ ଅଧିକାରୀଗଣ।

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟିପିଏନଓଡିଏଲ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଭାବ ବିନିମୟ ସମାବେଶ ଅନୁଷ୍ଠିତ ହୋଇଥିଲା। ସିଇଓ କାଲେ ଏଥିରେ ଅଧ୍ୟକ୍ଷତା କରି ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ସମଗ୍ର ଉତ୍ତର ଓଡ଼ିଶାରେ ବେଶ ସୁଧାର ଆସିଛି। ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ନିରାପତ୍ତା ଉପକରଣ ଯୋଗାଇ ଦିଆଯାଉଛି। ସମସ୍ତଙ୍କୁ ସ୍ୱତନ୍ତ୍ର ଶିବିର ଦ୍ୱାରା ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ଫଳରେ ଏବେ ଦୁର୍ଘଟଣା ହ୍ରାସ ପାଇଛି। ୨୪ ଘଣ୍ଟିଆ ପିଏସ୍‌ସିସି କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହ ୨୪ଘଣ୍ଟିଆ କଲ୍ ସେଣ୍ଟର ସ୍ଥାପନ କରାଯାଇଛି। ବନ୍ୟା, ବାତ୍ୟା, ଝଡ଼ତୋଫାନ ଓ କାଳବୈଶାଖି ଜରୁରୀକାଳୀନ ସ୍ଥିତିରେ ମୁକାବିଲା ପାଇଁ ଭୂତଳ ଏବଂ ଓଭରହେଡ୍ ବିଦ୍ୟୁତ୍ ଲାଇନର ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ସେହିପରି ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା ଅଧୀନରେ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନାକୁ ପ୍ରୋତ୍ସାହିତ କରିବା ପାଇଁ ଟିପିଏନଓଡିଏଲ୍ ବିଶେଷ ଗୁରୁତ୍ୱ ଦେଉଛି। ପୋର୍ଟାଲରେ ପଞ୍ଜିକରଣ ପରେ ନିଶ୍ଚିନ୍ତରେ ପ୍ରକଳ୍ପ ଯୋଗାଇବାଠାରୁ ଆରମ୍ଭ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସରକାରଙ୍କ ତରଫରୁ ରିହାତି ସମସ୍ତ ସୁବିଧା ଉପଲବ୍ଧ କରାଇବା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରୁଛି। ଅପରପକ୍ଷରେ ସାମାଜିକ ଦାୟିତ୍ୱବୋଧତା ତଥା ସିଏସଆର ବିନିଯୋଗ କ୍ଷେତ୍ରରେ ମଧ୍ୟ ଗୁରୁଦାୟିତ୍ୱ ବହନ କରୁଛି। ଉପାନ୍ତ ଓ ଗ୍ରାମାଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଆରମ୍ଭ କରାଯାଇଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡି ଜନସାଧାରଣଙ୍କ ପାଇଁ ବରଦାନ ସାଜିଛି। ଗତ କିଛି ବର୍ଷ ମଧ୍ୟରେ ୨ଲକ୍ଷ ୭୪ହଜାରରୁ ଅଧିକ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଓ ଔଷଧ ଯୋଗାଯାଉଛି ବୋଲି କହିଥିଲେ। ଟାଟା ପାୱାରର ଚିଫ୍ ଅଫ୍ ଅପରେଶନ୍ ନିଲେଶ ପୋଟଫୋଡ୍ଡେ, ଚିଫ୍ ଅଫ୍ କମର୍ସିଆଲ ଜୟଦୀପ ରାୟ, ଚିଫ୍ ଫାଇନାନ୍ସିଆଲ ଅଫିସର ସିଲାଦିତ୍ୟ ସେନଗୁପ୍ତା, ଏଚ୍ଆର୍ ହେଡ୍ ରମେନ୍ଦ୍ର ବନିକ, ଲୋକସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନା ଓ ସୁବିଧା, ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ।

# ଆଇଜି ଡ୍ରୋନ୍ସକୁ ଭାରତର ପ୍ରଥମ ପାଟେଣ୍ଟ

**ଭୁବନେଶ୍ୱର,୫।୭ (ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଷ୍ଟାର୍ଟଅପ୍ ୟୁନିଟ୍ 'ଆଇଜି ଡ୍ରୋନ୍ସ'କୁ ନିକଟରେ ଆଉ ଏକ ସଫଳତା ଓ ସ୍ୱୀକୃତି ମିଳିଛି। ଏପରିକି ପ୍ରତିରକ୍ଷା ଡ୍ରୋନ୍ ସିମୁଲେଟର ପାଇଁ ଆଇଜି ଡ୍ରୋନ୍ସ ଭାରତର ପ୍ରଥମ ପାଟେଣ୍ଟ ହାସଲ କରିଛି। ସେହିଭଳି ଏକ ଐତିହାସିକ ପଦକ୍ଷେପ ସହ ଆଇଜି ଡ୍ରେନ୍ସକୁ ଦେଶର ପ୍ରଥମ ସ୍ୱଦେଶୀ ଡିଫେନ୍ସ ଡ୍ରୋନ୍ ସିମୁଲେଟର ପାଇଁ ପାଟେଣ୍ଟ ପ୍ରଦାନ କରାଯାଇଛି। ଡିଫେନ୍ସ ଏକ୍ସପୋରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମେ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ସିମୁଲେଟର ବର୍ତ୍ତମାନ ଭାରତର ଘରୋଇ ପ୍ରତିରକ୍ଷା ଉତ୍କର୍ଷର ଏକ ପ୍ରତୀକ ଭାବେ ଉଭାହୋଇଛି। ସେହିପରି



ସମ୍ପୂର୍ଣ୍ଣ ରୂପେ ଭାରତରେ ପରିକଳ୍ପିତ, ବିକଶିତ ଓ ନିର୍ମିତ ଏହି ପରବର୍ତ୍ତୀ ପିଢ଼ିର ସିମୁଲେଟର ଭାରତୀୟ ସେନା, ନୌସେନା, ବାୟୁସେନା ଏବଂ ଅର୍ଦ୍ଧସାମରିକ ବାହିନୀ ପାଇଁ ସର୍ବୋଚ୍ଚ ବିଶ୍ୱସ୍ତତା, ବାସ୍ତବ ପ୍ରଶିକ୍ଷଣ ପ୍ରଦାନ କରୁଛି। ଏପରିକି ଏହା ସୈନ୍ୟବାହିନୀରେ ଆମର ସୈନିକମାନଙ୍କୁ ଜିପିଏସ୍-ଡିନାଏଡ୍ ଜୋନ୍ ଓ ମଲ୍ଟି-ଡ୍ରୋନ୍ ମିଶନ ସମେତ ଅଧିକ ବିପଦପୂର୍ଣ୍ଣ ପରିବେଶଗୁଡିକରେ ଯୁଦ୍ଧ ଡ୍ରୋନ୍‌ଗୁଡିକୁ ଦକ୍ଷତାର ସହ ପରିଚାଳନା କରିବା ପାଇଁ ସଶକ୍ତ କରିଥାଏ। ଏ ସମ୍ପର୍କରେ ଆଇଜି ଡ୍ରୋନ୍‌ର ବରିଷ୍ଠ ଉପାଧ୍ୟକ୍ଷ ମେଜର ଜେନେରାଲ ଆର୍.ସି. ପାଢୀ କହିଛନ୍ତି, ଏହି ସିମୁଲେଟର ଭାରତୀୟ ପ୍ରତିରକ୍ଷା କ୍ଷେତ୍ରର ପ୍ରସ୍ତୁତିରେ ଏକ ନୂଆ ଅଧ୍ୟାୟର ପ୍ରତିନିଧିତ୍ୱ କରିଛି। ଏପରିକି ଆମର ସୈନ୍ୟ ବଳକୁ ଏହା ଏକ ସମ୍ପୂର୍ଣ୍ଣ ସ୍ୱଦେଶୀ, ଅତ୍ୟାଧୁନିକ ସିମୁଲେଶନ ପ୍ଲାଟ୍‌ଫର୍ମ ପ୍ରଦାନ କରିବ। ଫଳରେ ସେମାନେ ଯେପରି ପରବର୍ତ୍ତୀ ଯୁଦ୍ଧ ସ୍ଥିତି ପାଇଁ ଯୁଦ୍ଧ-ପ୍ରସ୍ତୁତ ରହିବେ ବୋଲି ଆମେ ତାହା ନିଶ୍ଚିତ କରିଛୁ। ଏହି ପାଟେଣ୍ଟ ଉଦ୍ଭାବନ ମାଧ୍ୟମରେ ଭାରତୀୟ ନିର୍ମାଣ ଓ ପ୍ରତିରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଆଇଜି ଡ୍ରୋନ୍ସର ପ୍ରତିବଦ୍ଧତାର ଏକ ପ୍ରମାଣ ବୋଲି ପାଢୀ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।


**Birthday Wish**



**Jayjeet (Jeet)**

Wishing you a year full of Happiness, Success and unforgettable moments. Keep shining and chasing your dreams. Have an amazing day!"

**Best Wishes From- Papa, Mama, Chachu, Chachi, Juhi, Chintu, Pinu, Rishi, Nani, Piesa, Mausa, Mausi, Maa, Aae.**

**Happy Birthday, Jayjeet (Jeet)!!**

D-1178


# ରାଜକୋଟରେ ସର୍ବବୃହତ୍ ସୋଲାର ପ୍ୟାନେଲ ଫ୍ରେମ୍ ପ୍ଲାଣ୍ଟ ଉଦ୍‌ଘାଟିତ

**ଭୁବନେଶ୍ୱର,୫।୭**

ବର୍ତ୍ତମାନ ସମୟରେ ଅକ୍ଷୟ ଶକ୍ତି (ସୋଲାରା ଏନର୍ଜି)ର ଚାହିଦା କ୍ରମାଗତ ଭାବେ ବୃଦ୍ଧିପାଉଛି। ଏହାକୁ ନଜରରେ ରଖି ଗୁଜରାଟର ରାଜକୋଟ୍‌ଠାରେ ଦେଶର ସର୍ବବୃହତ୍ ସୋଲାର ପ୍ୟାନେଲ ଫ୍ରେମ୍ ପ୍ଲାଣ୍ଟ ନିକଟରେ ଆରମ୍ଭ ସହ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଭାରତର ସର୍ବବୃହତ୍ ଏବଂ ସର୍ବାଧିକ ଉନ୍ନତ ଆଲୁମିନିୟମ ସୋଲାର ପ୍ୟାନେଲ ଫ୍ରେମ୍ ଉତ୍ପାଦନ ପ୍ଲାଣ୍ଟ ଗୁଜରାଟର ରାଜକୋଟ୍‌ଠାରେ ଏଚ୍ ଆଣ୍ଡ ଏଚ୍ ଆଲୁମିନିୟମ ପ୍ରାଇଭେଟ୍ ଲିମିଟେଡ୍ ଶୁଭାରମ୍ଭ କରିଛି। ଚିଭଦେନ ରାଜକୋଟ ଗ୍ରାମରେ ଅବସ୍ଥିତ ଏହି ପ୍ଲାଣ୍ଟ ବାର୍ଷିକ ୨୪,୦୦୦ ମେଟ୍ରିକ ଟନ୍ (ଏମ୍‌ଟି) କ୍ଷମତା ବିଶିଷ୍ଟ ଉତ୍ପାଦନ ସହ ୬ ଗିଗାୱାଟ (ଜିଡବ୍ଲ୍ୟୁ) ପର୍ଯ୍ୟନ୍ତ ସୌର ଶକ୍ତି ପ୍ରକଳ୍ପ ସ୍ଥାପନକୁ ଶକ୍ତି ଓ ସମର୍ଥନ ଯୋଗାଇପାରିବ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ସି.ଆର୍.ପାଟିଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସରକାରୀ ପଦାଧିକାରୀ, ଏଚ୍ ଆଣ୍ଡ ଏଚ୍ ଆଲୁମିନିୟମର ନେତୃତ୍ୱ ପ୍ରଦାନକାରୀ ଟିମ୍ ଏବଂ ସମସ୍ତ ନିମନ୍ତ୍ରିତ ଅତିଥିଗଣ ଉପସ୍ଥିତି ଥିଲେ। ଏ ସମ୍ପର୍କରେ ଏଚ୍ ଆଣ୍ଡ ଏଚ୍ ଆଲୁମିନିୟମ ପ୍ରାଇଭେଟ୍ ଲିମିଟେଡ୍‌ର ଡାଇରେକ୍ଟର ଉତ୍ତମ ପଟେଲ କହିଥିଲେ, ଏହା ଗୋଟିଏ ସ୍ଥାନରେ ଭାରତର ସର୍ବବୃହତ୍ ଏବଂ ସର୍ବାଧୁନିକ ସୋଲାର ପ୍ୟାନେଲ ଆଲୁମିନିୟମ ଫ୍ରେମ୍ ପ୍ଲାଣ୍ଟ ହେବ ଏବଂ ଏହାକୁ ଆମେ ରେକର୍ଡ ସମୟ ମାତ୍ର ବର୍ଷକ ମଧ୍ୟରେ ସ୍ଥାପନ କରିବାରେ ସମର୍ଥ ହୋଇଥିଲୁ। ଏଥିପାଇଁ ଆମେ ରାଜ୍ୟ ସରକାର ଏବଂ ସମସ୍ତ ସମ୍ପୃକ୍ତ ବିଭାଗଗୁଡିକୁ ସେମାନଙ୍କର ସମର୍ଥନ ନିମନ୍ତେ ଧନ୍ୟବାଦ ଜଣାଉଛୁ। ସମ୍ପ୍ରତି ଭାରତ ତାହାର ଆଲୁମିନିୟମ ସୋଲାର ପ୍ୟାନେଲ ଫ୍ରେମ ଆବଶ୍ୟକତାର ୯୦ରୁ୯୫% ଆମଦାନୀ କରୁଛି ଏବଂ ଏହି ପ୍ଲାଣ୍ଟ ସ୍ଥାପନ ଦ୍ୱାରା ଆମେ ମେକ୍ ଇନ୍ ଇଣ୍ଡିଆ ପ୍ରୟାସକୁ ସମର୍ଥନ କରିବା ସହ ସୌରଶକ୍ତି କ୍ଷେତ୍ରରେ ଘରୋଇ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଦିଗରେ ଅର୍ଥପୂର୍ଣ୍ଣ ଭାବେ ଯୋଗଦାନ ରଖୁଛୁ।

# ଆଉଟଡୋର୍ ପ୍ରଡକ୍ଟସରେ ଆକର୍ଷଣୀୟ ଅଫର

**ଭୁବନେଶ୍ୱର,୫।୭**

ପ୍ରତି ଥର ପରି ଚଳିତ ଥର ମଧ୍ୟ ଆମାଜନ.ଇନ ପ୍ରାଇମ୍ ଡେର ଆଉଟଡୋର୍ ପ୍ରଡକ୍ଟସ ଉପରେ ଆକର୍ଷଣୀୟ ଅଫର ଦିଆଯାଉଛି। ବିଶେଷ କରି ଏହି ନବମ ସଂସ୍କରଣ ୨୦୨୫ ଜୁଲାଇ ୧୪ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଅବସରରେ ଗ୍ରାହକ ହାର୍ଲି ଡେଭିଡସନ୍, ୟୁରେକା, ବୋଶ ଏବଂ ଅନ୍ୟାନ୍ୟ ଶୀର୍ଷ ବ୍ରାଣ୍ଡର ଘର, ରୋଷେଇ ଘର ଏବଂ ଆଉଟଡୋର୍ ଉତ୍ପାଦଗୁଡିକରେ ଅତୁଳନୀୟ କଲେକ୍ସନ ସୁଲଭ ମୂଲ୍ୟରେ ପାଇପାରିବେ। ସ୍ମାର୍ଟ ହୋମ୍ ସଲ୍ୟୁସନ୍ ଏବଂ ମୋଟରବାଇକ୍‌ଠାରୁ ଫର୍ଣ୍ଣିଚର ଏବଂ ଅନ୍ୟାନ୍ୟ ପର୍ଯ୍ୟନ୍ତ, ଗ୍ରାହକମାନେ ଆଇସିଆଇସିଆଇ ଏବଂ ଏସବିଆଇ ବ୍ୟାଙ୍କ କାରବାରରେ ୧୦% ତୁରନ୍ତ ରିହାତି ପାଇପାରିବେ। ସେହିଭଳି ସର୍ବନିମ୍ନ ମୂଲ୍ୟରେ ୭୫୦ ରୁ ଅଧିକ ଋତୁକାଳୀନ ଏବଂ ଏଭରଗ୍ରୀନ୍ ବେଷ୍ଟସେଲର୍ ଉପରେ ଆକର୍ଷଣୀୟ ଡିଲ୍ ପାଇପାରିବେ। ଏହା ସହିତ ଛୋଟ ଉପକରଣ ଏବଂ ଫର୍ଣ୍ଣିଚର ଉପରେ ୧୨୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ୍ ପାଇପାରିବେ। ଏପରିକି ଗ୍ରାହକମାନେ ଏୟାର କୁଲର, ଆସେସୋରିଜ୍ ଏବଂ ପାଣି ବୋତଲ ସମେତ ଗ୍ରୀଷ୍ମକାଳୀନ ଆବଶ୍ୟକୀୟ ସାମଗ୍ରୀ ଉପରେ ମଧ୍ୟ ଶ୍ରେଷ୍ଠ ଡିଲ୍ ଉପଭୋଗ କରିପାରିବେ।

# ହାଇଲାଇଟ୍‌: Classified Everyday

## Classified Everyday
0674-2580101, 9692975378



MATRIMONIAL

### BRIDE WANTED

ଚାକିରୀ କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ ପୁଅ (Divorcee) ପାଇଁ ଯେକୌଣସି ଜାତିର 30-45 yrs ଝିଅ ଆବଶ୍ୟକ। Candidate- 9861141891. D-1173

### GROOM WANTED

47 Widow Karan Caste ମା'ଙ୍କ ସହିତ ଏକାକୀ ରହୁଥିବା କନ୍ୟାଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6371298869. D-1127

Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D-1050


REAL ESTATE

**SALE**

ଭୁବନେଶ୍ୱର ଧଉଳିଛକ ପୁଷ୍ପକ ହୋଟେଲ ପଛପଟେ **BDA Approved 3BHK Spacious Flat 85** ଲକ୍ଷ। **Bank Loan** ବା **Installment** ସୁବିଧା ଅଛି। ଯୋଗାଯୋଗ: **9438220432/ 8144658008** D-1161

**A Commercial plot 10000sqft facing to NH (Nakhara to Niali) 10km from Nakhara 60x166 3side road personal plot contact only owners- 7809525452** D-76471

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

କ ଟ କ - ଭୁ ବ ନେ ଶ୍ୱ ର ମଧ୍ୟଭାଗରେ ନିର୍ମିତ **Sum Hospital- 2** ଏବଂ **Grand Bazar(NH-16)** ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604** D-76281

ପୁରୀ ଶ୍ରୀମନ୍ଦିର ପାଖରୁ ମାତ୍ର **16** କିଲୋମିଟର ଚନ୍ଦନପୁରରୁ ନିରାକାରପୁର ରାସ୍ତା ପାତେଲି ଗାଁ ପାଖରେ ମୁଖ୍ୟରାସ୍ତାକୁ ଲାଗି ଘରବାଡ଼ି **PLOT** ବର୍ଗଫୁଟକୁ **1050/-** ଟଙ୍କା। **30**ଫୁଟ ପକ୍କା ରାସ୍ତା ସହ ଅତିଶୀଘ୍ର ଘର କରିବାକୁ ବା **INVEST** ପାଇଁ ଉପଯୁକ୍ତ। **CALL:- 9438220432/ 8144658008** D-1160




Positively health benefits SPA expert female therapist homely atmosphere. 8658088274. D-1177


### AFFIDAVIT

By virtue of an affidavit sworn Executive Magistrate, Bhubaneswar, dated 12.06.2025, I, Prakash Kumar Samantaray, Address: At- Gunthuni, P.O.- Golabai, P.S.- Jankia, Dist.- Khordha, State-Odisha, PIN- 752020 declare that I have changed the name of my son from Bikash Samantaray to Akash Kumar Samantaray. Henceforth, he shall be known as Akash Kumar Samantaray for all purposes.
Prakash Kumar Samantaray
D-1167

I, BIMAL KISHORE AGARWAL, S/o- Late Nemichand Agarwal, resident of Plot 17/C, Jaydurga Nagar, Bomikhal, Bhubaneswar, Dist.- Khurda, Odisha, declare by this affidavit No.- CF. No.- 106, dt- 04.07.2025. That now onwards I shall be known as BIMAL KISHOR AGARWAL for all future purposes.
BIMAL KISHOR AGARWAL
D-1168

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Nuapada, date 04.07.25, I Pinky Kumari Agarwal, W/o- Deepak Kumar Agrawal, R/o At/P.O.- Gotma, P.S.- Jonk, Dist.- Nuapada, Odisha declare that name Pinky Kumari Agarwal, Pinky Agrawal and Pinky Kumari Agrawal is of same and one person. Henceforth, I shall be known as Pinky Kumari Agarwal for all purpose.
D-1171

By virtue of an affidavit sworn before the Executive Magistrate, Kesinga, Kalahandi, CF. No.- 01, dated 23.06.2025, I, Elisha D Majhi, W/o. late J.D Majhi, R/o. Village- Limgaon, P.O.- Turlakhaman, P.S.- Kesinga, Dist.- Kalahandi, declare that I have changed my name from Elisheba Majhi, W/o- Jishaya Majhi to Elisha D Majhi, W/o- Late J.D Majhi. Henceforth I shall be known as Elisha D Majhi, W/o. late J.D Majhi for all purposes.
D-1174

I, Jayashree Sharma, D/o- late Muralilal Motilal Sharma, resident of flat No.- 202, Tower- 1, Z one Apartment, Kalarahanga, Bhubaneswar, Dist.- Khurda, Odisha, PIN- 751024, declare by this affidavit No.- 98,dt- 04.07.2025, that now onwards I shall be known as JAYASHREE MISRA for all future purposes.
D-76835

### LEGAL NOTICE

IN THE COURT OF CIVIL COURT (JD), BALANGIR
CS No.- 32 of 2010
Hariballav Sahoo .....Plaintiff
Vs.
Ramesh Sahoo and others ....Defendants
NOTICE
UNDER ORDER 5 RULE 20 (1) OF CPC

To, 1. (c) Janha Padhan, aged about 26 years, W/o- Basu Padhan, R/o/ P.O.- Uparjhar, P.S.- Tusura, Dist.- Balangir, 2. C) (I) Pancha Padhan, aged abound 50 years, R/o/P.O.- Uparjhar, P.S.- Tusura, Dist.- Balangir. 2. (c) (ii) Sagar Padhan, aged about 12 years, S/o- Pancha Padhan, R/o/P.O.- Uparjhar, P.S.- Tusura, Dist.- Balangir.

Take Notice that the plaintiff Hariballav Sahu has filed a Civil proceeding against you. You are hereby noticed to appear before the Court in person or by a pleader duly well instructed and able to answer all materials relating to the this proceeding on 25.07.25 and in default of your appearance on the day as mentioned, the Civil proceeding will be heard and determined in your absence.

Given under my hand and the seal of Court, this 14th day of May 2025.

Sd./- By order
Court of Civil Judge (JD), Balangir
D-1170


### ମନେ ପଡ଼ନ୍ତି

**Shradhanjali**



SOYUZ Priyadarshan (Ph.D.)
Day of Birth- 1975
Day of Death- 2005
(Durgastami, Bada Ekadashi)
No day is passed without remembering you.
BAPA
ଧ-୧୧୫୬

**ନବମ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓Mrunal Kanta Swain (Titu)
Hotel Miland Palace (Director)
(ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର)
ଆବିର୍ଭାବ: ୧୯/୧୦/୧୯୫୭ (ରମା ଏକାଦଶୀ)
ତିରୋଧାନ: ୧୫/୦୭/୨୦୧୬ (ସୁନାବେଶ, ଏକାଦଶୀ)

ସବୁ ଦୁଃଖ ଓ ଯନ୍ତ୍ରଣା କୁ ସହ୍ୟକରି ଆମର ସବୁ ଇଚ୍ଛାକୁ ପୂରଣ କରିବା ପାଇଁ ପଛେଇ ନାହାଁନ୍ତି ବାପା। ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ।

ଶୋକସନ୍ତପ୍ତ : ପତ୍ନୀ-ଜଲି, ପୁଅ-ଆଦିତ୍ୟ, ପୁତ୍ରବଧୂ- ସୁସ୍ମିତା, ଲିସା-ବିବେକ, ଟିସା-ତରୁଣ, ଟିକୁ-ଶିୟୁ, ବନ୍ଧୁ ଓ ପରିବାରବର୍ଗ।
ଧ-୭୬୮୩୬


# କେଏଫ୍‌ସିର ନୂତନ ଅଭିଯାନ

**ଭୁବନେଶ୍ୱର,୫।୭**

କେଏଫ୍‌ସିର ନୂତନ ଅଭିଯାନ ତଥା ବହୁ ପ୍ରତୀକ୍ଷିତ ୱିନ ବିଗ କ୍ୟାମ୍ପେନର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ଏହା କେଏଫ୍‌ସି ପ୍ରଶଂସକଙ୍କୁ ନିଜର ପସନ୍ଦର ମେନ୍ୟୁ ଆଇଟମଗୁଡ଼ିକୁ ଉପଭୋଗ କରାଇବା ସହିତ ଏକ ମହିନ୍ଦ୍ରା ଥର, ଆପଲ ମ୍ୟାକ୍‌ବୁକ, ଆଇଫୋନ ୧୬ଏସ୍‌ଇ ଏକ ସୋନି ବ୍ରାଭିଆ ହୋମ୍ ଥିଏଟର ସିଷ୍ଟମ ଭଳି ଉତ୍ସାହଜନକ ପୁରସ୍କାର ଜିତିବା ପାଇଁ ଗ୍ରାହକଙ୍କୁ ଏକ ସୁଯୋଗ ପ୍ରଦାନ କରୁଛି। ଏଥିରେ ଅଂଶଗ୍ରହଣ କରିବା ପାଇଁ ଗ୍ରାହକଙ୍କୁ ଶୁକ୍ରବାରରୁ ରବିବାର ମଧ୍ୟରେ ଡାଇନ ଇନ କିମ୍ବା ସେଲ୍‌ଫ-ଟେକ୍-ଆୱେ ବିକଳ୍ପ ମଧ୍ୟରୁ ଚୟନ କରିବାକୁ ହେବ ଏବଂ ୨୯୯ ଟଙ୍କା କିମ୍ବା ତାହାଠାରୁ ଅଧିକ ମୂଲ୍ୟର କେଏଫ୍‌ସି ପ୍ରଡକ୍ଟ ପାଇଁ ଅର୍ଡର ପ୍ଲେସ କରିବାକୁ ହେବ। ସେହିଭଳି କାଉଣ୍ଟରରେ ମୋବାଇଲ ନମ୍ବର ସେୟାର କରି ଗ୍ରାହକଙ୍କୁ ପୁରସ୍କାର ଜିତିବା ପାଇଁ ଏକ ସୁଯୋଗ ପାଇବା ଲାଗି ଏକ ଡ୍ର' ଏଣ୍ଟର କରିବାକୁ ହେବ। ଅଂଶଗ୍ରହଣ କରିବା ପାଇଁ ଗ୍ରାହଙ୍କୁ କୌଣସି ଅତିରିକ୍ତ ଅର୍ଥ ପଇଠ କରିବାକୁ ପଡିବ ନାହିଁ। ଏହି କ୍ୟାମ୍ପେନ ୨୦୨୫ ଜୁଲାଇ ୩୧ ପର୍ଯ୍ୟନ୍ତ କେବଳ ଶୁକ୍ରବାର, ଶନିବାର ଓ ରବିବାର ବୈଧ ରହିବ।

# ନଥିଙ୍ଗର ନୂତନ ଉତ୍ପାଦ

**ଭୁବନେଶ୍ୱର,୫।୭**

ନଥିଙ୍ଗର ନୂତନ ଉତ୍ପାଦ ତଥା ବହୁ ପ୍ରତିକ୍ଷୀତ 'ନଥିଙ୍ଗ ଫୋନ୍ (୩) ଏବଂ ନଥିଙ୍ଗ ହେଡଫୋନ୍ (୧)'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଉଭୟ ଉତ୍ପାଦ ଉଦ୍ଦେଶ୍ୟମୂଳକ ଡିଜାଇନ୍ ଏବଂ ସାହସିକ ନବସୃଜନ ସହିତ ଗ୍ରାହକ ପ୍ରଯୁକ୍ତିବିଦ୍ୟାକୁ ପୁନଃକଳ୍ପନା କରିବା ପାଇଁ ନଥିଙ୍ଗଂର ଦୃଷ୍ଟିକୋଣକୁ ପ୍ରତିଫଳିତ କରିଛି। ସେହିଭଳି ନଥିଙ୍ଗ ଫୋନ୍ (୩) ସ୍ମାର୍ଟଫୋନ୍ କାର୍ଯ୍ୟଦକ୍ଷତା ଏବଂ ପ୍ରକାଶନର ଏକ ନୂତନ ଯୁଗ ପରିଚିତ କରାଉଛି। ଟେକ୍ନୋଲୋଜିକୁ ପୁଣି ଥରେ ବ୍ୟକ୍ତିଗତ ଅନୁଭବ ଦେବା ପାଇଁ ଡିଜାଇନ୍ କରାଯାଇଥିବାବେଳେ ଏଥିରେ ଏକ ପ୍ରୋ-ଗ୍ରେଡ୍ ଟ୍ରିପଲ୍ କ୍ୟାମେରା ସିଷ୍ଟମ୍ ସହ ଏକ କ୍ଲାସ୍-ଲିଡିଂ ୧/୧.୩' ମୁଖ୍ୟ ସେନ୍ସର୍ ଅନ୍ତର୍ଭୁକ୍ତ ରହିଛି। ଫୋନ୍ (୩) ରେ ଏକ ନୂତନ ତ୍ରି-ସ୍ତମ୍ଭ ଲେଆଉଟ୍ ରହିଛି। ନଥିଙ୍ଗ ଫୋନ୍ (୩) କଳା ଏବଂ ଧଳା ରଙ୍ଗ ବିକଳ୍ପରେ ଉପଲବ୍ଧ ହେବ। ସେହିପରି ନଥିଙ୍ଗ ହେଡଫୋନ୍ (୧)ରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ସୁବିଧା ଓ ଶକ୍ତିଶାଳୀ ସାଉଣ୍ଡ ସିଷ୍ଟମ ସାମିଲ ରହିଛି। ଭାରତୀୟ ବଜାରରେ ଏହା କଳା ଏବଂ ଧଳା କଲରେ ଉପଲବ୍ଧ ହେବ।

# ସୋସିଆଲ ଫୋବିଆ

**କେତେଜଣଙ୍କୁ ଅଧିକ ଲୋକଙ୍କ ଆଗକୁ କିମ୍ବା ସାମାଜିକ ସମାରୋହକୁ ଯିବାକୁ ଡର ଲାଗିଥାଏ। ଏହା ଏକ ମାନସିକ ସମସ୍ୟା, ଯାହାକୁ ସୋସିଆଲ ଫୋବିଆ ବା ସୋସିଆଲ ଆଙ୍ଗ୍‌ଜାଇଟି ଡିଜ୍‌ଅର୍ଡର କୁହାଯାଏ। ତେବେ ଦୃଢ଼ ଇଚ୍ଛାଶକ୍ତି ଓ ଗଭୀର ଆତ୍ମବିଶ୍ୱାସର ସହ ପ୍ରଚେଷ୍ଟା ହିଁ ଏହି ଡରକୁ ନିଜ ଭିତରୁ ଦୂରେଇବାରେ ସହାୟକ ହୋଇପାରିବ...**



କାର୍ଯ୍ୟବ୍ୟସ୍ତତା ଯୋଗୁ ଅନେକ ସମୟରେ କେହି କେହି ବିଭିନ୍ନ ସାମାଜିକ ସମାରୋହରେ ସାମିଲ ହୋଇ ପାରି ନ ଥା'ନ୍ତି। ହେଲେ ତାହା ଧୀରେ ଧୀରେ ଅଭ୍ୟାସରେ ପରିଣତ ହୋଇଯାଏ, ଯାହାକୁ ସୋସିଆଲ୍ ଫୋବିଆ ବୋଲି କୁହାଯାଇଥାଏ। ଏହା ଏକପ୍ରକାର ମାନସିକ ସମସ୍ୟାର ଲକ୍ଷଣ ହୋଇପାରେ।

**ଏହାର ପ୍ରମୁଖ ଲକ୍ଷଣ:** ସୋସିଆଲ୍ ଫୋବିଆ ସମସ୍ୟା ଥିବା ଯୁବତୀ ଯୁବକଙ୍କଠାରେ ଅଜଣାଙ୍କ ସହ ଭେଟିଲେ କିମ୍ବା କଥା ହେଲେ ବିଚଳିତ ହୋଇପଡ଼ିବା, ସେମିନାର, କ୍ଲାସ୍‌ରୁମ୍ କିମ୍ବା କୌଣସି ମିଟିଂକୁ ଗଲେ, ସେଠାରେ କିଛି କହିବାକୁ ହେଲେ ଅବା ଏକାଠି ବସି ଖାଇବାକୁ ହେଲେ ତଣ୍ଟି ଶୁଖିଯିବା, ଛାତି ଧଡ଼ ଧଡ଼ ହେବା, ହାତ ପାଦ ଥରିବା, ଝାଳ ବାହାରିବା, କଣ୍ଠ ଥରିବା ବା ପାଟି ଲାଗିବା ଭଳି ଲକ୍ଷଣ ଦେଖାଯାଇଥାଏ। କେବଳ ଏତିକି ନୁହେଁ, ସେମାନଙ୍କ ମନରେ ମୁଁ ଯଦି ନ କହିପାରିବି ଅନ୍ୟମାନେ କ'ଣ ଭାବିବେ, ସମାଲୋଚନା କରିବେନି ତ, ଏତେଜଣଙ୍କ ଆଗରେ ମୋର ସମ୍ମାନ ହାନି ହୋଇଯିବନି ତ ଭଳି ଅନେକ ନକାରାତ୍ମକ ଭାବନା ଆସିଥାଏ।

ଏହାଦ୍ୱାରା ଧୀରେ ଧୀରେ ଆତ୍ମବିଶ୍ୱାସ କମିଯାଏ। ଯେହେତୁ ଏଭଳି ଯୁବତୀଯୁବକ ଅନ୍ୟମାନଙ୍କ ସହ କଥା ହେବାକୁ ଡରନ୍ତି, ତେଣୁ ସେମାନଙ୍କ ସାମାଜିକ ପରିସର ବା ସୋସିଆଲ୍ ଲାଇଫ୍ ଖୁବ୍ ସୀମିତ ହୋଇଯାଏ। ସେମାନେ ନୂଆ ସାଙ୍ଗସାଥୀ କରିପାରନ୍ତି ନାହିଁ ଏବଂ ସବୁବେଳେ ଏକା ରହିବାକୁ ପସନ୍ଦ କରନ୍ତି। ସେମାନଙ୍କର କୌଣସି ନିଷ୍ପତ୍ତି ନେବାର କ୍ଷମତା ମଧ୍ୟ କମିଯାଏ।

ସେମାନଙ୍କ ମସ୍ତିଷ୍କରେ ନ୍ୟୁରେ କେମିକାଲ୍‌ଗୁଡ଼ିକର ଅସନ୍ତୁଳନ ଯୋଗୁ ମସ୍ତିଷ୍କର କିଛି ଅଂଶର କାର୍ଯ୍ୟକ୍ଷମତା ହ୍ରାସ ପାଇଥାଏ। ଫଳରେ ସେମାନେ ଅନ୍ୟ ସମ୍ମୁଖରେ ଠିକ୍ ଭାବେ ନିଜ କଥା କିମ୍ବା ପ୍ରତିକ୍ରିୟା ପ୍ରକାଶ କରିପାରନ୍ତି ନାହିଁ। ଏହି ସମସ୍ୟା କେବେକେବେ ବଂଶଗତ ବି ହୋଇପାରେ। ପିଲାବେଳେ ଯଦି ପରିବାରର ପରିବେଶ ପ୍ରତିକୂଳ ହୋଇଥାଏ,





ପିଲା ଅବସାଦଗ୍ରସ୍ତ ରହୁଥାଏ, ତେବେ ଏପରି ହେବାର ଆଶଙ୍କା ଅଧିକ। ଆଉ କେତେକ କ୍ଷେତ୍ରରେ ଯଦି କାହାକୁ ଏକ ଜନସମାଗମରେ ବଡ଼ଧରଣର ଅପମାନର ଶିକାର ହେବାକୁ ପଡ଼ିଥାଏ ଏବଂ ଗଭୀର ମାନସିକ ପ୍ରଭାବ ପଡ଼ିଥାଏ, ତେବେ ସୋସିଆଲ୍ ଫୋବିଆ ହୋଇପାରେ।

**ପ୍ରତିକାର:** ଏଭଳି ସମସ୍ୟା ଦେଇ ଗତି କରୁଥିବା ଯୁବତୀ ଯୁବକଙ୍କୁ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ସେବନ କରିବା ସହ କଗ୍ନେଟିଭ୍ ବିହେଭିଅରାଲ ଥେରାପି, ଏକ୍ସପୋଜର୍ ଏବଂ ରିଲାକ୍ସେଶନ୍ ଥେରାପି ନେବା ଆବଶ୍ୟକ। ଦୁଇ-ତିନି ମାସ ଏପରି କଲେ ଧୀରେ ଧୀରେ ମାନସିକ ସ୍ଥିତିରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। ହେଲେ ଚିକିତ୍ସା ଅଧାରୁ ବନ୍ଦ ନ କରିବା ଦରକାର।

**ନିଜସ୍ୱ ଉଦ୍ୟମ ଜରୁରୀ:** ସୋସିଆଲ୍ ଫୋବିଆ ସ୍ଥିତି ଦେଇ ଗତି କରୁଥିବା ଯୁବପିଢ଼ିଙ୍କୁ ଏଥିରୁ ଦୂରେଇ ରହିବା ଲାଗି ନିଜେ ଚେଷ୍ଟା କରିବା ବହୁତ ଜରୁରୀ।

➔ ଏଥିପାଇଁ ସର୍ବପ୍ରଥମେ ନିଜ ମନରୁ ଅନ୍ୟମାନଙ୍କ ଆଗରେ କିଛି କହିବାର ଭୟ ଦୂର କରି ସ୍ପଷ୍ଟ ଭାବେ ଖୋଲି କରି କହିବା ଦରକାର। ଯେଉଁ ପର୍ଯ୍ୟନ୍ତ ମୁଁ କିଛି କହିପାରିବି ନାହିଁ ଭଳି ନକାରାତ୍ମକ ଚିନ୍ତା ମନରୁ ଦୂର ନ ହୋଇଛି, ସେ ପର୍ଯ୍ୟନ୍ତ ଆଗକୁ ବଢ଼ିବା କଷ୍ଟ ହେବ।



➔ ପର୍ସନାଲ୍ ଗ୍ରୁମିଂ ସହ ଜଡ଼ିତ ବିଭିନ୍ନ ବହି ପଢ଼ିବା ଏବଂ ସମ୍ବନ୍ଧିତ ବିଭିନ୍ନ ଭିଡିଓ ଦେଖିବା ଭଲ। ବର୍ତ୍ତମାନ ଏଥିପାଇଁ ବିଭିନ୍ନ ଶର୍ଟଟର୍ମ କୋର୍ସ ମଧ୍ୟ ଉପଲବ୍ଧ ଯାହାକୁ ଆଟେଣ୍ଡ କଲେ ଉପକୃତ ହୋଇପାରିବେ।

➔ ଯଦି କୌଣସି ମିଟିଂ କିମ୍ବା ଗ୍ରୁପ୍ ଡିସ୍କଶନ୍‌ରେ ଯୋଗ ଦେବାକୁ ଡର ଲାଗୁଥାଏ, ତେବେ ସେଠାରେ କ'ଣ କହିବେ ପ୍ରଥମେ ଘରେ ଏକ ନୋଟ୍ ପ୍ରସ୍ତୁତ କରି ଅଭ୍ୟାସ କଲେ ଡର ଦୂରେଇବାରେ ସାହାଯ୍ୟ କରିବ।

➔ ଇଣ୍ଟ୍ରୋଭଟ୍ ହେବା କିମ୍ବା ନିଜକୁ ଅନ୍ୟଠୁ ଦୁର୍ବଳ ଭାବିବା ପରିବର୍ତ୍ତେ ଆତ୍ମବିଶ୍ୱାସ ବଢ଼ାଇବାକୁ ଚେଷ୍ଟା କରନ୍ତୁ। ପ୍ରଥମେ ଏକାକୀ ମିରର୍ ଆଗରେ ଦୃଢ଼ମନରେ କଥା ହୁଅନ୍ତୁ। ପରିବାର ସଦସ୍ୟ ଏବଂ ସାଙ୍ଗସାଥୀଙ୍କ ସାହାଯ୍ୟ ନିଅନ୍ତୁ।





## ଏ ସପ୍ତାହର ପ୍ରଶ୍ନ

୧- ଭାରତର ପ୍ରଥମ ଗ୍ରୀନ୍ ଡାଟା ସେଣ୍ଟର ..........ଠାରେ ଆରମ୍ଭ ହୋଇଛି ?
୨- ଦି ପାସ୍‌ପୋର୍ଟ ସେବା ପୋର୍ଟାଲ୍ .......... ପକ୍ଷରୁ ପ୍ରତିଷ୍ଠା କରାଯାଇଛି ?
୩- କାମ୍ବାଟାଗୁଡ଼ା ୱାଇଲ୍ଡଲାଇଫ୍ ସାଞ୍ଚୁଆରି ........ ରାଜ୍ୟରେ ଅବସ୍ଥିତ ?
୪- ଭାରତର ପ୍ରଥମ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପାୱାର୍ଡ ଆଡ୍‌ଭାନ୍ସ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସିଷ୍ଟମ .......... ଏକ୍ସପ୍ରେସ୍‌ୱେରେ ଆରମ୍ଭ କରାଯାଇଛି ?
୫- ଝିରିମେଳା .............ଠାରେ ଅନୁଷ୍ଠିତ ହୁଏ ?

## ଗତ ଥରର ଉତ୍ତର

୧ କେରଳ
୨ ଜୁନ୍ ୧୯
୩ କୁକୁଡ଼ା
୪ ଏଚ୍.ଜି. ୱେଲ୍ସ
୫ ମିନିଷ୍ଟ୍ରି ଅଫ୍ ମାଇନ୍ସ

## ଉତ୍ତରଦାତା



ନରେଶ ଚନ୍ଦ୍ର ପ୍ରଧାନ, ଯାଜପୁର | ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର | କ୍ରିଷ୍ଣା ପ୍ରଧାନ, ଥୁଆନାଲ୍ | ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ -ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ପୃଥିବୀର ଚର୍ଚ୍ଚିତ ସ୍ମାର୍ଟ ସିଟି



୧- ଜୁରିଚ୍ .................... ସୁଇଜରଲାଣ୍ଡ
୨- ଓସ୍ଲୋ .................... ନରୱେ
୩- କାନ୍‌ବେରା .................... ଅଷ୍ଟ୍ରେଲିଆ
୪- ଜେନେଭା .................... ସୁଇଜରଲାଣ୍ଡ
୫- ସିଙ୍ଗାପୁର .................... ସିଙ୍ଗାପୁର
୬- କୋପେନ୍‌ହାଗେନ୍ .................... ଡେନ୍‌ମାର୍କ
୭- ଲୌସାନେ .................... ସୁଇଜରଲାଣ୍ଡ
୮- ଲଣ୍ଡନ.................... ଇଂଲଣ୍ଡ
୯- ହେଲ୍‌ସିଙ୍କି .................... ଫିନ୍‌ଲାଣ୍ଡ
୧୦- ଆବୁଧାବି .................... ୟୁନାଇଟେଡ୍ ଆରବ ଏମିରେଟ୍ସ

## ଜାଣନ୍ତୁ ଦୁନିଆ

# ଅଜବ ଏୟାରପୋର୍ଟ

**ଏୟାରପୋର୍ଟ ନାଁ ଶୁଣିଲେ ଏକ ପ୍ରଶସ୍ତ ସ୍ଥାନ ଯେଉଁଠି ଏକାଧିକ ଏରୋପ୍ଲେନ ରହିବା, ଲମ୍ବା ଲମ୍ବା ରନ୍‌ୱେ ଥିବା ଭଳି ଛବି ମନକୁ ଆସେ। ହେଲେ ପୃଥିବୀରେ ଏମିତି କେତେକ ଅଜବ ଏୟାରପୋର୍ଟ ରହିଛି, ଯାହା ସମ୍ପର୍କରେ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। ଜାଣନ୍ତୁ ଏଭଳି କେତେକ ଏୟାରପୋର୍ଟ ସମ୍ପର୍କରେ...**

**ଫୋଏନିକ୍ସ ଏୟାରଫିଲ୍ଡ:** ଆଣ୍ଟାର୍କଟିକାରେ ଥିବା ଏହି ଏୟାରଫିଲ୍ଡର ରନ୍‌ୱେ ସମ୍ପୂର୍ଣ୍ଣ ବରଫ ଉପରେ ନିର୍ମାଣ ହୋଇଛି। ସେଠାରେ ଥିବା ମ୍ୟାକ୍‌ମୁର୍ଡୋ ଷ୍ଟେଶନ୍ ନିକଟରେ ଥିବା ରସ୍ ଆଇସ୍ ଶେଲ୍ଫରେ ଏହା ନିର୍ମାଣ କରାଯାଇଛି। ବରଫରେ ନିର୍ମାଣ ହୋଇଥିବାରୁ ଖରାଦିନେ ଏହି ଏୟାରପୋର୍ଟ ଦେଖାଯାଇ ନ ଥାଏ। ତେଣୁ ପ୍ରତିବର୍ଷ ଏହାକୁ ପୁନଃ ନିର୍ମାଣ କରିବାକୁ ହୋଇଥାଏ।

**ବାର୍‌ରା ଏୟାରପୋର୍ଟ:** ସ୍କଟ୍‌ଲାଣ୍ଡରେ ଥିବା ବାର୍‌ରା ଆଇସ୍‌ଲାଣ୍ଡରେ ରହିଛି ଏହି ଅଜବ ଏୟାରପୋର୍ଟ। ଏହା ସମୁଦ୍ରତଟରେ ଥିବା ପୃଥିବୀର ଏକମାତ୍ର ଏୟାରପୋର୍ଟ, ଯେଉଁଠାରେ ବିମାନ ଉଡ଼ାଣ ଓ ଅବତରଣ, ସେଠାରେ ଥିବା ସମୁଦ୍ର ଜୁଆରର ସମୟ ଅନୁଯାୟୀ ନିର୍ଦ୍ଧାରଣ କରାଯାଇଥାଏ। ହାଇଲାଣ୍ଡ୍‌ସ ଆଣ୍ଡ ଆଇସ୍‌ଲାଣ୍ଡ୍‌ସ ଏୟାରପୋର୍ଟ୍ସ ଲିମିଟେଡ୍ ଦ୍ୱାରା ଏହା ପରିଚାଳିତ ହୋଇଥାଏ।

**ଲୁକ୍‌ଲା ଏୟାରପୋର୍ଟ:** ନେପାଳରେ ଥିବା ଏହି ଏୟାରପୋର୍ଟ ୧୯୭୧ ମସିହାରେ ପ୍ରତିଷ୍ଠା ହୋଇଥିଲା। ୧୯୫୩ରେ ସର୍ବପ୍ରଥମେ ଏଭରେଷ୍ଟରେ ଚଢ଼ିଥିବା ଟେଞ୍ଜିଙ୍ଗ୍ ନର୍‌ଗେ ଶେର୍ପା ଏବଂ ସାର୍ ଏଡ୍‌ମଣ୍ଡ ହିଲାରୀଙ୍କ ସମ୍ମାନରେ ୨୦୦୮ରେ ଏହାର ନାମ ପରିବର୍ତ୍ତନ କରାଯାଇ ଟେଞ୍ଜିଙ୍ଗ୍-ହିଲାରୀ ଏୟାରପୋର୍ଟ ରଖାଗଲା। ଏହାକୁ ପୃଥିବୀର ସବୁଠୁ ଭୟଙ୍କର ଏୟାରପୋର୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଏହାର ଚାରିପଟେ ଉଚ୍ଚ ପାହାଡ଼ ରହିଥିବା ବେଳେ ଏହାର ରନ୍‌ୱେ ଖୁବ୍ ଛୋଟ। ସାଧାରଣତଃ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟଗୁଡ଼ିକର ରନ୍‌ୱେ ୫୦୦୦ ଫୁଟ୍ ହୋଇଥିବା ବେଳେ ଏହି ଏହାରପୋର୍ଟର ରନ୍‌ୱେର ଲମ୍ବ ମାତ୍ର ୧୭୨୯ ଫୁଟ୍। ଏହା ସମୁଦ୍ରପତ୍ତନଠୁ ୯୩୩୭ ଫୁଟ୍ ଉଚ୍ଚତାରେ ଥିବାରୁ ସେଠାରେ ବାୟୁ ସ୍ତର ଖୁବ୍ ପତଳା। ତା'ଛଡ଼ା ଏତେ ଉଚ୍ଚତାରେ ଥିବାରୁ ସେଠାରେ କେବେ କୁହୁଡ଼ି ତ କେବେ ଅତ୍ୟଧିକ ଥଣ୍ଡା ସାଙ୍ଗକୁ ତୁଷାରପାତ ବି ହୋଇଥାଏ। ତେଣୁ ଟେକ୍‌ଅଫ୍ ସମୟରେ ଅସୁବିଧା ହୋଇଥାଏ। ତଥାପି ଏହି ଏୟାରପୋଟ ସବୁବେଳେ ବ୍ୟସ୍ତବହୁଳ।





## ୟୁଥ୍ ଫ୍ୟାଶନ୍

# ବ୍ରେସ୍‌ଲେଟ୍ ୱାଚ୍

**ଅଧିକାଂଶ ଯୁବତୀ ଯୁବକଙ୍କୁ ବ୍ରେସ୍‌ଲେଟ୍ ଏବଂ ରିଷ୍ଟୱାଚ୍ ପିନ୍ଧିବା ପସନ୍ଦ। କିନ୍ତୁ ଉଭୟକୁ ଏକାଠି ପିନ୍ଧିବା ଦ୍ୱାରା ବେଳେବେଳେ ଅସୁବିଧା ହୋଇଥାଏ, ଯେଉଁଥିପାଇଁ ଇଚ୍ଛା ଥିଲେ ବି ସେମାନଙ୍କୁ ଗୋଟିଏକୁ ବାଛିବାକୁ ପଡ଼ିଥାଏ। ହେଲେ ବର୍ତ୍ତମାନ ମାର୍କେଟ୍‌ରେ ମିଳୁଥିବା ବ୍ରେସ୍‌ଲେଟ୍ ୱାଚ୍ ଅଧିକାଂଶ ଯୁବପିଢ଼ିଙ୍କ ପାଇଁ ପାଲଟିଛି ଲାଟେଷ୍ଟ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ...**



**ମେଟାଲିକ୍ ଷ୍ଟୋନ୍‌ୱାର୍କ ବ୍ରେସ୍‌ଲେଟ୍ ୱାଚ୍:** ଏଭଳି ୱାଚ୍‌କୁ ଉଭୟ ଯୁବତୀ ଏବଂ ଯୁବକ ବିଭିନ୍ନ ସ୍ପେଶାଲ୍ ଅବସରରେ ପିନ୍ଧିଲେ ଆଇକ୍ୟାଚି ଲୁକ୍ ପାଇପାରିବେ।

**ଲେଦର ବ୍ରେସ୍‌ଲେଟ୍ ୱାଚ୍:** ବ୍ଲାକ୍, ବ୍ରାଉନ୍, ମେରୁନ୍, ଡାର୍କଗ୍ରୀନ୍ ଭଳି କଲରର ଲେଦର ବ୍ରେସ୍‌ଲେଟ୍ ୱାଚ୍ ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ଖୁବ୍ ଡିମାଣ୍ଡରେ ଅଛି। କାଜୁଆଲ୍ ଓ ମଡର୍ନ ଲୁକ୍ ପାଇଁ ଅଧିକାଂଶ ବିଶେଷକରି ଯୁବକମାନେ ଏହାକୁ ଅଧିକ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

**ଫ୍ଲୋରାଲ୍ ବ୍ରେସ୍‌ଲେଟ୍ ୱାଚ୍:** ଟ୍ରାଡିଶନାଲ୍ ଆଉଟ୍‌ଫିଟ୍ ସହିତ ଏଭଳି ୱାଚ୍ ପିନ୍ଧିଲେ କ୍ଲାସି ଲାଗିଥାଏ। ଏହା ଦେଖିବାକୁ ସୁନ୍ଦର ଏବଂ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ।

**ପର୍ଲ ବ୍ରେସ୍‌ଲେଟ୍ ୱାଚ୍:** ଏହି ୱାଚ୍ ଯୁବତୀମାନଙ୍କର ବହୁତ ପସନ୍ଦ। ଏହାକୁ ହ୍ୱାଇଟ୍ ଆଉଟ୍‌ଫିଟ୍ ସହିତ ପିନ୍ଧିଲେ ଏଲିଗାଣ୍ଟ ଲୁକ୍ ମିଳିଥାଏ।

**ମ୍ୟାଚିଂ ବ୍ରେସ୍‌ଲେଟ୍ ୱାଚ୍:** ବର୍ତ୍ତମାନ ଡ୍ରେସ୍ ସହ ମ୍ୟାଚିଂ କଲରର ଆସେସରିଜ୍ ପିନ୍ଧିବାକୁ ଅନେକ ପସନ୍ଦ କରୁଛନ୍ତି। ଏମିତିରେ ସେମାନଙ୍କ ପାଇଁ ମ୍ୟାଚିଂ କଲରର ବ୍ରେସ୍‌ଲେଟ୍ ୱାଚ୍ ପର୍‌ଫେକ୍ଟ ଚଏସ୍ ପାଲଟିଛି।



Dr. Juneja's ପେଟ ସଫା
Natural Laxative Granules & Tablets
ସହାୟକ: କୋଷ୍ଠକାଠିନ୍ୟ ଗ୍ୟାସ୍ ଏସିଡିଟି
ଯଦି ଆପଣ ମଧ୍ୟ କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା କାରଣରୁ ବ୍ୟଥିତ ଅଟନ୍ତି ତେବେ ଆଜି ହିଁ ନିଅନ୍ତୁ, ପେଟ ସଫା ଗ୍ରାନ୍ୟୁଲ୍ସ/ଟାବ୍‌ଲେଟ୍ସ । ଏହା ମୁହଁରେ ଲାଖିରହେ ନାହିଁ । ଶୋଇବା ପୂର୍ବରୁ ଖାଆନ୍ତୁ ଓ ଆରାମ ପାଆନ୍ତୁ ।
20% EXTRA | TABLETS | NO.1 BRAND
Provides Effective Relief
Balances Digestive Health
Ayurvedic Proprietary Medicine
Clinically Tested* *For efficacy and safety.
Divisa www.divisastore.com
24x7 Helpline: 91197 88888 | www.petsaffa.com
Available at all medical & general stores

# ଗିଲ୍‌ଙ୍କ ଶତକ: ଭାରତ ଦୃଢ଼

**ବର୍ମିଂହାମ, ୫ା୭**

ଅଧିନାୟକ ଶୁବମନ ଗିଲ୍‌ଙ୍କ କ୍ରମାଗତ ଶତକ ସହାୟତାରେ ଭାରତ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ନିଜର ସ୍ଥିତିକୁ ସୁଦୃଢ଼ କରିଛି। ଅଧିନାୟକ ଭାବେ ୪ ଇନିଂସରେ ୩ ଶତକ ହାସଲ କରି ଗିଲ୍ ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ରିପୋର୍ଟ ପ୍ରସ୍ତୁତ ବେଳକୁ ଭାରତ ଦ୍ୱିତୀୟ ଇନିଂସରେ ୫ ଉଇକେଟ ହରାଇ ୪୧୨ ରନ ସଂଗ୍ରହ କରିଛି। ଫଳରେ ୫ ଉଇକେଟ ସୁରକ୍ଷିତ ଥାଇ ଭାରତ ୫୯୨ ରନରେ ଅଗ୍ରଣୀଲାଭ କରିଛି। ଶୁବମନ ଗିଲ୍ ୧୬୧(୧୬୨ ବଲ୍, ୧୩ ଚୌକା, ୮ ଛକା) ରନ୍ କରି ଆଉଟ ହୋଇଥିବା ବେଳେ ରବୀନ୍ଦ୍ର ଜାଡେଜା ୬୬ ରନରେ ଅପରାଜିତ ରହିଛନ୍ତି।

ତୃତୀୟ ଦିବସର ଅସମାପ୍ତ ସ୍କୋର ୬୪/୧ରୁ ଖେଳ ଆରମ୍ଭ କରିଥିଲା ଭାରତ। ଭଲ ଆରମ୍ଭ କରିଥିବା କରୁଣ ନାୟାର ୨୬ ରନକରି ଆଉଟ ହୋଇଥିବାବେଳେ ଅର୍ଦ୍ଧଶତକ ହାସଲ କରିଥିଲେ ଲୋକେଶ ରାହୁଲ। ତେବେ ସେ ୫୫ ରନ କରି ଜୋଶ୍ ଟଙ୍ଗ୍‌ଙ୍କ ବଲ୍‌ରେ ବୋଲ୍ଡ ହୋଇଯାଇଥିଲେ।


ଶତକ ହାସଲପରେ ଶୁବମନ ଗିଲ୍।

ଗିଲ୍‌ଙ୍କ ସହ କ୍ରିଜ୍‌ରେ ଯୋଗଦେଇ ରିଷଭ ପନ୍ତ ଦ୍ରୁତ ହାରରେ ରନ ସଂଗ୍ରହ ସହ ଭାରତୀୟ ଇନିଂସକୁ ଆଗେଇ ନେଇଥିଲେ। ୪ର୍ଥ ଉଇକେଟରେ ଦୁହେଁ ଶତକୀୟ ଭାଗୀଦାରି ଗଢ଼ିଥିଲେ। ୧୦୩ ବଲ୍‌ରୁ ୧୧୦ ରନ ସଂଗ୍ରହ ପରେ ପନ୍ତ ୫୮ ବଲ୍‌ରୁ ୬୫ ରନକରି ଆଉଟ ହୋଇଥିଲେ। ଏହାପରେ ଗିଲ୍ ଓ ରବୀନ୍ଦ୍ର ଜାଡେଜାଙ୍କ ଯୋଡ଼ି ୫ମ ଉଇକେଟରେ ଶତକୀୟ ପାର୍ଟନରଶିପ୍ ଗଢ଼ିଥିଲେ। ଏହି ଅବସରରେ ଗିଲ୍ ଶତକ ହାସଲ କରିଥିଲେ। ସୁନୀଲ ଗାଭାସ୍କର ଓ ବିରାଟ କୋହଲିଙ୍କ ପରେ ଭାରତର ତୃତୀୟ ଅଧିନାୟକ ଭାବେ ସେ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିଥିଲେ। ଏହା ବ୍ୟତୀତ ଅଧିନାୟକ ଭାବେ ନିଜ ପ୍ରଥମ ୨ ଟେଷ୍ଟରେ ୩ ଶତକ ହାସଲ କରିବାରେ ସେ ଦ୍ୱିତୀୟ ଭାରତୀୟ ହୋଇଥିଲେ। ପୂର୍ବରୁ ବିରାଟ କୋହଲି ଏହି ରେକର୍ଡର ଅଧିକାରୀ ଥିଲେ। ସେହିପରି ଗୋଟିଏ ଟେଷ୍ଟରେ ସର୍ବାଧିକ ରନ କରିବାରେ ସୁନୀଲ ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଥିଲେ ଗିଲ୍। ଗାଭାସ୍କର ୧୯୭୧ରେ ପୋର୍ଟ ଅଫ୍ ସ୍ପେନ୍ ଟେଷ୍ଟରେ ୩୪୪ ରନକରି ରେକର୍ଡର ଅଧିକାରୀ ଥିଲେ। ପ୍ରକାଶ ଯୋଗ୍ୟ ଯେ, ଗିଲ୍ ପ୍ରଥମ ଇନିଂସରେ ୨୬୯ ରନ ସ୍କୋର କରିଥିଲେ। ଏହି ଟେଷ୍ଟରେ ଭାରତ ପ୍ରଥମ ଇନିଂସରେ ୫୮୭ ଓ ଇଂଲଣ୍ଡ ୪୦୭ ରନ କରିଥିଲା।

### ଉଭୟ ଇନିଂସରେ ଶତକ (ଭାରତୀୟ ଅଧିନାୟକ)

* ସୁନୀଲ ଗାଭାସ୍କର ବନାମ ୱେଷ୍ଟଇଣ୍ଡିଜ, କୋଲକାତା, ୧୯୭୮
* ବିରାଟ କୋହଲି ବନାମ ଅଷ୍ଟ୍ରେଲିଆ, ଆଡିଲେଡ, ୨୦୧୪
* ଶୁବମନ ଗିଲ୍ ବନାମ ଇଂଲଣ୍ଡ, ଏଜବାଷ୍ଟନ, ୨୦୨୫

(ଅଧିନାୟକ ଭାବେ ନିଜ ପ୍ରଥମ ୨ ଟେଷ୍ଟରେ ୩ ଶତକ ହାସଲ କରିବାରେ ଗିଲ୍ ଦ୍ୱିତୀୟ ଭାରତୀୟ। ପୂର୍ବରୁ ବିରାଟ କୋହଲି ଏହି ସଫଳତା ପାଇଥିଲେ।

## ଜୋଟାଙ୍କ ଶେଷକୃତ୍ୟ ସମ୍ପନ୍ନ

**ଗଣ୍ଡୋମାର (ପର୍ତ୍ତୁଗାଲ),୫ା୭ (ଏପି)**

ଗଣ୍ଡୋମାର ସହରର ଇଗ୍ରେଜା ମାଟ୍ରିଜ ଚର୍ଚ୍ଚରେ ପର୍ତ୍ତୁଗାଲ ତଥା ଲିଭରପୁଲ ଖେଳାଳି ଡିଏଗୋ ଜୋଟା ଓ ତାଙ୍କ ଭାଇ ଆନ୍ଦ୍ରେ ସିଲଭାଙ୍କର ଶନିବାର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ଅନ୍ତ୍ୟେଷ୍ଟି କ୍ରିୟାରେ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ଲିଭରପୁଲ ଖେଳାଳିମାନେ ଯୋଗ ଦେଇଥିଲେ। ଲିଭରପୁଲ ଅଧିନାୟକ ଭର୍ଜିଲ ଭାନ ଡିଜକ, ସାଥୀ ଖେଳାଳି ଆଣ୍ଡ୍ରୁ ରବର୍ଟସନଙ୍କ ସହିତ ସ୍ଥାନୀୟ ଗଣ୍ଡୋମାର ଏଫ୍‌ସି ଖେଳାଳି, ପର୍ତ୍ତୁଗାଲ ଜାତୀୟ ଦଳର କୋଚ୍ ରବେର୍ଟୋ ମାର୍ଟିନେଜ, ପର୍ତ୍ତୁଗାଲ ଖେଳାଳି ବର୍ନାଣ୍ଡୋ ସିଲଭା, ରୁବେନ ଡିଆସ, ବ୍ରୁନୋ ଫର୍ନାଣ୍ଡେଜ ପ୍ରମୁଖ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଜୋଟା(୨୮) ନର୍ଦ୍ଦର୍ନ ସ୍ପେନରୁ ଏକ ବୋଟ୍‌ରେ ଇଂଲଣ୍ଡ ଯିବା ପାଇଁ ବୁଧବାର ବିଳମ୍ବିତ ରାତିରେ ଭାଇ ସିଲଭା (୨୫)ଙ୍କ ସହ ଲାମ୍ବୋର୍ଗିନି କାର୍‌ରେ ଯାଉଥିବା ବେଳେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଟାୟାର ଫାଟି ଯିବାରୁ କାରରେ ନିଆଁ ଲାଗି ଯିବାରୁ ସେମାନଙ୍କ ମୃତ୍ୟୁ ହୋଇଥିଲା।

### ଫିଫାର ଶ୍ରଦ୍ଧାଞ୍ଜଳି

ଆମେରିକାର ଫିଲାଡେଲଫିଆ, ଅର୍ଲାଣ୍ଡୋ ଓ ଫ୍ଲୋରିଡାରେ ଚାଲିଥିବା କ୍ଲବ ବିଶ୍ୱକପ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଫିଫା ପକ୍ଷରୁ ଡିଏଗୋ ଜୋଟା ଓ ତାଙ୍କ ଭାଇ ଆନ୍ଦ୍ରେ ସିଲଭାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

# ନୀରଜ ଜିତିଲେ ଏନ୍‌ସି କ୍ଲାସିକ୍


ବେଙ୍ଗାଲୁରୁରେ ଜାଭେଲିନ୍ ଥ୍ରୋ ଅବସରରେ ଭାରତର ନୀରଜ ଚୋପ୍ରା।

**ବେଙ୍ଗାଲୁରୁ, ୫ା୭**

ଭାରତର ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ତାଙ୍କ ଉଜ୍ଜଳ କ୍ୟାରିୟରରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡ଼ିଛନ୍ତି। ସେ ପ୍ରଥମ ଭାରତୀୟ ଭାବେ ଏକ ଅନ୍ତର୍ଜାତୀୟ ଇଭେଣ୍ଟର ଆୟୋଜନ କରିବା ସହ ଏହାର ଟାଇଟଲ ବିଜୟୀ ହେବାର ଗୌରବ ଅର୍ଜନ କରିଛନ୍ତି। ବିଶ୍ୱ ରେକର୍ଡଧାରୀ ସ୍ୱିଡିଶ ପୋଲ୍‌ଭଲ୍ଟର ଆର୍ମାଣ୍ଡୋ ଡୁପ୍ଲାଣ୍ଟିସ ଓ କେନିଆର କିପ୍‌ଚୋଗେ କିନୋଙ୍କ ଦ୍ୱାରା ସେ ଅନୁପ୍ରାଣିତ ହୋଇଛନ୍ତି। ଏହି ଦୁଇ ଆଥଲେଟ ସେମାନଙ୍କ ନାମରେ ମୋଣ୍ଡୋ କ୍ଲାସିକ୍ ଓ କିପ୍ କିନୋ କ୍ଲାସିକ୍‌ର ଆୟୋଜନ କରିଆସୁଛନ୍ତ, ଯାହାକି ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ଇଭେଣ୍ଟର ମାନ୍ୟତା ଲଭ କରିଛି। ଶନିବାର ସ୍ଥାନୀୟ କାଣ୍ଟିରାଭା ଷ୍ଟାଡିୟମରେ ନୀରଜ ତାଙ୍କ ନାମରେ ଏନସି କ୍ଲାସିକ୍ ଇଭେଣ୍ଟର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ପରିବାର ଏବଂ ସ୍ଥାନୀୟ ଦର୍ଶକଙ୍କ ଉପସ୍ଥିତିରେ ଡବଲ ଅଲିମ୍ପିକ ପଦକ ବିଜେତା ନୀରଜ ତାଙ୍କ ୩ୟ ରାଉଣ୍ଡ ଥ୍ରୋ ୮୬.୧୮ ମିଟର ସହ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ କେନିଆର ୨୦୨୫ ବିଶ୍ୱ ଚାମ୍ପିୟନ ଜୁଲିଅସ୍ ୟେଗୋ (୮୪.୫୧ ମିଟର) ସହ ଦ୍ୱିତୀୟ ଏବଂ ଶ୍ରୀଲଙ୍କାର ରୁମେଶ ପଥିରାଗେ (୮୪.୩୪ ମିଟର) ତୃତୀୟ ସ୍ଥାନରେ ରହିଥିଲେ।

## ଯୁବ କ୍ରିକେଟରେ ସୂର୍ଯ୍ୟବଂଶୀଙ୍କ ରେକର୍ଡ ଶତକ

**ନୂଆଦିଲ୍ଲୀ,୫ା୭**

୧୪ ବର୍ଷୀୟ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ୧୯ ବର୍ଷରୁ କମ୍ ଇଂଲଣ୍ଡ ଦଳ ବିପକ୍ଷରେ ୫୨ ବଲରେ ଶତକ ପୂରଣ କରିବା ସହ ଯୁବ ଦିନିକିଆ କ୍ରିକେଟରେ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ୧୯ ବର୍ଷରୁ କମ୍ ଭାରତୀୟ ଦଳ ପାଇଁ ଖେଳୁଥିବା ସୂର୍ଯ୍ୟବଂଶୀ ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ ଯୁବ ଦିନିକିଆ କ୍ରିକେଟରେ ଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଏହି ରେକର୍ଡ ବାଂଲାଦେଶର ନଜମୁଲ ହୋସେନ ଶାନ୍ତୋଙ୍କ ନାମରେ ଥିଲା। ସେ ୧୪ ବର୍ଷ ଓ ୨୪୧ ଦିନ ବୟସରେ ୨୦୧୩ରେ ଶତକ କରିଥିଲେ। ସର୍ବକନିଷ୍ଠ ଭାରତୀୟ ଭାବେ ଯୁବ ଦିନିକିଆ କ୍ରିକେଟରେ ଶତକ କରିବାର ରେକର୍ଡ ସର୍ଫରାଜ ଖାନଙ୍କ ନାମରେ ଥିଲା।

## ଫାଇନାଲରେ ୫ ଭାରତୀୟ

**ଅଷ୍ଟାନା (କାଜାଖସ୍ତାନ), ୫ା୭ (ପି.ଟି.)**

**ୱାର୍ଲ୍ଡ ବକ୍ସିଂ କପ୍**

ମୀନାକ୍ଷି, ସାକ୍ଷୀ, ପୂଜା ରାଣୀ, ହିତେଶ ଗୁଲିଆ ଓ ଜୁଗ୍‌ନୁ ଏଠାରେ ଚାଲିଥିବା ୱାର୍ଲ୍ଡ ବକ୍ସିଂ କପ୍‌ରେ ସେମାନଙ୍କ କାଟେଗୋରୀରେ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ କାଜାଖସ୍ତାନରେ ଭାରତୀୟ ବକ୍ସିଂ ଦଳ ୧୧ ପୋଡିୟମ ଫିନିଶ କରିବା ପକ୍କା ହୋଇଛି। ତନ୍ମଧ୍ୟରୁ ୬ଜଣ ରବିବାର ସ୍ୱର୍ଣ୍ଣ ପଦକ ବାଉଟ୍ ଲଢ଼ିବେ। ପୁରୁଷ ୬୫ କେଜି ଶ୍ରେଣୀରେ ଅବିନାଶ ଜାମ୍‌ୱାଲ ଭାରତ ପାଇଁ ଆଉ ଏକ ସ୍ୱର୍ଣ୍ଣ ପଦକ ସମ୍ଭାବନା ସୃଷ୍ଟି କରିଛନ୍ତି। ସେ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ମୀନାକ୍ଷି ୪୮କେଜି ସେମିଫାଇନାଲରେ ତୁର୍କୀର ନର୍ସେଲେନ୍ ୟାଲଗେଟେକିନଙ୍କୁ ୫-୦ରେ ହରାଇ ଦେଇଛନ୍ତି।

# ଚତୁର୍ଥ ରାଉଣ୍ଡରେ ସାବାଲେଙ୍କା, ସିନର

**ୱିମ୍ବଲେଡନ ଚାମ୍ପିୟନଶିପ୍**

**ଲଣ୍ଡନ,୫ା୭**

ଟେନିସ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲେଡନ ଚାମ୍ପିୟନଶିପ୍‌ରେ ଶନିବାର ଉଭୟ ମହିଳା ଓ ପୁରୁଷ ସିଙ୍ଗଲ୍ସ ବିଭାଗର ଟପ୍ ସିଡ୍ ଖେଳାଳି ଯଥାକ୍ରମେ ଆରିନା ସାବାଲେଙ୍କା ଓ ଜାନିକ ସିନର ବିଜୟ ସହ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ୧୧ତମ ସିଡ୍ ଏଲେନା ରିବାକିନା ପରାଜୟ ସହ ବିଦାୟ ନେଇଛନ୍ତି।

ଶନିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ସାବାଲେଙ୍କା ୭-୬(୮/୭), ୬-୪ ସେଟ୍‌ରେ ଏମା ରାଡୁକାନୁଙ୍କୁ ହରାଇଛନ୍ତି। ସେହିଭଳି ସପ୍ତମ ସିଡ୍ ମିରା ଆଣ୍ଡ୍ରିଭା ୬-୧, ୬-୩ ସେଟ୍‌ରେ ହେଲି ବାପ୍ଟିଷ୍ଟେଙ୍କୁ, ବ୍ରାଜିଲର ଜେସିକା ବୌଜାସ ମାନେରୋ ୬-୧, ୨-୬, ୬-୩ ସେଟ୍‌ରେ ଡାୟନା ୟଷ୍ଟ୍ରେମସ୍କାଙ୍କୁ, ସ୍ୱିଜରଲାଣ୍ଡର ବେଲିଣ୍ଡା ବେନକିକ ୬-୪, ୩-୬, ୭-୬ (୧୦/୭) ସେଟ୍‌ରେ ଏଲିସାବେଟା କୋକିଆରେଟୋଙ୍କ ଓ କ୍ଲାରା ଟୌସନ ୭-୬(୮/୬), ୬-୩ ସେଟ୍‌ରେ ରିବାକିନାଙ୍କୁ ହରାଇଛନ୍ତି।


ରିଟର୍ନ ଶଟ୍ ଖେଳିବା ଅବସରରେ ଜାନିକ ସିନର।

ପୁରୁଷ ସିଙ୍ଗଲ୍ସରେ ୱାର୍ଲ୍ଡ ନଂ-୧ ସିନର ୬-୧, ୬-୩, ୬-୧ ସେଟ୍‌ରେ ପେଡ୍ରୋ ମାର୍ଟିନେଜଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ମ୍ୟାଚରେ ୨୨ତମ ସିଡ୍ ଫ୍ଲାଭିଓ କୋବୋଲି ୬-୨, ୬-୪, ୬-୨ ସେଟ୍‌ରେ ୧୫ତମ ସିଡ୍ ଜ୍ୟାକୁବ ମେନସିକଙ୍କୁ ହରାଇ ଆଗକୁ ବଢ଼ିଛନ୍ତି।

ତରୁଣ ଆୟୁର୍ବେଦିକ୍ ପ୍ରଡକ୍ଟସ୍
ହାଇପାୱାର ସ୍କେବିଗନ ®
RING WORM OINTMENT SCABIGON ★ TRADE MARK 12gm. W.P. ★ ସ୍କେବିଗନ HIGH POWER TARUN AYURVEDIC PRODUCTS
ମଲମ ଓ ଲୋସନ
କୋଲଯାଦୁ, ପାଣିକନ୍ଦା ଓ ଗୋଇଠିଫଟା ପାଇଁ

## ଟପ୍ ସିଡ୍ ଚେନ୍‌ଙ୍କୁ ହରାଇ ଶ୍ରୀକାନ୍ତ ସେମିଫାଇନାଲରେ

**କାନାଡା ଓପନ୍ ବ୍ୟାଡ୍‌ମିଣ୍ଟନ**

କାଲଗାରି, ୫ା୭ (ପି.ଟି): ଭାରତର କିଡାମ୍ବି ଶ୍ରୀକାନ୍ତ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଏଠାରେ ଚାଲିଥିବା କାନାଡା ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବତନ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଚଳିତବର୍ଷ ମେ ମାସରେ ମାଲେସିଆ ମାଷ୍ଟର୍ସ ଫାଇନାଲରେ ପ୍ରବେଶ କରିଥିଲେ। ଏଠାରେ କ୍ୱାର୍ଟରଫାଇନାଲରେ ସେ ଟପ୍ ସିଡ୍ ତଥା ଚାଇନିଜ ତାଇପେର ଚୋଉ ତିନ୍ ଚେନ୍‌ଙ୍କୁ ୨୧-୧୮, ୨୧-୯ରେ ହରାଇ ଦେଇଥିଲେ। ବର୍ତ୍ତମାନ ୪୯ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଶ୍ରୀକାନ୍ତ ସେମିଫାଇନାଲରେ ତୃତୀୟ ସିଡ୍ ଜାପାନର କେଣ୍ଟା ନିଶିମୋଟୋଙ୍କୁ ଭେଟିବେ।

# ଓଡ଼ିଶା ପ୍ରତିଯୋଗୀଙ୍କ ଚମତ୍କାର ପ୍ରଦର୍ଶନ ଜାରି

**ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସ**

**ଭୁବନେଶ୍ୱର, ୫ା୭ (ତପନ ସ୍ୱାଇଁ)**

ଆମେରିକାର ବର୍ମିଂହାମ୍‌ରେ ଅନୁଷ୍ଠିତ ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ଓଡ଼ିଶା ପ୍ରତିଯୋଗୀଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ଅଶୋକ ଦଣ୍ଡସେନା ଶନିବାର ସୁଦ୍ଧା ଏକାକୀ ୫ଟି ପଦକ ହାସଲ କରିଛନ୍ତି। ପୂର୍ବରୁ ୮୦୦, ୧୫୦୦ ଓ ୫୦୦୦ ମିଟରରେ ସ୍ୱର୍ଣ୍ଣ ଜିତିଥିବା ଦଣ୍ଡସେନା ଶନିବାର ୧୦୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଏବଂ ପୁରୁଷ ୪x୪୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ଜିତିଛନ୍ତି। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଦଣ୍ଡସେନା ନିଜର ନିଷ୍ଠା, ଆଗ୍ରହ, ଦୃଢ଼ତା ଏବଂ ପରିଶ୍ରମ ଦ୍ୱାରା ଦେଶ ଏବଂ ରାଜ୍ୟକୁ ଗର୍ବିତ କରିଛନ୍ତି। ମହିଳା ୪x୪୦୦ ମିଟର ରିଲେ ରେସ୍‌ରେ ବ୍ରୋଞ୍ଜ ପଦକ ଜିତିଛନ୍ତି ସୁସ୍ମିତା ଟିଗା। ସେ ପୂର୍ବରୁ ୧୫୦୦ ମିଟରରେ ସ୍ୱର୍ଣ୍ଣ ଓ ୮୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ। ଅନ୍ୟଜଣେ ମହିଳା ଆଥଲେଟ୍ ସବିତା ଟପ୍ପୋ ୧୦୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ଓ ୪୦୦ ମିଟର ହର୍ଡଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିସହ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀଙ୍କ ପଦକ ସଂଖ୍ୟା ୧୪ରେ ପହଞ୍ଚିଛି।

କରାଟେର ପୁରୁଷ ୮୪ କେଜି ବର୍ଗରେ ରିତେଶ ରାୟ ସ୍ୱର୍ଣ୍ଣ ଓ ଅଭିଷେକ ପଟ୍ଟନାୟକ ବ୍ରୋଞ୍ଜ ପଦକ ଜିତିଛନ୍ତି । ପୁରୁଷ ୮୪ କେଜିରୁ କମ୍ ବର୍ଗ କରାଟେରେ ସୁମନ ଶେଖର ଦାସ ଏବଂ ୬୪ କେଜିରୁ କମ୍ ବର୍ଗରେ ଭଗବାନ ରେଡ୍ଡୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ସମସ୍ତ ପ୍ରତିଯୋଗୀ ଓଡ଼ିଶା ପୋଲିସକୁ ଅନ୍ତର୍ଜାତୀୟ ମଞ୍ଚରେ ଗର୍ବିତ କରାଇଛନ୍ତି। ଓଡ଼ିଶା ପ୍ରତିଯୋଗୀଙ୍କ ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ାବିତ୍‌ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ଶନିବାର ପଦକ ହାସଲ ପରେ ସୁସ୍ମିତା ଟିଗା ଓ ସବିତା ଟପ୍ପୋ।

## ଭାରତ-ବାଂଲାଦେଶ ସିରିଜ୍ ବର୍ଷେ ଘୁଞ୍ଚିଲା

**ନୂଆଦିଲ୍ଲୀ,୫ା୭(ପି.ଟି.)**

ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶନିବାର ଆପୋଷ ବୁଝାମଣାରେ ଭାରତ ଓ ବାଂଲାଦେଶ ମଧ୍ୟରେ ହେବାକୁ ଥିବା ହ୍ୱାଇଟ୍ ବଲ କ୍ରିକେଟ୍ ସିରିଜ୍‌କୁ ଆସନ୍ତା ବର୍ଷ ସେପ୍ଟେମ୍ବରକୁ ଘୁଞ୍ଚାଇ ଦିଆଯାଇଛି। ଏହି ସିରିଜ୍ ଆସନ୍ତା ଅଗଷ୍ଟରେ ହେବାର ଥିଲା। ଏହି ସିରିଜ୍‌ରେ ୩ ଲେଖାଏ ଦିନିକିଆ ଓ ଟି୨୦ ମ୍ୟାଚ୍ ଖେଳାଯିବାର ଅଛି। ସିରିଜ୍‌ର ସମସ୍ତ ମ୍ୟାଚ୍ ଅଗଷ୍ଟ ୧୭ରୁ ୩୧ ପର୍ଯ୍ୟନ୍ତ ଚିଟାଗଙ୍ଗ ଓ ଢାକାରେ ହେବ ବୋଲି ଘୋଷଣା କରାଯାଇଥିଲା।

ଅନ୍ତର୍ଜାତୀୟ କ୍ରିକେଟ ଚୁକ୍ତି ଓ ଉଭୟ ଦଳର କାର୍ଯ୍ୟସୂଚୀକୁ ଦୃଷ୍ଟିରେ ରଖି ଉଭୟ ବୋର୍ଡ ମଧ୍ୟରେ ଆଲୋଚନା ପରେ ସିରିଜ୍‌କୁ ଘୁଞ୍ଚାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି। ବିସିବି ହ୍ୱାଇଟ୍ ବଲ ସିରିଜ୍ ଲାଗି ଭାରତୀୟ ଦଳକୁ ଆସନ୍ତା ବର୍ଷ ସେପ୍ଟେମ୍ବରରେ ସ୍ୱାଗତ କରିବ। ପରିବର୍ତ୍ତିତ ତାରିଖ ଓ କାର୍ଯ୍ୟସୂଚୀ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି ବିସିବି ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି। ଗତ ବର୍ଷଠାରୁ ଦେଖାଦେଇଥିବା ରାଜନୈତିକ ଅସ୍ଥିରତା କାରଣରୁ ବାଂଲାଦେଶରେ ସାଧାରଣ ନିର୍ବାଚନ ମାଧ୍ୟମରେ ଏକ ସ୍ଥାୟୀ ସରକାର ଗଠନ ନ ହେଲା ପର୍ଯ୍ୟନ୍ତ ବିସିସିଆଇ ଭାରତୀୟ ଦଳକୁ ପଠାଇବାକୁ ଚାହୁଁ ନ ଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ବାଂଲାଦେଶ ସାଧାରଣ ନିର୍ବାଚନ ଆସନ୍ତା ବର୍ଷ ପୂର୍ବରୁ ହେବାର ସମ୍ଭାବନା ନାହିଁ। ଏବେ ଏହି ଦେଶରେ ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାର ରହିଛି।


ଚାଇନାରେ ହେବାକୁ ଯାଉଥିବା ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍‌ର ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଭାଗ ନେବାକୁ କଶିକା ପ୍ରଧାନ ମନୋନୀତ ହୋଇଛନ୍ତି। ଓଡ଼ିଶା ଆଦିତ୍ୟ ବିର୍ଲା ଗଗନ ନାରଙ୍ଗ ଶୁଟିଂ ହାଇପରଫର୍ମାନ୍ସ ସେଣ୍ଟରରେ କଶିକା ଟ୍ରେନିଂ ନେଉଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ